# ଗୋଟିଏ ତୂରୀ ଏକ ଅସ୍ପଷ୍ଟ ଧ୍ୱନି କରେ

ଭାଇ ଡେମୋସ୍, ଆପଣଙ୍କୁ ବହୁତ ଧନ୍ୟବାଦ । ଏହା ଏକ ଅତ୍ୟନ୍ତ ସୌଭାଗ୍ୟର ବିଷୟ ଅଟେ ଯେ ଆଜି ରାତି ଏଠାରେ ଏହି ବରଫ ଆଚ୍ଛାଦିତ ଦେଶରେ, ଏହି ଖ୍ରୀଷ୍ଟିଆନ ସଭାରେ ରହିପାରିଛୁ । ଏବଂ ଅଳ୍ପ ସମୟ ପୂର୍ବରୁ, ମୁଁ ଘରକୁ ଫୋନ୍ କରିଥିଲି, ଏବଂ ଏହା ସେଠାରେ ଉପରେ ଉତ୍ତର ପ୍ରାନ୍ତରେ, ଯେତିକି ତାହା ଏଠାରେ ତଳେ ଅଛି, ଏହା ତାହାଠୁ ପ୍ରାୟଃ କୋଡ଼ିଏ ଡିଗ୍ରୀ ଉଷ୍ମ ଅଟେ । ମୁଁ ନିଶ୍ଚିତରେ ତାହାକୁ ମୋ ସହିତ ଆଣିଥିବି । ମୁଁ ଶୀଘ୍ର ବାହାରି ଯିବି, ଏବଂ ଅତି ଶୀଘ୍ର ଠିକ୍ ଫେରି ଆସିବି । ସମସ୍ତ ଗଛ ଲତା ଜମି ଯାଉଅଛି । କ୍ରିଚି, ଆପଣ ତାହା ବିଷୟରେ କଅଣ ଭାବନ୍ତି? ଏହା ଏକ... [ଭାଇ କୁହନ୍ତି, "ଏହା ଥଣ୍ଡା ଅଛି ।"—ସମ୍ପା ।] ଏହା ନିଶ୍ଚିତରେ ଅଛି ।

2 ଏବଂ ଆଜି ରାତି, ଏହି ଉତ୍ତମ ପାଳକଙ୍କୁ ଭେଟିଥିବା ହେତୁ ଏବଂ ଆପଣ ଲୋକମାନଙ୍କୁ ଦେଖି ପାରିଥିବା ହେତୁ ବହୁତ ଖୁସି ଅଟେ । ଅଳ୍ପ କିଛି ମୁହୂର୍ତ୍ତ ହେଲା, ମୁଁ ଆସିଅଛି । ମୁଁ ଟ୍ୟୁସାନ୍‌ରୁ ଆସିଅଛି, ଯେଉଁଠାକୁକି ମୋତେ ଆଜି ଫେରି ଯିବାକୁ ଅଛି । ଗତରାତି ଗାଡି ଚଲାଇଅଛି, ଏବଂ ଆଜି ସକାଳେ ପ୍ରାୟଃ ଦୁଇଟା-ତିରିଶରେ, ଏଠାରେ ତଳେ ଟ୍ୟୁସାନ୍‌ଠାରେ ପହଞ୍ଚିଅଛି । ଏବଂ ତାହାପରେ ସେଠାରେ ତଳେ, ଦିନସାରା ରହିଥିଲି । ଏବଂ ଅଳ୍ପ କିଛି ମୁହୂର୍ତ୍ତ ହେଲା ଛାଡି ଆସିଛି...ତେବେ, ମୋର ଭିତରକୁ ଆସିବାଟା, ପ୍ରାୟଃ ଦେ-ଢ଼-ଘଣ୍ଟା ହୋଇଅଛି, ମୁଁ ଭାବୁଛି, ସେପରି କିଛି ଗୋଟାଏ ଅଟେ ଯେ ଏଠାରେ ଉପରେ ରହିଛି । ଏବଂ ତେଣୁକରି ମୋର ବହୁତ ଅଧିକ ନିଦ ହୋଇ ନାହିଁ । ମାତ୍ର ମୁଁ ଏଠାରେ ନିଦ୍ରା ନ ଯିବାକୁ ଚେଷ୍ଟା କରିବି । ମାତ୍ର ଆମେମାନେ—ଆମେମାନେ ଏଠାରେ ଥିବା ଯୋଗୁ ଆନନ୍ଦିତ ଅଟୁ ।

3 ଏହି ଛୋଟ ପିଲାଟି, ଏଠାରେ ଏହି ମାଇକ୍ରୋଫୋନ୍ ସହିତ ଖେଳୁଅଛି । ମୁଁ ସେଠାରେ ପଛରେ ଉପରେ, ଗୋଟିଏ ଛୋଟ ପିଲାର ଆସନରେ...ବସି ପଡିଲି । ଛୋଟ ପିଲାଟି ଆସିଲା, ମୋତେ ପ୍ରକୃତ ବିଚିତ୍ର ଭାବରେ ଅନାଇଲା । ମୁଁ କହିଲି, "ଆମେ ସମସ୍ତେ ପିଲାମାନେ ଏକାଠି ବସିପାରୁ, କଅଣ ଆମେ ପାରିବା ନାହିଁ କି?" ତେବେ, ମୁଁ ନିଶ୍ଚିତରେ ସେହି ସାନ ପିଲାମାନଙ୍କୁ ଭଲ ପାଏ, ତଥାପି ।

4 ଏବଂ ଏହା, ଓଃ, ଆଜି ରାତିରେ ଏଠାରେ ରହିବା, ଏବଂ ଚାରିଆଡେ ଲୋକମାନଙ୍କର ଏହି ଉତ୍ତମ ଦର୍ଶକବୃନ୍ଦଙ୍କୁ ଛିଡା ହୋଇଥିବାର ପାଇବାଟା ପ୍ରକୃତରେ ଭଲ ଅଟେ । ଏବଂ ବର୍ତ୍ତମାନ ମୁଁ ଭରସା କରୁଛି ଯେ ଭାଇ ୱିଲିୟମ୍ସ, ଏବଂ ଭାଇ ରୋଜ ଏଠାରେ, ଆପଣମାନଙ୍କୁ ଆଗାମୀ ସମ୍ମିଳନୀ ସମ୍ବନ୍ଧରେ ସମସ୍ତ ବିଷୟ କହିଛନ୍ତି । ମୁଁ ଅନୁମାନ କରୁଛି ଯେ ଆପଣମାନେ

ଏହା ସହିତ ଭଲ ଭାବରେ ପରିଚିତ ଅଟନ୍ତି । ସୀଧା ସଳଖ, ରାମାଦାରେ, ସେହି ବ୍ୟବସାୟୀ ପୁରୁଷ ସମ୍ମିଳନୀରେ ରହିବା । ଏବଂ ଆମେମାନେ ସେଠାରେ ଏକ ମହାନ ସମୟକୁ ଆଶା କରୁଅଛୁ । ଭାଇ ଭେଲମର୍ ଗାର୍ଡନର୍, ଜଣେ ଚମତ୍କାର, ଶକ୍ତିଯୁକ୍ତ ବକ୍ତା; ଏବଂ ଅନ୍ୟ ସେବକଗଣ, ଓରାଲ୍ ରୋବର୍ଟସ୍ ଏବଂ ଅନେକେ, ସେଠାରେ ଉପସ୍ଥିତ ରହିବେ । ଏବଂ ଆମେମାନେ ପ୍ରଭୁଙ୍କଠାରେ ଏକ ମହାନ ସମୟ ଆଶା କରୁଅଛୁ ।

5 ମୁଁ ଆଶା କରେ, ଏହି ସମୟଗୁଡିକ ମଧ୍ୟରୁ କୌଣସିରେ, ଆସନ୍ତୁ ଆମେମାନେ ସେହି ସ୍ଥାନରେ ଏକ ଆରୋଗ୍ୟ ସେବା କରିବା । ଉଃ-ହୁଃ । ମୁଁ ଭାଇ ଓରାଲ୍‌କୁ ନେବାକୁ ଚାହିଁବି, ଏବଂ ଆମେ ଏକାଠି ମିଶି କରିବା । ହଁ, ମହାଶୟ । କଅଣ ତାହା ଠିକ୍ ହେବ ନାହିଁ କି? ତାହା ଏହା ପାଇଁ ଏକ—ଏକ ବାସ୍ତବ ଅତି-ଗଭୀରକୁ ଯିବାର ବିଷୟ ହେବ, କଅଣ ଏହା ନୁହେଁ କି? ସେଠାରେ ରାମାଦାରେ, ଏକ ଆରୋଗ୍ୟ ସେବା, ତାହା ବହୁତ ଉତ୍ତମ ହେବ । ଆମେ...ତେଣୁକରି ଆମେ ହୁଏତ ତାହା କରିପାରୁ, ଆପଣ ଜାଣନ୍ତି । ପ୍ରଭୁ ହୁଏତ ଆମ ପାଇଁ ତାହା ଯୋଗାଇ ଦେଇପାରନ୍ତି, ଏକ ଆରୋଗ୍ୟ ସେବା କରିବା ନିମନ୍ତେ । ତେଣୁକରି ଆମେ...ବର୍ତ୍ତମାନ ଚାରିଆଡେ, ମଣ୍ଡଳୀରୁ ମଣ୍ଡଳୀକୁ ଯିବା, ସୁସମାଚାର ପ୍ରଚାର କରିବାକୁ ଚେଷ୍ଟା କରିବା, ଏବଂ ପରସ୍ପର ଜଣେ ଅନ୍ୟ ସହିତ ଜଡିତ ହେବା, ଏବଂ ସମସ୍ତ ବିଭିନ୍ନ ମଣ୍ଡଳୀଗୁଡିକରେ ସହଭାଗିତା କରିବା । ତାହା ହିଁ ଅଟେ ଯେଉଁଥିରେକି ଆମେମାନେ ବିଶ୍ୱାସ କରୁ, ଯେ ଆମେମାନେ, ଖ୍ରୀଷ୍ଟଙ୍କଠାରେ ଏକ ଅଟୁ ।

6 ମୁଁ ଅନ୍ୟ ଦିନ ଜଣେ ଡାକ୍ତରଙ୍କ ସହ କଥା ହେଉଥିଲି । ମୁଁ ବିଦେଶ ଗସ୍ତ ନିମନ୍ତେ ଯିବାକୁ ସ୍ଥିର କରୁଅଛି, ଏବଂ ଆପଣଙ୍କୁ ଏକ ଶାରୀରିକ ପରୀକ୍ଷା କରିବାକୁ ପଡିଥାଏ । ତେଣୁ ମୁଁ ଏକ ପରୀକ୍ଷା ପାଇଁ ଯାଇଥିଲି । ଏବଂ ସେ ମୋତେ ଯାଞ୍ଚ ନିମନ୍ତେ ସେହି ତରଙ୍ଗ ମଧ୍ୟରୁ ଗୋଟିଏ ଉପରେ ରଖିଦେଲେ...ମୁଁ...ଏହା କଅଣ ଅଟେ ମୋତେ ତାହା ପଚାରନ୍ତୁ ନାହିଁ । ଏବଂ ସେ ଗୋଟାଏ କିଛି ଅଦ୍ଭୁତ ବିଷୟ ପାଇଲେ । ଏବଂ ସେ ଫେରି ଆସିଲେ ଏବଂ ଏହା କଅଣ ଥିଲା ଜାଣି ପାରିଲେ ନାହିଁ, ଏବଂ ସେ ଡାକ୍ତରମାନଙ୍କର ଏକ ପରିଷଦକୁ ଗଲେ, ଏବଂ ସେ ତ ତାହାକୁ ବୁଝିପାରି ନ ଥିଲେ । ସେ କହିଲେ, "ମୁଁ ଏହା ପୂର୍ବରୁ କେବେ ବି ତାହା ଦେଖି ନାହିଁ ।" ଏବଂ ତେଣୁକରି ସେ ମୋତେ ଏହାର ଚିତ୍ର ଦେଖାଇଲେ, ଯେଉଁଠାରେକି ସାଧାରଣତଃ ଭାବେ ସେହି ସଚେତନ ରହିଥାଏ, ଏବଂ ଆପଣଙ୍କର ଏକ ଅବଚେତନ ରହିଥାଏ, ଏବଂ ସେମାନେ ପରସ୍ପରଠାରୁ ବହୁ ଦୂରରେ ରହିଥାଆନ୍ତି । ମାତ୍ର ସେ ମୋ କ୍ଷେତ୍ରରେ ଲକ୍ଷ୍ୟ କଲେ ଯେ ସେହି ଦୁହେଁ ଠିକ ଏକାଠି ଅଛି । କହିଲେ, "ଆପଣ ଜଣେ ପ୍ରକୃତ ବିଚିତ୍ର ବ୍ୟକ୍ତି ଅଟନ୍ତି ।"

ମୁଁ କହିଲି, "ମୁଁ ତ ସବୁବେଳେ ତାହା ଜାଣିଅଛି । ସମସ୍ତେ ଜାଣିଥାନ୍ତି ।"

7 କହିଲେ, "ଆମେମାନେ ଏହା ପୂର୍ବରୁ କେବେ ହେଲେ ସେହିପରି ଦେଖି ନ ଥିଲୁ ।" ତେଣୁ ସେ ମୋତେ ଏହା ବିଷୟରେ କହିବାକୁ ଲାଗିଲେ ।

8 ମୁଁ କହିଲି, "ତେବେ," ମୁଁ କହିଲି, "ଆପଣ ଜାଣନ୍ତି, ମୁଁ ଅନୁମାନ କରେ ଯେ ମଙ୍ଗଳମୟ

ପ୍ରଭୁ, ଯେତେବେଳେ ସେ ଆମମାନଙ୍କୁ ସୃଷ୍ଟି କରନ୍ତି, ସେ ଆମକୁ ଟିକିଏ ଭିନ୍ନ କରନ୍ତି। ଆମେମାନେ ତ ଜଣେ ଅନ୍ୟ ପରି ପରସ୍ପର ଦେଖାଯାଇ ନ ଥାଉ, ଏବଂ ତେଣୁକରି ବେଳେବେଳେ ଆମେମାନେ ପରସ୍ପର ପରି ଆଚରଣ ସୁଦ୍ଧା କରି ନ ଥାଉ। ମାତ୍ର—ମାତ୍ର ସେ ଏହାକୁ ତାହାଙ୍କ ପ୍ରତି କରନ୍ତି…ଏହାକୁ ତାହାଙ୍କର ନିଜ ପ୍ରକାରେ ତିଆରି କରନ୍ତି। ଆମେ ତ କେବଳ ସେହି ବଡ ଗଢିବାର ଯନ୍ତ୍ର ଭିତରକୁ ଯିବା, ଏବଂ ଆମେ କେବଳ ସ୍ଥିର ଭାବରେ ବସିବା, ସେ ଆମକୁ ସେହିପରି ଭାବରେ ଗଢିବେ ଯେପରି ଆମେ ହେଉ ବୋଲି ସେ ଚାହାଁନ୍ତି।"

9 ଏବଂ ମୁଁ—ମୁଁ ଜାଣେ ଯେ କେହି ହେଲେ ତାହା ବ୍ୟତୀତ ଅନ୍ୟ କିଛି ହେବାକୁ ଇଚ୍ଛା କରନ୍ତି ନାହିଁ ମାତ୍ର ଯାହାକି ଆପଣ ଅଟନ୍ତି। କେବଳ ଗୋଟିଏ ବିଷୟ ଯାହାକି ଆମେମାନେ ସମସ୍ତେ ଇଚ୍ଛା କରିପାରୁ…ଆମେମାନେ ପରିତ୍ରାଣ ପାଇସାରିବା ପରେ ଏବଂ ପରମେଶ୍ୱରଙ୍କ ସନ୍ତାନ ହୋଇସାରିବା ପରେ, କେବଳ ଗୋଟିଏ ମାତ୍ର ବିଷୟ ଆମେମାନେ ଚାହୁଁ ତାହା ହେଉଛି ପ୍ରତିଦିନ ଟିକିଏ ନିକଟତର ଗମନାଗମନ କରିବା। ତାହାହିଁ ଅଟେ ଯାହାକି ଆମେମାନେ ଇଚ୍ଛା କରିଥାଉ, ସେହି ମହାନ ସହଭାଗୀତା ନିମନ୍ତେ। ଏହା କେତେ ଅଦ୍ଭୁତ ଅଟେ! କଅଣ ଆପଣମାନେ କେବେ ଏହା ଭାବିବା ପାଇଁ ଅଟକିଛନ୍ତି ଯେ ଆମେମାନେ କଅଣ କରିବା ଯଦି ଆମ ପାଖରେ ତାହା ନ ଥିବ? କଅଣ—କଅଣ…ଯଦି ସେହି ମହାନ ଆଶା ଆମ ଭିତରେ ବାସ ନ କରେ, ତେବେ ଆମେ କଅଣ କରିବା?

10 ମୁଁ ଗୋଟିଏ ମଣ୍ଡଳୀରେ, କହୁଥିଲି, ହୋଇପାରେ ଯେ ମୁଁ…ପ୍ରଥମେ, ଗୋଟିଏ ସ୍ଥାନ, ତାହାପରେ ଅନ୍ୟ, ଏବଂ ସାରା ଦେଶରେ ମୁଁ କୌଣସି ସମୟରେ ଏକ ଟିପ୍ପଣୀ କରିଥାଏ, ଭାବେ ଯେ ମୁଁ ଏହାକୁ ସେହି ସମାନ ମଣ୍ଡଳୀରେ ପୁନରାବୃତ୍ତି କରି ଦେଇପାରେ। ମାତ୍ର ମୁଁ ସେହି ଭବନରୁ ବାହାରକୁ ଯାଉଥିଲି ଯେଉଁଠାରେକି ମୁଁ ଏହି ଲୋକମାନଙ୍କ ବିଷୟରେ ଏକ ପ୍ରକାରେ ଭାରଗ୍ରସ୍ତ ହୋଇ ରହିଥିଲି, ଯେଉଁମାନେକି ଆଜି ଏଠାରେ ସେହି ନୂତନ ନୃତ୍ୟ କରୁଛନ୍ତି ଯାହା ସେମାନେ ପାଇଛନ୍ତି, ଯାହାକୁ ସେମାନେ ଟ୍ୱିଷ୍ଟ, କିମ୍ବା ସେହିପରି କିଛି ଗୋଟାଏ କୁହନ୍ତି। ଏବଂ ମୁଁ କହିଲି, "ମୁଁ ତ କେବଳ ଜାଣେ ନାହିଁ, ଯାହାକି ଜଗତ, ଲୋକମାନେ ସେମାନଙ୍କର ଗୋଡ଼ ଭାଙ୍ଗିବାକୁ ଚାହାଁନ୍ତି ଏବଂ—ଏବଂ ସେହିପରି ଭବରେ ଆଚରଣ କରିବାକୁ ଛାହାଁନ୍ତି।"

11 ତେଣୁକରି, ସେଠାରେ ଜଣେ ବ୍ୟକ୍ତି ଥିଲେ, ପ୍ରାୟଃ ଛ-ବିଶ, ସତେ-ଇଶ ବର୍ଷ ବୟସ୍କ, ମୋତେ ପଛ ପଟରେ ଭେଟିଥିଲେ, କହିଲେ, "ଗୋଟାଏ କ୍ଷଣ, ଶ୍ରୀମାନ ବ୍ରାନହାମ୍।"

ମୁଁ କହିଲି, "ହଁ, ମହାଶୟ?"

ସେ କହିଲେ, "ଆପଣ ଜାଣିଛନ୍ତି, ଆପଣ ତାହା ବୁଝୁ ନାହାଁନ୍ତି।"

ମୁଁ କହିଲି, "ମୁଁ ଆଶା କରେ ଯେ ମୁଁ କେବେବି ବୁଝେ ନାହିଁ।"

12 ତେଣୁକରି ସେ କହିଲେ, "ଆପଣ ଦେଖନ୍ତୁ," ସେ କହିଲେ, "ମୁଁ ଆପଣଙ୍କର ମୂଳ ବିଷୟକୁ ଦେଖିପାରେ।" କହିଲେ, "ଆପଣ ଜଣେ ପଚାଶ ବର୍ଷ ବୟସର ବ୍ୟକ୍ତି। ମାତ୍ର ଯଦି ଆପଣ ମୋର ବୟସରେ ହୋଇଥାନ୍ତେ, ତେବେ ଏହା ଭିନ୍ନ ହୋଇଥାନ୍ତା।"

13 ମୁଁ କହିଲି, "ଗୋଟିଏ ମିନିଟ୍ ଅପେକ୍ଷା କର।" ମୁଁ କହିଲି, "ମୁଁ ସେତେବେଳେ ସୁଦ୍ଧା ସୁସମାଚାର ପ୍ରଚାର କରୁଥିଲି ଯେତେବେଳେ ମୁଁ ତୁମଠାରୁ ଦଶ ବର୍ଷ ସାନ ଥିଲି। ମୁଁ ଏବେ ସୁଦ୍ଧା ସେହି ସମାନ ସୁସମାଚାରକୁ ବିଶ୍ୱାସ କରେ। ମୁଁ କିଛି ଗୋଟାଏ ବିଷୟକୁ ପାଇଥିଲି ଯାହାକି ଘଟିତ ହୋଇଥିଲା, ଏବଂ ଅନ୍ୟ ଯେକୌଣସି ବିଷୟ ଅପେକ୍ଷା ଯାହାକି ଶୟତାନ କୌଣସି ସ୍ଥାନରେ ଉତ୍ପାଦନ କରିପାରେ ପ୍ରଭୁଙ୍କ ସେବା କରିବାରେ ଅଧିକ ଆନନ୍ଦ ପାଇଥାଏ।" ଏହା ଏକ...ଏହା ଏକ ସନ୍ତୋଷ ପ୍ରଦାନ କରିଥାଏ।

14 ଆପଣ ଜାଣନ୍ତି, ଦାଉଦ, ଥରେ କହିଥିଲେ, "ହରିଣୀ ଯେମିତି ଜଳଧାରା ପାଇଁ ଧକାଏ, ହେ ପରମେଶ୍ୱର, ମୋ ପ୍ରାଣ ସେପରି ତୁମ ପାଇଁ ଧକାଏ।"

15 ଏବଂ ଯଦି ଆପଣ କେବେ ସେହି ସାନ ଜୀବମାନଙ୍କ ମଧ୍ୟରୁ ଗୋଟିଏକୁ ଦେଖିବେ, ଯେତେବେଳେ ସେ—ସେ ଆଘାତ ହୋଇଥାଏ, ବୋଧହୁଏ କୁକୁରମାନେ ତାକୁ ଧରି ପକାଇଥିବେ, ଏବଂ ତାର ପାର୍ଶ୍ୱରୁ ଏକ ବଡ ଖଣ୍ଡ, ବା କିଛି ଗୋଟାଏ ଟାଣି ବାହାର କରି ଦେଇଥିବେ। ସେ ରକ୍ତସ୍ରାବ କରୁଥିବ। ଏବଂ, ସେ, ସେହି କୁକୁର ତାକୁ ଅନୁସରଣ କରିପାରେ। ସେ ଜଣେ ମଣିଷ ପରି ନୁହେଁ। ଏବଂ ସେ ସେହି ହରିଣ ବିଷୟରେ ଜାଣିପାରେ ଯେ ସେ ରକ୍ତସ୍ରାବ କରୁଅଛି କି ନାହିଁ। ଏବଂ ତେଣୁକରି ସେହି ଏକମାତ୍ର ଉପାୟ...ଯଦି ସେହି ହରିଣଟି ରକ୍ତସ୍ରାବ କରୁଥାଏ, ତେବେ ଏକମାତ୍ର ଉପାୟ ଯେ ସେ କଦାପି ବଞ୍ଚିପାରେ ତାହା ହେଉଛି ସେହି ସ୍ଥାନକୁ ପହଞ୍ଚିବା ଯେଉଁଠାରେ ଜଳ ଥାଏ। ଏବଂ ଯଦି ସେ କେବେ ସେହି ସ୍ଥାନକୁ ପହଞ୍ଚିପାରେ ଯେଉଁଠାରେକି ଜଳ ଥାଏ, ତେବେ ସେ ସେହି ଜଳକୁ ପାନ କରିବ। ଏହା ସେହି ରକ୍ତସ୍ରାବକୁ ବନ୍ଦ କରି ଦେବ, ଏବଂ—ଏବଂ ସେ ସେଠାରୁ ବଞ୍ଚି ପଳାଇ ଯାଇପାରେ। ସେ ଅତି ପ୍ରଖର ଅଟେ।

16 ମାତ୍ର ବର୍ତ୍ତମାନ ଆପଣ, ସେହି ସାନ ଜୀବ ମଧ୍ୟରୁ ଗୋଟିଏକୁ ଆହତ ଏବଂ ରକ୍ତସ୍ରାବ ହେଉଥିବା ବିଷୟକୁ ଦେଖିବାର କଳ୍ପନା କରିପାରନ୍ତି, ଏବଂ କିପରି ତାର ଛୋଟ ମୁଣ୍ଡଟିକୁ ଉପର କରିଥାଏ, ଏବଂ ତାର ନାକ ସହିତ, ଜଳ କେଉଁଠାରେ ଅଛି ତାହା ଜାଣିବା ପାଇଁ ତାହା ପାଖରେ ଥିବା ସମସ୍ତ ଘ୍ରାଣଶକ୍ତିକୁ ବ୍ୟବହାର କରିଥାଏ। କେବଳ, ସେ ନିଶ୍ଚିତରେ ଜଳ ପାଇବା ଉଚିତ୍, ନଚେତ୍ ବିନଷ୍ଟ ହୋଇଯିବ। ଏବଂ ବର୍ତ୍ତମାନ ଏହା ତାର ପାଇଁ, କେବଳ ଜୀବନ ଏବଂ ମୃତ୍ୟୁ ଅଟେ। ସେ, କେବଳ ପ୍ରତ୍ୟେକ—ପ୍ରତ୍ୟେକ—ପ୍ରତ୍ୟେକ ସେହି ଘ୍ରାଣଶକ୍ତି ଯାହା ତାହା ପାଖରେ ରହିଥାଏ, ସେ ଚେଷ୍ଟା କରୁଥାଏ, ଅନୁସନ୍ଧାନ କରୁଥାଏ। ସେ ନିଶ୍ଚିତରେ ଜଳ ପାଇବା ଉଚିତ୍।

17 ତେବେ, ସେହି ଉପାୟରେ ଆମେ ପରମେଶ୍ୱରଙ୍କ ନିମନ୍ତେ ତୃଷାର୍ତ୍ତ ହେବା ଉଚିତ୍।

ବୁଝିଲେ? "ହରିଣୀ ଯେପରି ଜଳଧାରା ପାଇଁ ଧକାଏ, ହେ ପରମେଶ୍ୱର, ମୋ ପ୍ରାଣ ସେପରି ତୁମ ପାଇଁ ଧକାଏ।" ମୋର ହୃଦୟର ଇଚ୍ଛା ଏହା ଯେ, ତାହାଙ୍କ ସହିତ କୌଣସି ସ୍ଥାନରେ ଲୁଚି ରୁହେ। ଏବଂ ମୁଁ ବିଶ୍ୱାସ କରେ ଯେ ଆଜି ରାତିରେ ଏଠାରେ ଥିବା ସମସ୍ତଙ୍କର ତାହାହିଁ ଇଚ୍ଛା ଅଟେ।

18 ଏବଂ ବର୍ତ୍ତମାନ, ରାତି ପରେ ରାତି, ଆଉ ମୁଁ ଏହା ଦେଖିବାକୁ ପସନ୍ଦ କରେ। ସେହି ଚେହେରାଗୁଡିକ ଯାହା ଆପଣ ଗୋଟିଏ ସ୍ଥାନରେ ଦେଖନ୍ତି, ଆପଣ ସେଗୁଡିକୁ ଅନ୍ୟ ସ୍ଥାନରେ ବି ଦେଖନ୍ତି। ମୁଁ—ମୁଁ ତାହା ପସନ୍ଦ କରେ। ଆପଣ ନିଜର ସହଭାଗିତାକୁ ଦେଖାଉଅଛନ୍ତି, ଏବଂ ଏହା ପ୍ରକାଶ କରୁଅଛନ୍ତି ଯେ ଆମେ ଏଠାରେ କଅଣ ପାଇଁ ଅଛୁ।

19 ଏବଂ, ଓଃ, ମୁଁ ନିଶ୍ଚିତ ଭାବରେ ଫିନିକ୍ସରେ ଏକ ପୁରୁଣା-କାଳିଆ ଉଦ୍ଦୀପନା ଦେଖିବାକୁ ଭଲ ପାଏ। ଓଃ, ମୋର ପ୍ରଭୁ! ସେହି ଶବ୍ଦ *ଫିନିକ୍ସ* ମୋତେ ପ୍ରଥମ ଥରଠୁ ଯେତେବେଳେ ମୁଁ ତାକୁ, ତାହା ବିଷୟରେ ପାଠ କରିଥିଲି ଉତ୍ସାହିତ କରିଅଛି: ଫିନିକ୍ସ, ଆରିଜୋନା। ମୋର ପ୍ରଭୁ, ସାନ ପିଲା ଥିବା ବେଳେ, ମୁଁ ଭାବୁଥିଲି, "ଯଦି ମୁଁ କେବେ ସେହି ସ୍ଥାନକୁ ଯାଇପାରିବି! ଯଦି ମୁଁ କେବେ ସେଠାରେ, ଫିନିକ୍ସକୁ ପହଞ୍ଚି ପାରିବି!" ଏବଂ ବର୍ତ୍ତମାନ ଏହାକୁ ଦେଖୁଅଛି, ଏବଂ ଯେତେବେଳେ ଆମେମାନେ ଏଠାରେ ଅଛୁ ଆମେ ଏହାକୁ ପାପର ଗଭୀରତାରେ ବୁଡି ଯାଇଥିବାର ଦେଖୁ, ଯେପରିକି ଅନ୍ୟ ସମସ୍ତ ସ୍ଥାନଗୁଡିକ ରହିଛି, ପର୍ଯ୍ୟଟକମାନେ ଆସୁଛନ୍ତି; ଏବଂ ମଦ୍ୟପାନ କରୁଛନ୍ତି, ମୌଜ ମଜଲିସ କରୁଛନ୍ତି, ଅନୈତିକତା, ସବୁକିଛି ସଙ୍ଗରେ ଚାଲୁଅଛି।

20 ମାତ୍ର, ତଥାପି, ସେହି ସବୁ ମଧ୍ୟରେ, ଆପଣ କେତେକ ପ୍ରକୃତ ମଣି ମୁକ୍ତାଗୁଡିକୁ ପାଆନ୍ତି ଯେଉଁମାନଙ୍କୁ ପରମେଶ୍ୱର ଏହି ମରୁଭୂମିରୁ ବାହାର କରିଥିଲେ, ଯେଉଁମାନେକି ପରମେଶ୍ୱରଙ୍କ ଗୌରବମୟ ଲୋକମାନଙ୍କ ମୁକୁଟରେ ଝଲସି ଉଠୁଛନ୍ତି। ଏବଂ ତାହାହିଁ ଅଟେ ଯେଉଁଥି ପାଇଁ ମୁଁ, ଆଜି ରାତି ଏଠାରେ ଅଛି, ଯେ ମୁଁ ନିଜକୁ ଆପଣ ଭାଇ ଓ ଭଉଣୀମାନଙ୍କ ସହିତରେ ରଖେ, ଯେପରିକି ପ୍ରଭୁ ଯୀଶୁଙ୍କର ଆଲୋକକୁ ଅନ୍ୟମାନଙ୍କ ପ୍ରତି ଆଲୋକିତ କରିବାକୁ ଚେଷ୍ଟା କରୁ, ଯେଣୁ ସେମାନେ ମଧ୍ୟ, ଏହି ମହାନ ସଂକଟର ସମୟରେ, ଖୋଜା ଯାଇପାରନ୍ତି। ଏବଂ ସେମାନଙ୍କ ମଧ୍ୟରୁ ଅନେକେ ଏବେ ସୁଦ୍ଧା ସେଠାରେ ବାହାରେ ଅଛନ୍ତି। ମୁଁ ସେଥିରେ ସନ୍ତୁଷ୍ଟ ଅଟେ। ଏବେ ବି ଅନେକଙ୍କୁ ଭିତରକୁ ଆସିବାକୁ ଅଛି, ଏବଂ ସେମାନଙ୍କୁ ସେଠାରେ ପହଞ୍ଚାଇ ପାରିବା ନିମନ୍ତେ ଆମେମାନେ ଯଥାସମ୍ଭବ କାର୍ଯ୍ୟ କରିବା ଉଚିତ୍, ଏବଂ ଏପରି ଏକ ଜୀବନ ଯାପନ କରିବା ଉଚିତ୍ ଯାହାକି ଖ୍ରୀଷ୍ଟଙ୍କୁ ପ୍ରତିଫଳିତ କରିବ।

21 ବର୍ତ୍ତମାନ, ଠିକ ଏହା ପୂର୍ବେକି ଆମେ ଶାସ୍ତ୍ରର ଏକ ଛୋଟ ଅଂଶ ପାଠ କରୁ...ମୁଁ ଏତେ ବିଳମ୍ବରେ ପହଞ୍ଚିଲି ଯେ ପ୍ରାୟଃ ପାଞ୍ଚ ମିନିଟ୍ ସମୟ ମଧ୍ୟରେ, ମୁଁ ଅଳ୍ପ କେତେକ ନୋଟଗୁଡିକୁ ଲେଖିଲି। ଏବଂ ସଂଘୀୟ ଆୟକର ସଂସ୍ଥା ମୋତେ ଠିକ କିଛି କରଦାନର କାଗଜପତ୍ର

ପଠାଇଅଛି, ଯାହା ମୋତେ ତୁରନ୍ତ ହିଁ ସମାଧାନ କରିବାକୁ ପଡିଥିଲା, ଏବଂ ଏହାକୁ ପୋଷ୍ଟ ମାର୍କ କରିବାକୁ ଅଛି, ମୁଁ ଭାବୁଛି, ବୋଧହୁଏ, ଆଜି ସୁଦ୍ଧା । ଏବଂ ତେଣୁକରି ମୋତେ ଡାକଘରକୁ ଯିବାକୁ ପଡିଥିଲା । ଏବଂ ଯେତେବେଳେ ମୁଁ ଭିତରକୁ ଗଲି, ବିଲି କହିଲା, "ଭଲ ହେବ ଯେ ଆପଣ ଶୀଘ୍ର କରନ୍ତୁ ।" ଏବଂ ତେଣୁକରି ଏଠାରେ...

22 ମୁଁ କେବଳ ସେହି ବ୍ୟକ୍ତିମାନଙ୍କ ସହିତରେ ଚାରିଆଡ଼େ, ଏବଂ ଚାରିଆଡ଼େ, ଚାରିଆଡ଼େ ରହିଥିଲି । ମୋର, ଓଃ, ମୋର ପ୍ରଭୁ! ସେମାନେ ନ୍ୟାୟାଳୟ ଦ୍ୱାର ମଧ୍ୟରେ ନ୍ୟାୟ ବିଷୟକ କଥାବାର୍ତ୍ତା କରନ୍ତି । ମୁଁ ଆଶ୍ଚର୍ଯ୍ୟ କରେ ଯେ ଏହା କେଉଁଠାରେ ଅଛି । ହଁ । ମୁଁ କେବେ ହେଲେ ସେହିପରି ଦେଖି ନାହିଁ । ଏବଂ ସେମାନେ ଚାହୁଁଥିଲେ ଯେ ଗତ ପଚାଶ ବର୍ଷ ଧରି ମୋତେ ଦିଆଯାଇଥିବା ପ୍ରତ୍ୟେକ ଚେକ୍ ଉପରେ ମୁଁ ଆୟକର ଦିଏ, ଯେଉଁଗୁଡିକ ସେହି ଅଭିଯାନର ଋଣ ପରିଶୋଧ କରିବା ନିମନ୍ତେ ଦିଆ ଯାଇଥିଲା, ପୁଣି ତାହା ସହିତରେ ଅପରାଧ ମାମଲା ସଲଗ୍ନ ଥିଲା, ଦେଖନ୍ତୁ, ତିନି-ଶହ ଏବଂ ପଞ୍ଚା-ବନ ହଜାର ଡଲାର ଟଙ୍କା ।

23 ମୁଁ କହିଲି, "ମୋତେ କେବଳ ଗୁଳି କରି ଦିଅ ।" ମୁଁ ଏହା କିପରି କରି ପାରିବି? ମୁଁ କହିଲି, "ମୋ ପାଖରେ ତ ବଡ଼ କଷ୍ଟରେ ପଞ୍ଚା-ବନ ପଇସା ସୁଦ୍ଧା ନାହିଁ ।" ମୁଁ କହିଲି, "ମୁଁ ଏହା କିପରି କରିପାରିବି?" ଏବଂ ପାଞ୍ଚ ବର୍ଷ ହେଲାଣି ସେମାନେ ମୋତେ ସେହି ମାମଲାରେ ଧରି ରଖିଛନ୍ତି ।

24 ତେଣୁକରି, ଲୋକମାନେ ଦେଇଥିବା ବିଷୟରେ । ଯେପରିକି, ଆମର ଏକ ଅଭିଯାନ ହେଉଅଛି, ଏବଂ—ଏବଂ ଲୋକମାନେ, ସେମାନେ କେବଳ ଜାଣିଛନ୍ତି ଯେ ମୋର ନାମ ହେଉଛି ୱିଲିୟମ୍ ବ୍ରାନହାମ୍, ସେମାନେ କେବଳ ଖର୍ଚ୍ଚ ପାଇଁ ଏକ ଚେକ୍ ଲେଖି ଦିଅନ୍ତି । ସେବକମାନେ ଏହାର ଯତ୍ନ ନିଅନ୍ତି । ମୁଁ ମୋ ଜୀବନରେ କେବେବି ଏକ ନୈବେଦ୍ୟ ଗ୍ରହଣ କରି ନାହିଁ । ଏବଂ ତେଣୁକରି ସେମାନେ ପାଆନ୍ତି...ମୁଁ ମୋ ମଣ୍ଡଳୀରୁ ଏକ—ଏକ ଦରମା ପାଏ, ସପ୍ତାହକୁ ଶହେ ଡଲାର ।

25 ଏବଂ ଏହି ନୈବେଦ୍ୟ...ମାତ୍ର ପ୍ରତ୍ୟେକ ଜଣ, ଦେଖନ୍ତୁ, ଯାହା ସେମାନେ ସେଥିରେ ରଖନ୍ତି...ଏବଂ ପରଦିନ ସକାଳେ, ସେହି—ସେହି—ସେହି—ସେହି ଜଣକ ଯିଏକି ସେହି ବିତ୍ତ କମିଟିର ମୁଖ୍ୟ ଥିଲେ, ସେ ଆସନ୍ତି ଓ କୁହନ୍ତି, "ଭାଇ ବ୍ରାନହାମ୍, ଆପଣଙ୍କୁ ଏହି ଚେକ୍ ଗୁଡିକୁ ହସ୍ତାକ୍ଷର କରିବାକୁ ପଡିବ ।" ଏବଂ, କାହିଁକି, ମୁଁ ତ କେବଳ ସେଗୁଡିକୁ ହସ୍ତାକ୍ଷର କରି ଦେଇଥାଏ । ସେ ସେଗୁଡିକୁ ଦେଇ ଦିଅନ୍ତି । ଏବଂ ତେବେ ସେମାନେ ସେସବୁକୁ ଯାଞ୍ଚ କଲେ, ଏବଂ ସେଥିରେ ଗୋଟିଏ ପଇସା ହେଲେ ମୋ ପାଇଁ ଖର୍ଚ୍ଚ ହୋଇ ନ ଥିଲା । ମାତ୍ର ଯେତେବେଳେ ମୁଁ ସେହି ଚେକ ଗୁଡିକୁ ହସ୍ତାକ୍ଷର କଲି, ସେମାନେ କହିଲେ ଯେ ତାହା ମୋର ଥିଲା । ଲୋକମାନେ ଏହାକୁ ମୋତେ ଦେଇଥିଲେ, ତାହାପରେ ମୁଁ ଏହାକୁ ମଣ୍ଡଳୀକୁ ଦେଇଥାଏ । ଓଃ, ମୋର ପ୍ରଭୁ!

26 ପ୍ରଥମେ, ମୁଁ ପ୍ରକୃତରେ ଖରାପ ଅନୁଭବ କରୁଥିଲି, ତାହାପରେ ମୁଁ ଜାଣିବାକୁ ପାଇଲି

ଯେ ବାଇବଲର ପ୍ରତ୍ୟେକ ବ୍ୟକ୍ତି, ମୁଁ ବିଶ୍ୱାସ କରେ, ଯିଏକି କେବେ ପରମେଶ୍ୱରଙ୍କ ପାଇଁ ଏକ ଆତ୍ମିକ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ, ସଂଘୀୟ ଶାସନମାନଙ୍କ ସହିତ ସମ୍ପର୍କରେ ଥିଲେ। ଏହାକୁ ପୁନର୍ବାର ଯାଞ୍ଚ କରନ୍ତୁ ଏବଂ ଖୋଜି ଦେଖନ୍ତୁ। ତାହା ଠିକ୍ ଅଟେ। ମୋଶା, ଦାନିୟେଲ, ବାପ୍ତିଜକ ଯୋହନ। ଯୀଶୁ ଖ୍ରୀଷ୍ଟ ସଂଘୀୟ ଶାସନର ହସ୍ତ ତଳେ, ପ୍ରାଣଦଣ୍ଡ ଅଧୀନରେ ମୃତ୍ୟୁବରଣ କରିଥିଲେ। ପିତର, ଯାକୁବ, ଯୋହନ, ଯୋହନ ପ୍ରକାଶିତ ବାକ୍ୟ ଲେଖକ, ସମସ୍ତେ, ପ୍ରତ୍ୟେକେ...ସମସ୍ତେ ନିର୍ଯ୍ୟାତନା ଭୋଗ କରିଥିଲେ।

27 କାହିଁକି? ଏହା ତ ଶୟତାନର ଆସନ ଅଟେ। କଅଣ ଆପଣ ତାହା ଜାଣନ୍ତି କି? କଅଣ ଆପଣ ଜାଣନ୍ତି କି, ଶୟତାନ ଯୀଶୁଙ୍କୁ ଉପରକୁ ନେଇ କିଛି ସମୟ ମଧ୍ୟରେ, ତାଙ୍କୁ ସମସ୍ତ ରାଜ୍ୟ, ସେହି ଜଗତ ଦେଖାଇଥିଲା? ଏବଂ ସେ କହିଥିଲା, "ସେସବୁ ମୋର ଅଟେ। ମୋର ଯାହା ଇଚ୍ଛା ମୁଁ ତାହା ସେମାନଙ୍କ ସହିତ କରେ। ବୁଝିଲେ? ଏବଂ ମୁଁ ସେଗୁଡିକ ତୁମକୁ ଦେଇ ଦେବି ଯଦି ତୁମେ ତଳେ ପଡ଼ି ମୋତେ ଦଣ୍ଡବତ କରିବ।" ଅତଏବ ଆପଣମାନେ ଦେଖନ୍ତୁ ଯେ ସେଗୁଡିକ କାହା ସହିତ ସମ୍ପୃକ୍ତ ଅଟେ? ଆମେ ନିଜ ବିଷୟରେ ତାହା ଭାବିବାକୁ ଘୃଣା କରୁ, ମାତ୍ର ଏହା ଅଟେ।

28 ତେଣୁକରି ସେ କହିଲେ, ଯୀଶୁ କହିଲେ, "ଦୂର ହୁଅ, ଶୟତାନ।" ସେ ଜାଣିଥିଲେ ଯେ ସହସ୍ରାବ୍ଦୀରେ ସେ ସେଗୁଡିକ ଉପରେ ଉତ୍ତରାଧିକାରୀ ହେବେ। ସେ ଜାଣିଥିଲେ ଯେ ସେଗୁଡିକ ତାହାଙ୍କର ହେବ ଯେତେବେଳେ...ଯେତେବେଳେକି, ଯଦି ଏହି ଦେଶଗୁଡିକ ପରମେଶ୍ୱରଙ୍କ ଦ୍ୱାରା ଶାସିତ ହୋଇଥାନ୍ତା, ତାହାହେଲେ ବର୍ତ୍ତମାନ ହିଁ ସହସ୍ରାବ୍ଦୀ ରାଜ୍ୟ ବ୍ୟାପ୍ତ ହୋଇଥାନ୍ତା। ମାତ୍ର ଏକ ସମୟ ଆସିବ।

29 ସେମାନେ ଶାନ୍ତି ଆଣିବାକୁ ଚେଷ୍ଟା କରି, ରାଷ୍ଟ୍ରସଂଘ ଏବଂ ରାଷ୍ଟ୍ର ପରିଷଦ, ଏବଂ ସବୁକିଛି ଗଠନ କରିଥିଲେ। ମାତ୍ର ଯେପର୍ଯ୍ୟନ୍ତ ଶୟତାନ ଏହାର ଶୀର୍ଷରେ ଅଛି, ଏବଂ ରାଜନୀତି, କଅଣ ହେବାକୁ ଯାଉଅଛି? ସେମାନେ ନିଶ୍ଚିତ ଭାବରେ ଜଗତ ପରିକା ଯୁଦ୍ଧ କରିବେ।

30 ମାତ୍ର ଏପରି ଏକ ସମୟ ଆସିବ ଯେତେବେଳେ ସମସ୍ତ ଅସ୍ତ୍ର ଶସ୍ତ୍ର ଥାକ ଲଗାଯିବ। ଏବଂ ଟ୍ୟାପ୍‌ଗୁଡିକ ଶବ୍ଦ ହେବ, ଏବଂ ସେହି ସକାଳଟି ଅନନ୍ତ, ଉଜ୍ଜ୍ୱଳ ଏବଂ ସ୍ୱଚ୍ଛ ହୋଇ ଆସିବ। ଆମର ରାଜା ତାହାଙ୍କର ସିଂହାସନ ଗ୍ରହଣ କରିବେ। ଓଃ! ସେଠାରେ ଗୀତ ଗାନ ହେବ; ସେଠାରେ ଚିତ୍କାର କରିବା ହେବ। ଏବଂ ସେଠାରେ ଗୋଟିଏ ପତାକା, ଗୋଟିଏ ଲୋକ, ଗୋଟିଏ ରାଷ୍ଟ୍ର, ଗୋଟିଏ ଭାଷା, ସ୍ୱର୍ଗୀୟ ଭାଷା କୁହାଯିବାର ହେବ। ଆମେନ୍। ମୁଁ ସେହି ସମୟର ଅପେକ୍ଷାରେ ଅଛି। ଏବଂ ମୁଁ ପରମେଶ୍ୱରଙ୍କ ଉପରେ ଭରସା କରି, ସେହି ଚିହ୍ନ ଆଡକୁ ଧାଉଁଅଛି, କୌଣସି ଦିନେ ଯେତେବେଳେକି ଏହା ସମାପ୍ତ ହେବ, ମୁଁ କହିପାରେ...ମୁଁ ତାହାଙ୍କୁ ମୋତେ ଏହା କହୁଥିବାର ଶୁଣିପାରେ, "ଉଚ୍ଚକୁ ଉଠି ଆସ।"

31 ମୁଁ ଆଜି ଏଠାରେ ଫିନିକ୍ସରେ ପ୍ରଭୁଙ୍କ ନାମରେ ଅଛି। ମୁଁ ତାହା ବୁଝାଇବାକୁ ଚେଷ୍ଟା କରିବି—କରିବି ନାହିଁ ଯେ କଅଣ ଘଟିଅଛି। ଅନେକେ ଆପଣ ଲୋକମାନେ ଯେଉଁମାନେକି

ଟେପ୍ ନିଅନ୍ତି, ସେହି ଗୋଟିକ ପାଇବାରେ ନିଶ୍ଚିତ ହୁଅନ୍ତୁ, *ମହାଶୟ, ଏହା କେଉଁ ସମୟ ଅଟେ?* ତାହା ଠିକ ମୁଁ ଘର ଛାଡିବା ପୂର୍ବରୁ ହୋଇଥିଲା। ଗୋଟିଏ ଦର୍ଶନ ମୋତେ ଏଠାକୁ ପଠାଇଥିଲା; ତାହା ହେଉଛି, ମୁଁ ଜାଣେ ନାହିଁ ଯେ କଅଣ...ମୁଁ ନୁହେଁ...ମୁଁ ଜଣେ ଟେପ୍ ବିକ୍ରେତା ନୁହେଁ, ଏବଂ ମୁଁ ସେହି ବିଷୟଗୁଡ଼ିକ ଉପରେ ଜୋର୍ ଦିଏ ନାହିଁ। ଆମେ ସେଗୁଡିକ ନେଇଥାଉ, ଏବଂ ଆମର ସାରା ବିଶ୍ୱରେ ଏକ ଟେପ୍ ବ୍ୟବସାୟ ଅଛି। ଜଙ୍ଗଲ ଭିତରେ ଏବଂ ସବୁ ସ୍ଥାନରେ, ସେମାନଙ୍କର ପାଖରେ କିଛି ଗୋଟାଏ ଛୋଟ ବିଷୟ ଅଛି ଯାହା ସେମାନେ କାନ ଭିତରେ ଦେଇଥାଆନ୍ତି, ସେମାନଙ୍କ ପାଖରେ ଥାଏ, ଏବଂ ଏହାକୁ ସେହି ଟେପ୍‌ରେ ଟେପ୍ କରିପାରନ୍ତି, ଏବଂ ସେଠାରେ ଛିଡା ହୋଇ ଠିକ ସେହି ଭାଷାରେ ଅନୁବାଦ କରିପାରନ୍ତି। ଏବଂ ଏହା ସମଗ୍ର ବିଶ୍ୱକୁ ଯାଇଥାଏ।

32 ଏବଂ, ମାତ୍ର ଯେଉଁ ଗୋଟାଏ ମୋ ପାଖରେ ରହିଥିଲା, ସେହି *ମହାଶୟ, ଏହା କେଉଁ ସମୟ ଅଟେ?* କିମ୍ବା, *ମହାଶୟ, ଏହା କଅଣ ସେହି ସମୟ ଅଟେ?* କେତେକ...ମୁଁ...ତିନି ସପ୍ତାହ ପୂର୍ବରୁ, ଶନିବାର ରାତି, ମଣ୍ଡଳୀରେ। ମୋର ସମଗ୍ର ଜୀବନ ଦର୍ଶନଗୁଡିକ ଦେଖିବା ପରେ, ମୋ ଜୀବନରେ, ପୂର୍ବରୁ ଏହିପରି କିଛି ହେଲେ ମୋ ସହିତ ହୋଇ ନ ଥିଲା। ଏବଂ ମୁଁ ଜାଣେ ନାହିଁ ଯେ ଏହା କଅଣ ଅଟେ। ମୁଁ ତ କେବଳ ଏଠାରେ ଅଛି, ମାତ୍ର ସେ ମୋତେ ଏଠାକୁ ପଠାଇ ଅଛନ୍ତି। ମୁଁ ଜାଣେ ନାହିଁ ଯେ ଏହାର ଅର୍ଥ କଅଣ ଅଟେ। ମୁଁ ତ କେବଳ...ମୁଁ କେବଳ ଏଠାରେ ଅଛି।

33 ଏବଂ ମୋତେ ନିଶ୍ଚୟ ସଚ୍ଚୋଟ ଏବଂ ନିଷ୍ଠାବାନ ହେବାକୁ ଅଛି, ଏବଂ ତାହାହିଁ ସେହି ଏକମାତ୍ର ଉପାୟ ଅଟେ ଯେ ଆମେମାନେ ପରମେଶ୍ୱରଙ୍କ ସହିତ ଯେକୌଣସି ସ୍ଥାନକୁ ପହଞ୍ଚିବା, ତାହା ହେଉଛି ନିଷ୍ଠାବାନ ହେବା। କାରଣ, ଲୋକମାନେ ଜାଣିଯିବେ। ପରମେଶ୍ୱର ଜାଣନ୍ତି, ଆପଣ ନୁହଁ, ଯେ ଆରମ୍ଭରେ, ଆପଣ ଅଛନ୍ତି କି ନାହିଁ। ଏବଂ ଲୋକମାନେ ଜାଣିଯିବେ। କାରଣ, ଥରେ, ଜଣେ ବ୍ୟକ୍ତି ଭବିଷ୍ୟତ୍‌ବାଣୀ କରିବାକୁ ଚେଷ୍ଟା କରୁଥିଲେ। ଏବଂ ପରମେଶ୍ୱର କହିଲେ...କିମ୍ବା, ସେହି ବାସ୍ତବ ଭବିଷ୍ୟଦ୍‌ବକ୍ତା ତାଙ୍କୁ କହିଥିଲେ, କହିଲେ, "ଆସନ୍ତୁ ସ୍ମରଣ କରିବା। ଆମ ପୂର୍ବରୁ ଭବିଷ୍ୟଦ୍‌ବକ୍ତାମାନେ ରହି ଆସିଛନ୍ତି। ଭବିଷ୍ୟଦ୍‌ବକ୍ତା କେବଳ ସେତେବେଳେ ଜଣାଯାଏ ଯେତେବେଳେ ତାଙ୍କର ଭବିଷ୍ୟତ୍‌ବାଣୀ ସଫଳ ହୁଏ।" ତେଣୁକରି ଆମେ ଉତ୍ତମ ଭାବରେ ସୁନିଶ୍ଚିତ ହେଉ ଯେ ଆମେ ତାହା ଜାଣୁ ଯେ ପରମେଶ୍ୱର ଏହା କହିଛନ୍ତି, ଏହା ପୂର୍ବେକି ଆମେ ଏହା ବିଷୟରେ କିଛି କହୁ। ସଚ୍ଚୋଟ ଏବଂ ନିଷ୍ଠାବାନ ହୋଇ ରୁହନ୍ତୁ।

34 ତେବେ ଆସନ୍ତୁ ଆମେମାନେ ପ୍ରାର୍ଥନା ପାଇଁ ଗୋଟିଏ ମୁହୂର୍ତ୍ତ ମସ୍ତକଗୁଡିକୁ ନତ କରିବା। ବର୍ତ୍ତମାନ ତେବେ ଆସନ୍ତୁ ପରବର୍ତ୍ତୀ କିଛି ମିନିଟ୍ ପାଇଁ, ସମସ୍ତ କିଛି ଚିନ୍ତାକୁ ଏଡାଇ ଦେବା। ମୁଁ ଆଶ୍ଚର୍ଯ୍ୟ କରେ...ଆଜି ରାତିରେ ଏଠାରେ ଥିବା ଲୋକମାନଙ୍କର ଏହି ସୁନ୍ଦର ଛୋଟ ସମୂହରେ, ମୁଁ ଜାଣେ ଯେ ଏଠାରେ ସେହି ମଣି ମୁକ୍ତାମାନେ ବସିଛନ୍ତି ଯେଉଁମାନଙ୍କୁ ଯୀଶୁ

ଦିନେ ନେବା ପାଇଁ ଆସିବେ, ଯେଉଁମାନେକି ଧୂଳିରୁ ଉଠିବେ ।

35 ଏବଂ ଏଠାରେ ସେପରି କେତେ ଜଣ ବି ଥାଇପାରନ୍ତି ଯେଉଁମାନେକି ଅତ୍ୟନ୍ତ ସୁନିଶ୍ଚିତ ନୁହଁନ୍ତି ଯେ ସେମାନେ ସେଠାରେ ରହିବେ, କି ନାହିଁ । ଆପଣଙ୍କର ହୁଏତ ଅନ୍ୟ ବିଷୟଗୁଡିକ ଆବଶ୍ୟକତା ରହିପାରେ । ଯଦି ଆଜି ରାତିରେ ଆପଣଙ୍କ ଜୀବନରେ କୌଣସି ଆବଶ୍ୟକତା ଅଛି, ତେବେ ତାହା ପରମେଶ୍ୱରଙ୍କୁ ଜଣାନ୍ତୁ, ଯେତେବେଳେକି ଆପଣ କେବଳ ନିଜର ହାତକୁ ଉଠାଇଥାନ୍ତି, କେବଳ କୁହନ୍ତୁ, "ହେ ପରମେଶ୍ୱର, ତୁମେ ଜାଣିଛ ଯେ ମୁଁ ବର୍ତ୍ତମାନ କଅଣ କହୁଅଛି । ଏବଂ ମୋତେ ଆଶୀର୍ବାଦ କର । ମୁଁ—ମୁ ଅସୁସ୍ଥ ଅଟେ । ମୋର ଆରୋଗ୍ୟତା ପ୍ରୟୋଜନ ଅଛି । ମୁଁ—ମୁଁ ଦିଗହରା ହୋଇଯାଇଛି । ମୁଁ ଏକ ସହଭାଗୀତାରେ ଆସିବାକୁ ପ୍ରୟୋଜନ କରେ । ମୁଁ—ମୁଁ ଫେରି ଆସିବାକୁ ଚାହୁଁଛି । ମୁଁ—ମୁଁ ଭୁଲ୍ କରିଛି । ମୁଁ ଫେରି ଆସୁଛି । ମୁଁ ଚାହେଁ ଯେ ତୁମେ ମୋତେ ଆଜି ରାତିରେ, ଫେରି ଆସିବା ପାଇଁ, ସାହାଯ୍ୟ କର ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

36 ସ୍ୱର୍ଗୀୟ ପିତା, ବର୍ତ୍ତମାନ ଯେତେବେଳେ ଆମେମାନେ ରକ୍ତର ମାର୍ଗ ଦେଇ, ତୁମ ସିଂହାସନ ନିକଟକୁ ଆସୁଅଛୁ, କାରଣ, ଏବଂ ହାରୋଣ ସେହି—ସେହି ଦୟାର ସିଂହାସନ ଆଗରେ ପ୍ରବେଶ କରିଥିଲେ, ସେ ପ୍ରଥମେ, ନିଜ ହାତରେ ରକ୍ତ ନେଇ, ଆଗକୁ ଯାଇଥିଲେ, ଏବଂ ଆମେମାନେ, ଆଜି ରାତି ବିଶ୍ୱାସ ଦ୍ୱାରା, ପ୍ରଭୁ ଯୀଶୁଙ୍କ ରକ୍ତକୁ ଗ୍ରହଣ କରି, ପରମେଶ୍ୱରଙ୍କ ସିଂହାସନ ଆଡକୁ, ସାହସର ସହିତ ଚାଲୁ, ଏହା ଜାଣି ଯେ ଆମ ପାଖରେ ନିଜ ଧାର୍ମିକତାରେ, ଆସିବାର ଅଧିକାର ନାହିଁ, ବରଂ ତାହାଙ୍କର ଧାର୍ମିକତାରେ ଆସିବାର ଅଧିକାର ଅଛି । ରକ୍ତ ଆମର ପରିଷ୍କାରକୁ ପ୍ରତିନିଧିତ୍ୱ କରେ । ଏବଂ ମୁଁ ପ୍ରାର୍ଥନା କରୁଛି, ହେ ସ୍ୱର୍ଗୀୟ ପିତା, ଯେ ତୁମେ ଆମର ନିବେଦନକୁ ପ୍ରଦାନ କରିବ ।

37 ପ୍ରଥମେ, ଆମେ ତୁମକୁ ଆମର ସମସ୍ତ ଅଧର୍ମଗୁଡିକୁ କ୍ଷମା କରି, ଆମ ପ୍ରତି ଦୟାଳୁ ହେବା ପାଇଁ ନିବେଦନ କରିବୁ, ଯେତେବେଳେକି ଆମେ ଆମର ଭୁଲ୍‌ଗୁଡିକୁ, ଏବଂ ଆମର ଛୋଟ ଛୋଟ ତ୍ରୁଟିଗୁଡିକୁ, ଏବଂ ଆମର ଗୁପ୍ତ ପାପଗୁଡିକୁ, ଏବଂ ଆମର ଅଜ୍ଞାତ ପାପଗୁଡିକୁ ସ୍ୱୀକାର କରୁଅଛୁ । ଏବଂ ଆମେ ସେବକ ଭାବରେ ମଧ୍ୟ, ଯାଜକ ହୋଇ ଲୋକମାନଙ୍କର ପାପଗୁଡିକୁ ସ୍ୱୀକାର କରୁଅଛୁ । ପ୍ରଭୁ, ଆମେମାନେ ଏକାଠି, ଛିଡା ହୋଇଅଛୁ । ଆମେମାନେ ଲୋକମାନଙ୍କୁ ପ୍ରେମ କରୁ । ଆମେମାନେ ମୋଶା ଭଳି ଅନୁଭବ କରୁ ଯେତେବେଳେ ସେ ଲୋକମାନଙ୍କୁ, ପରମେଶ୍ୱରଙ୍କ କ୍ରୋଧରୁ ରକ୍ଷା କରିବା ପାଇଁ, ନିଜକୁ ମଧ୍ୟସ୍ଥ ଭାବରେ ରଖି ଦେଇଥିଲେ । ଖ୍ରୀଷ୍ଟଙ୍କ ଧାର୍ମିକତାର, ତାହା କି ଏକ ପ୍ରଦର୍ଶନ ଥିଲା, ଯେତେବେଳେ ଖ୍ରୀଷ୍ଟ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ, ନିଜକୁ ମଧ୍ୟସ୍ଥଳରେ ରଖି ଦେଇଥିଲେ!

38 ଏବଂ, ପିତା, ଆମେ ତାହାଙ୍କର ସେବକ ଭାବରେ, ତାହାଙ୍କ ଆତ୍ମାକୁ ନିଜ ଭିତରେ ରଖି, ଆଜି ଏଠାରେ ଥିବା ପ୍ରତ୍ୟେକ ଖ୍ରୀଷ୍ଟିଆନକୁ, ପାପୀ ଆଗରେ ନିଜକୁ ଧରି ରଖୁ: "ହେ ପରମେଶ୍ୱର, ସେମାନଙ୍କ ପ୍ରତି ଦୟା କର ।" ଆମେମାନେ ରୋଗୀ ଏବଂ ଅଭାବୀ

ଲୋକମାନଙ୍କ ପାଇଁ ବିନତୀ କରୁଅଛୁ, ସେହି ମୂଲ୍ୟବାନ ହାତଗୁଡ଼ିକ ପାଇଁ ନିବେଦନ କରୁଅଛୁ, ସେମାନଙ୍କ ମଧ୍ୟରୁ କେତେକ ବୃଦ୍ଧ, ଏବଂ କେତେକ ଯୁବା ଲୋକ, ଏବଂ କେତେକ ମଧ୍ୟ-ବୟସ୍କ, ସେମାନଙ୍କର ହାତଗୁଡିକୁ ଉଠାଇ ଅଛନ୍ତି। ହେ ପ୍ରଭୁ, ତୁମେ ସେସବୁ ବିଷୟରେ ଜାଣିଅଛ। ଆମେମାନେ ପ୍ରାର୍ଥନା କରୁଛୁ ଯେ ତୁମେ ଗୌରବର ତୁମର ଧନ ଅନୁଯାୟୀ ଉତ୍ତର ଦେବ।

39 ଏହା ହେଉ ଯେ ହେ ପ୍ରଭୁ, ଅନେକେ ଆଜି ରାତି ଏଠାରୁ ଯାଆନ୍ତୁ, ଯେଉଁମାନେକି ଭିତରକୁ ଆସିଛନ୍ତି, ଯେଉଁମାନେ ଅସୁସ୍ଥ ଅଟନ୍ତି, ସେମାନେ, ଭଲ ଭବରେ, ସୁସ୍ଥ ହୋଇ ଯାଆନ୍ତୁ। କେବଳ କିଛି ଗୋଟାଏ ବିଷୟ ଘଟିଯାଉ, ଯାହାକି ସେମାନେ ସୁଦ୍ଧା ଏହାକୁ ବ୍ୟାଖ୍ୟା କରି ନ ପାରନ୍ତୁ, ମାତ୍ର ସେମାନେ ଜାଣନ୍ତୁ ଯେ ସେମାନେ ଭଲ ହୋଇଅଛନ୍ତି।

40 ଏହା ହେଉ ଯେ ସେମାନେ ଯେଉଁମାନେକି ଏପଟ ସେପଟ ବିଚଳିତ ହେଉଥାନ୍ତି, ପ୍ରଭୁ, ସେମାନେ ଧାର୍ମିକ ହୋଇ ଫେରି ଯାଆନ୍ତୁ, ଏହା ଜାଣି ଯେ ସେମାନେ ଫେରି ଆସିଛନ୍ତି ଏବଂ ଖ୍ରୀଷ୍ଟଙ୍କୁ ସେହିଠାରେ ଗ୍ରହଣ କରିଛନ୍ତି ଯେଉଁଠାରେ ସେମାନେ ତାହାଙ୍କୁ ଛାଡି ଦେଇଥିଲେ। ଏହା ହେଉ ଯେ ସେମାନେ ଯାଆନ୍ତୁ, ପୁନଃବ୍ୟବସ୍ଥିତ କରନ୍ତୁ। ପ୍ରଭୁ, ଏହା ପ୍ରଦାନ କର ଯେ ସେମାନେ ଯେଉଁମାନେକି କେବେ ହେଲେ ଆସି ନାହାଁନ୍ତି ମୁକ୍ତ ହେବାର ସେହି ବହୁମୂଲ୍ୟ ସ୍ୱାଧୀନତାକୁ ପାଆନ୍ତୁ, ପିଞ୍ଜରାରୁ ବାହାରି ଯାଆନ୍ତୁ, ଜଗତର ବିଷୟବସ୍ତୁ ଓ ଏହି ଜୀବନର ଚିନ୍ତା ଦ୍ୱାରା ଅଧିକ ବନ୍ଧିତ ନ ହୁଅନ୍ତୁ, ବରଂ ଖ୍ରୀଷ୍ଟଙ୍କଠାରେ ମୁକ୍ତ କରାଯାଇଥାନ୍ତୁ। ପିତା, ଏହାକୁ ପ୍ରଦାନ କର।

41 ଆମର ବର୍ତ୍ତମାନ ଯାହା ଆବଶ୍ୟକ ଅଛି ସେସବୁକୁ ଆଶୀର୍ବାଦ କର, ଏବଂ ତୁମର ବାକ୍ୟ ଏବଂ ତୁମର ସେବକଙ୍କୁ ଆଶୀର୍ବାଦ କର, ଏବଂ ଆମେ ତୁମକୁ ପ୍ରଶଂସା କରିବୁ। ଯୀଶୁଙ୍କ ନାମରେ ଆମେ ଏହା ମାଗୁଅଛୁ। ଆମେନ୍।

42 ବର୍ତ୍ତମାନ, ଯଦି ଆମେ ଶାସ୍ତ୍ରର ଏକ ଅଂଶକୁ ପାଠ କରିବା, କିମ୍ବା ଏକ ମୂଳପାଠ ପାଇଁ ଏକ ଶାସ୍ତ୍ରାଂଶକୁ ପାଠ କରିବା, ବରଂ, ପ୍ରଥମ କରିନ୍ଥୀୟ ତାର 14ତମ ପର୍ବ, ତାର 8ମ ପଦ, ପ୍ରଥମ କରିନ୍ଥୀୟ 14:8 ରେ ଏହିପରି ପାଠ କରାଯାଏ।

> *ପୁଣି ଯଦି ତୂରୀ ଏକ ଅସ୍ପଷ୍ଟ ଧ୍ୱନି କରେ, ତେବେ କିଏ ଯୁଦ୍ଧ ନିମନ୍ତେ ସଜ୍ଜିତ ହେବ?*

43 ଏହା ଯଥେଷ୍ଟ ପାଠ୍ୟ ହେବ ଯାହା ଉପରେ ଆମେ ବର୍ତ୍ତମାନଠାରୁ ନେଇ ଦୁଇ ସପ୍ତାହ ଯାଏଁ ପ୍ରଚାର କରିପାରିବା, ଏବଂ ତଥାପି ଏହାର ଧାରକୁ ସୁଦ୍ଧା କଦାପି ସ୍ପର୍ଶ କରିପାରିବା ନାହିଁ। ଅନୁପ୍ରାଣିତ ବାକ୍ୟ ବିଷୟରେ ଏପରି କିଛି ଗୋଟାଏ ଥାଏ। ଆପଣ ନିରନ୍ତର ଭାବରେ ସେହି ଗୋଟିଏ ପାଠ୍ୟରେ ରହିଥାଆନ୍ତି। ଆପଣ ଏହା ସହିତ ସମଗ୍ର ବାଇବଲକୁ ସଂଲଗ୍ନ କରି ଦେଇପାରନ୍ତି। ତାହା ଠିକ୍ ଅଟେ।

44 ଦିନେ ଜଣେ ବ୍ୟକ୍ତି ମୋତେ ପଚାରିଲେ, କହିଲେ, "ଆପଣ କିପରି ସେହି ସମାନ ପାଠକୁ ନେଇପାରନ୍ତି?"

ମୁଁ କହିଲି, "ଓଃ, ମୋର ପ୍ରଭୁ! ଆପଣ ଏଥିରୁ କୌଣସି ବିଷୟର ପ୍ରସଙ୍ଗ ନିଅନ୍ତି।"

45 ମୁଁ ଭୂମିରେ ପଡ଼ିଥିବା ଗୋଟିଏ ତିନି-ପତ୍ର ବିଶିଷ୍ଟ ତୃଣଟିଏ ନେଲି, ଏବଂ ତାହାକୁ ଉଠାଇ ଧରିଲି। ସେହି ବ୍ୟକ୍ତିଜଣକ ଆଜି ରାତି ଏଠାରେ ବସିଛନ୍ତି, ଟ୍ୟୁସାନ୍‌ଠାରୁ ଅଟନ୍ତି। ଏବଂ ଆମେମାନେ କାଲିଫର୍ଣ୍ଣିଆର, ପାସାଡ଼େନାରେ ଥିଲୁ। ଏବଂ ମୁଁ କହିଲି, "ମୁଁ ଏହି ତିନି-ପତ୍ର ବିଶିଷ୍ଟ ତୃଣଟିକୁ ନେଇ ତାହା ଉପରେ ପ-ଚିଶ ବର୍ଷ ପ୍ରଚାର କରିପାରିବି: ଯେ ଏହା କିପରି ଭାବରେ ଏକ ଜୀବନ ଅଟେ, ଯାହାକି ତାହା ଭିତରେ ଅଛି; କିପରି ଯେ, ସେହି ତିନୋଟି ପତ୍ର, ସେହି ଗୋଟିଏରେ ତ୍ରିତ୍ତ୍ୱ ଅଟେ। ଏବଂ, ଓଃ, ଓଃ, ସେଠାରେ ବହୁତଗୁଡ଼ିଏ ବିଷୟ ଅଛି ଯାହା ବିଷୟରେ ଆମେମାନେ କହିପାରିବା।"

46 ଏବଂ ଏକ ଶାସ୍ତ୍ର ବିଷୟରେ କଅଣ? ଏହା ତ ପରମେଶ୍ୱରଙ୍କ ବାକ୍ୟ ଅଟେ। ଏହା ଅନନ୍ତ ଅଟେ। ଏହା—ଏହାର ଥିଲା…ଏହାର କୌଣସି ଅନ୍ତ ନାହିଁ। ଏହା କେବଳ ନିରନ୍ତର ଜାରି ରଖେ, ଜାରି ରଖେ, ଜାରି ରଖେ। ଏହା ଆମ ପାଇଁ ଏକ ଆଶ୍ରୟ ଅଟେ।

47 ଏବଂ ବର୍ତ୍ତମାନ ଆଜି ରାତି ମୁଁ ଏହା ଉପରେ କହିବାକୁ ଚାହୁଁଛି: *ଗୋଟିଏ ତୂରୀ ଏକ ଅସ୍ପଷ୍ଟ ଧ୍ୱନି କରେ।*

48 ଏହା ବିଷୟରେ ଚିନ୍ତା କରିବାରେ, ଠିକ କିଛି ମୁହୂର୍ତ୍ତ ପୂର୍ବରୁ, ଯେତେବେଳେ ମୁଁ ଏହା ଉପରେ ଚିନ୍ତା କରୁଥିଲି…ସେହି ଆୟକର ସମ୍ବନ୍ଧୀୟ ମାମଲା ଉପରେ, ମୁଁ ଭାବିଲି, "ଆଜି ଏପରି କୌଣସି ବିଷୟ ନାହିଁ ଯାହାକି ନିଶ୍ଚିତ ଅଟେ। ସବୁକିଛି ସହିତରେ ଏତେ ଅଧିକ ଅନିଶ୍ଚିତତା ରହିଅଛି।" ଏବଂ ଯେକୌଣସି ବିଷୟ ଯାହାକି ଅନିଶ୍ଚିତ ଅଟେ ତାହା ବିଶ୍ୱାସ କରାଯାଇପାରେ ନାହିଁ। ଯେକୌଣସି ବିଷୟ ଯାହା ଅସ୍ପଷ୍ଟ ଅଟେ ତାହା ଭରସା କରାଯାଇପାରେ ନାହିଁ। ଯଦି ଏହା ସ୍ପଷ୍ଟ ନୁହେଁ ତେବେ ଆପଣ ଏଥିରୁ ଦୂରେଇ ରୁହନ୍ତୁ।

49 ଯଦି ଆପଣଙ୍କର ଏକ ବ୍ୟବସାୟ ଅଛି; ଏବଂ, ଯାହାକି, ଆମେ ବ୍ୟବସାୟୀମାନଙ୍କୁ ଉପସ୍ଥିତ ରହିଥିବାର ପାଇଅଛୁ, ହୋଇପାରେ ସେମାନଙ୍କ ମଧ୍ୟରୁ ଅନେକେ ଅଛନ୍ତି। ଯଦି ଆପଣ ଏକ ବ୍ୟବସାୟ କରୁଛନ୍ତି ଯାହାକି ନିଶ୍ଚିତ ନୁହେଁ, ତେବେ ଆପଣ ଏଥିରେ ଅଧିକ କିଛି ରଖିବାକୁ ଯାଉନାହାଁନ୍ତି, କାରଣ ସେହି—ସେହି ଲାଭାଂଶ ଅନିଶ୍ଚିତ ଅଟେ, ଏବଂ ଆପଣ ଏଥିରେ ଅଧିକ ନିବେଶ କରିବେ ନାହିଁ। କିମ୍ୱା, ଯଦି ଆପଣ ଜଣେ ଭଲ, ଚତୁର ବ୍ୟବସାୟୀ ଅଟନ୍ତି, ତେବେ ଆପଣ ଅପେକ୍ଷା କରିବେ ଏବଂ ଅନୁସନ୍ଧାନ କରିବେ, ଯଦି ଆପଣଙ୍କ ପାଖରେ ନିବେଶ କରିବାକୁ କିଛି ଟଙ୍କା ଥାଏ, ଯେପର୍ଯ୍ୟନ୍ତକି ଆପଣ ଏପରି କିଛି ନିଶ୍ଚିତ ବିଷୟ ନ ପାଇଯାଆନ୍ତି, ଏପରି କିଛି ଯାହାକି ନିର୍ଭରଯୋଗ୍ୟ ଅଟେ, ଏପରି କିଛି ଯାହା ଉପରେ ଆପଣ ନିର୍ଭର କରିପାରନ୍ତି। କାରଣ, ଆପଣ ସେହି ଅଳ୍ପ ଧନକୁ ହରାଇବାକୁ ଚାହିଁବେ ନାହିଁ ଯାହା ଆପଣ ସଞ୍ଚୟ କରି ରଖିଥାନ୍ତି, କାରଣ ତାହା ସହିତ ଆପଣଙ୍କୁ ନିଜର

ଜୀବିକା ନିର୍ବାହ କରିବାକୁ ଥାଏ, ଠିକ ସେହି ଲାଭାଂଶରୁ—ରୁ ପାଇଥିବା ପାରିଶ୍ରମିକରୁ ଯାହାକି ଏହି ନିବଶ ଉପରେ ମିଳିଥାଏ । କାହିଁକି, ଆପଣଙ୍କୁ ତ ବଞ୍ଚି ରହିବା ପାଇଁ—ପାଇଁ କିଛି ଗୋଟାଏ ବିଷୟ ରଖିବାକୁ ଥାଏ ।

50 ଏବଂ ଏହି ଅଳ୍ପ ଟଙ୍କା ଯାହା ଆପଣ ସଞ୍ଚୟ କରି ରଖିଥାଆନ୍ତି, ଏହାକୁ ନିଜ ପକେଟରେ ରଖି ସେଠାରେ ଛାଡିଦିଅନ୍ତୁ ନାହିଁ, କାରଣ ଚୋରମାନେ ଏହାକୁ ଚୋରୀ କରି ନେବେ । ବୁଝିଲେ? ସେପରି କରନ୍ତୁ ନାହିଁ, ତାହା କରନ୍ତୁ ନାହିଁ । ଯଦି ଆପଣଙ୍କ ପାଖରେ ଏହା ଅଛି, ତେବେ ଏହାକୁ କୌଣସି ଥିରେ ନିବେଶ କରି ଦିଅନ୍ତୁ । ଏବଂ ତାହାପରେ ଆପଣ ନିଜ ନିବେଶ ସମ୍ବନ୍ଧରେ ସୁନିଶ୍ଚିତ ହେବାକୁ ଚାହିଁବେ । ଯଦି ଆପଣ ତାହା ନ ହୁଅନ୍ତି, କାହିଁକି, ତାହାହେଲେ ଆଦୌ ନିବେଶ କରନ୍ତୁ ନାହିଁ ।

51 ତେଣୁ, ବ୍ୟବସାୟ ନିଶ୍ଚିତ ଭାବରେ ଆଜି ରାତି ଏକ କମ୍ପମାନ ବାଲୁକା ଉପରେ ବ୍ୟବସ୍ଥିତ ଅଟେ । ଯେକୌଣସି ବ୍ୟବସାୟ, ଜଗତରେ, ଆକ୍ଷରିକ ଭାବରେ, ଏକ କମ୍ପମାନ ଅବସ୍ଥାରେ ଅଛି, କାରଣ ସଂସାର ଏକ କମ୍ପମାନ ଅବସ୍ଥାରେ ଅଛି । ଆପଣ ନିଜକୁ ଅନୁମତି ଦେଇ ହିଁ ପାରନ୍ତି ନାହିଁ...

52 "ତେବେ, ମୁଁ *ଏତେ-ଅଧିକ* ଟଙ୍କା ସଞ୍ଚୟ କରିବାକୁ ଯାଉଅଛି, ଯେପରିକି ମୁଁ କୌଣସି ସ୍ଥାନରେ, ନିଜ ପାଇଁ ଏକ ଛୋଟ ଘର ନିର୍ମାଣ କରିପାରେ ।" ତାହା, ତାହା ବହୁତ ଅଧିକ କମ୍ପମାନ ଅଟେ, ମୁଁ ଆପଣଙ୍କୁ କହିବି ଯେ ଏହା ଅଟେ, କାରଣ ସରକାର ଏହାକୁ, ରାତାରାତି ନେଇ ଯାଇପାରେ ।

53 ଓଃ, ସେହି ବିଷୟଗୁଡିକ ଯାହାକି ଆମର ଗଣତନ୍ତ୍ରକୁ ଏତେ ଦୁର୍ନୀତିଗ୍ରସ୍ତ କରିଛି, ଯେ ଏପରିକି ତାହା ପ୍ରକୃତରେ କମ୍ପମାନ ଅବସ୍ଥାରେ ଅଟେ! ଆମେମାନେ ଆମର ଗଣତନ୍ତ୍ର ଉପରେ ବହୁତ ଭରସା ରଖି ପାରୁଥିଲୁ । ଏବଂ, ଯାହାକି, ମୁଁ ଭାବୁଛି ଏହା ଶାସନତନ୍ତ୍ରର ସର୍ବୋତ୍ତମ ପ୍ରାରୂପ ଅଟେ । ମାତ୍ର, ତଥାପି, ଆମର ଗଣତନ୍ତ୍ର କମ୍ପମାନ ଅବସ୍ଥାରେ ଅଟେ । କାରଣ, ଆମେ, ଏହି ରାଷ୍ଟ୍ର, ଆମର ଲୋକମାନେ, ଆମର ଏକ ସମ୍ବିଧାନ ଅଛି, ଏବଂ ଏହି ସମ୍ବିଧାନ ହେଉଛି—ହେଉଛି ଆମର ସର୍ବୋଚ୍ଚ । ମାତ୍ର, ତଥାପି, ସେଥିରେ, ଆମର ସମ୍ବିଧାନ କମ୍ପମାନ ଅଟେ, କାରଣ ଏହା ପୂର୍ବରୁ ଅନେକ ଥର ଭଙ୍ଗା ଯାଇଅଛି । ସ୍ୱର୍ଗତ ଶ୍ରୀମାନ ରୁଜଭେଲ୍ଟ ଏଥିରୁ ବ୍ୟାପକ ବିନାଶ ଆଣିଥିଲେ । ତେଣୁ କରି, ଦେଖନ୍ତୁ, ଆପଣ ଦେଖାନ୍ତୁ, ଏହା ଭଙ୍ଗା ଯାଇପାରେ । ଏଥିରେ ଅଧିକ ଭରସା ଆପଣ ରଖିପାରନ୍ତି ନାହିଁ ।

54 ରାଜନୀତି, ଓଃ, ମୋର ପ୍ରଭୁ, କେତେ କମ୍ପମାନ ଅଟେ! ଲୋକମାନେ ରାଜନୀତି ବିଷୟରେ, କେବଳ ଯୁକ୍ତିତର୍କ କରନ୍ତି, ଏବଂ ଯୁକ୍ତିତର୍କ କରନ୍ତି, ଏବଂ ଯୁକ୍ତିତର୍କ କରନ୍ତି । ଏବଂ ପଡ଼ୋଶୀମାନେ ଏହା ବିଷୟରେ, ଏବଂ ସେହି ଲୋକମାନେ ଯେଉଁମାନେକି ଏକଦା ଭଲ ବନ୍ଧୁ ଥିଲେ, ଅସହମତ ହୋଇଯିବେ । କୌଣସି ରାଷ୍ଟ୍ରପତି ଉଠିବେ, କିମ୍ବା କେହି ଜଣେ ନଗରାଧ୍ୟକ୍ଷ ପାଇଁ, କିମ୍ବା ଅନ୍ୟ କିଛି ପାଇଁ ନିର୍ବାଚନ ହେତୁ ଛିଡା ହେବେ, ଏବଂ ଅନ୍ୟ

ବ୍ୟକ୍ତିଜଣକ ରାଜନୈତିକ ବାଡ଼ର ଅନ୍ୟ ପାର୍ଶ୍ୱରେ ରହିଥିବେ, ଏବଂ ସେମାନେ ପରସ୍ପର ଜଣେ ଅନ୍ୟ ସହିତ କଳହ କରିବେ ଯେପର୍ଯ୍ୟନ୍ତକି ସେମାନେ ଏହା ବିଷୟରେ, ରାଜନୀତି ନେଇ ଅଲଗା ନ ହୋଇଯାଆନ୍ତି । ଏବଂ ମୁଁ ନୁହେଁ...ଆଶା କରେ ଯେ ମୁଁ କାହାରି ଭାବନାକୁ ଆଘାତ କରେ ନାହିଁ, ମାତ୍ର ମୁଁ ଭାବେ ଯେ ସମଗ୍ର ଜିନିଷଟି କ୍ଷୟପ୍ରାପ୍ତ ଅଟେ । ବୁଝିଲେ? ହଁ, ଆଜ୍ଞା । ତେବେ ଆପଣ କାହିଁକି ଏପରି କିଛି ବିଷୟରେ ଝଗଡା କରିବେ ଏବଂ ଅଲଗା ହୋଇଯିବେ ଯାହାକି କୌଣସି ପ୍ରକାରେ ଭଲ ନୁହେଁ? ତାହା ଠିକ୍ । ଏହା ତ ଅତିଶୟ ଖରାପ ଅଟେ ।

55 ଅନ୍ୟ ଏକ ଦିନ କେହି ଜଣେ ମୋତେ କହିଲେ, ସେ କହିଲେ, "କଅଣ—କଅଣ ଆପଣ ଏହି ନିର୍ବାଚନରେ ମତଦାନ କରିବାକୁ ଯାଉଛନ୍ତି କି?"

ମୁଁ କହିଲି, "ମୁଁ ତ ମତଦାନ କରିସାରିଛି ।"

କହିଲେ, "ଓଃ, ଏହି ନିର୍ବାଚନରେ?"

56 ମୁଁ କହିଲି, "ମୁଁ ଯୀଶୁଙ୍କୁ ମତଦାନ କରିଅଛି ।" ମୁଁ କହିଲି, "ମୁଁ ଆପଣଙ୍କୁ କହିବି । ସେଠାରେ ଦୁଇଜଣ ଲୋକ ମୋ ପାଇଁ ମତଦାନ କରୁଥିଲେ ।" ମୁଁ କହିଲି, "ପରମେଶ୍ୱର ମୋ ସପକ୍ଷରେ ମତଦାନ କରିଥିଲେ, ଏବଂ ଶୟତାନ ମୋ ବିରୁଦ୍ଧରେ ମତଦାନ କରିଥିଲା । ଏବଂ ମୁଁ ପରମେଶ୍ୱରଙ୍କ ସପକ୍ଷରେ ମତଦାନ କଲି, ଅତଏବ ମୁଁ ମୋର ମତଦାନ ସଠିକ୍ ଭାବରେ ପାଇଲି ।" ଆପଣ କିପରି ଭାବରେ ବାହାରି ଆସିବାକୁ ଯାଉଛନ୍ତି ଏହା ତାହା ଉପରେ ନିର୍ଭର କରେ ଯେ, ଆପଣ କେଉଁଠାରେ ନିଜର ମତଦାନ କରନ୍ତି ।

57 ତେଣୁ, ଧ୍ୟାନ ଦିଅନ୍ତୁ, ସମ୍ପ୍ରତି ଏହି ନିକଟରେ, ଆପଣଙ୍କୁ ଗୋଟିଏ ଛୋଟ ସ୍ଥାନ ଦେଖାଇବା ହେତୁ, ଏବଂ ତାହାପରେ ଆମେ ଏହାକୁ ଛାଡିଦେବା । ଏହି ଶେଷ ରାଷ୍ଟ୍ରପତି ନିର୍ବାଚନରେ, ଯେତେବେଳେକି ଏହା ଚିକାଗୋ ଏବଂ ବିଭିନ୍ନ ସ୍ଥାନରେ ସମ୍ପୂର୍ଣ୍ଣ ପ୍ରମାଣିତ ହୋଇଥିଲା, ଯେ ସେହି ଯନ୍ତ୍ରଗୁଡିକ ଯାହା ସେମାନେ ମତଦାନ ପାଇଁ ବ୍ୟବହାର କରିଥିଲେ, ତାହା, ସେଗୁଡିକ ଡେମୋକ୍ରାଟିକ ଦଳ ଦ୍ୱାରା ବ୍ୟବସ୍ଥିତ କରା ହୋଇଥିଲା, ଯେ ପ୍ରତ୍ୟେକ ଥର ଆପଣ ଶ୍ରୀମାନ ନିକ୍ସନ୍‌ଙ୍କୁ ମତଦାନ କରନ୍ତି, ଆପଣଙ୍କୁ ସେହି ସମୟରେ ଶ୍ରୀମାନ କେନେଡିଙ୍କୁ ମତଦାନ କରିବାକୁ ପଡିଥିଲା । ତେଣୁ, ଆପଣଙ୍କର କୌଣସି ସୁଯୋଗ ନାହିଁ । ଏବଂ ଏହାକୁ ପ୍ରମାଣ କଲେ!

58 ଏବଂ ଆପଣ ଅନ୍ୟ ରାତିରେ *ମନିଟର* ଖବର ଶୁଣିଥିବେ, ଯେତେବେଳେ ସେମାନେ ସମଗ୍ର ଦେଶରେ ଏକ—ଏକ ସର୍ବେକ୍ଷଣ କରିଥିଲେ, ମିସିସିପି, ପୂର୍ବରୁ । ଶ୍ରୀମାନ ନିକ୍ସନ୍ ଏହି ମତଦାନ ନିମନ୍ତେ-ଆହ୍ୱାନକୁ ଡାକରା ଦେଇଥିଲେ, ଚାରିକୁ ଏକ । ଜଣେ ବ୍ୟକ୍ତି କିପରି ଜିତିପାରେ? ଯଦି ଏହା ଶ୍ରୀମାନ କେନେଡି ହୋଇଥାନ୍ତେ, ତେବେ ମଧ୍ୟ ଏହା ସେହି ସମାନ ଭାବରେ ହୋଇଥାନ୍ତା । ମୋର ଉଭୟ ମଧ୍ୟରୁ କୌଣସି ଦଳ ନାହିଁ ।

59 ମୋର ଦଳ ତ ସ୍ୱର୍ଗରେ ଅଛି, ଏବଂ ମୁଁ ଆଜି ରାତି ଏଠାରେ ଠିକ ସେମାନଙ୍କ ସହିତରେ ଅଛି । ଆମେମାନେ ସ୍ୱର୍ଗୀୟ ସ୍ଥାନରେ ବସି, ଆମର ରାଜାଙ୍କ ବିଷୟରେ କଥାବାର୍ତ୍ତା କରୁଅଛୁ ।

60 ମାତ୍ର, ଆପଣମାନେ ଦେଖନ୍ତୁ, ମୁଁ ଆପଣଙ୍କୁ କହିବାକୁ ଚେଷ୍ଟା କରୁଛି, ପୃଥିବୀର ଏହି ବିଷୟଗୁଡ଼ିକ କମ୍ପମାନ ହେଉଅଛି । ସେଠାରେ ନାହିଁ...ସେଗୁଡିକ ଉପରେ କୌଣସି ଭରସା ରଖିପାରନ୍ତି ନାହିଁ । ସେଗୁଡିକ ଅନିଶ୍ଚିତ ଅଟେ । ଏବଂ ଯେକୌଣସି ବିଷୟ ଯାହାକି ଅନିଶ୍ଚିତ, ମୁଁ ତ ବରଂ ତାହାଠାରୁ ଦୂରେଇ ଯିବି । ମୁଁ ସେହି ନକାରାତ୍ମକ ଜିନିଷ ପସନ୍ଦ କରେ ନାହିଁ । ମୁଁ ସେହି ନକାରାତ୍ମକ ଦିଗରେ ମିଶ୍ରିତ ହେବାକୁ ପସନ୍ଦ କରେ ନାହିଁ । ମୁଁ ଏହାକୁ ସକାରାତ୍ମକ ପସନ୍ଦ କରେ, ସକାରାତ୍ମକ ଦିଗରେ ରହିବାକୁ ଚାହେଁ ।

61 ତେବେ, ଗୃହ ଜୀବନ ଅନିଶ୍ଚିତ ହୋଇପଡିଛି । ଆପଣ ଜାଣନ୍ତି, ମୁଁ ଅନ୍ୟ ଦିନ କେଉଁଠାରେ ଏକ ପତ୍ରିକାରେ, ଖଣ୍ଡେ ଲେଖନୀ ଦେଖିଲି, ଯେ ଆମେରିକାରେ ଛାଡପତ୍ର ହାର ବିଶ୍ୱର ଅନ୍ୟ ଯେକୌଣସି ଦେଶ ତୁଳନାରେ କହିଁ ଅଧିକ ଅଟେ । ଏବଂ ଆମେ ଏକ ଧାର୍ମିକ ରାଷ୍ଟ୍ର ହେବା କୁହାଯାଏ । ହଁ, ତାହା ହୋଇପାରେ, ଧର୍ମ, ଠିକ ଅଛି, ମାତ୍ର ଏହା ସଠିକ୍ ପ୍ରକାର ନୁହେଁ । ବୁଝିଲେ? ଧର୍ମ କେବଳ ଏକ ଆବରଣ ଅଟେ । ଏହା କହିବା କଷ୍ଟକର ଅଟେ ଯେ ଆମେ ନିଜର ଆବରଣ କେଉଁ ବିଷୟରୁ ତିଆରି କରିଥାଉ । ଆଦମ ଡିମ୍ବିରି ପତ୍ରରୁ କିଛି ତିଆରି କରିବାକୁ ଚେଷ୍ଟା କରିଥିଲେ, ଏବଂ ତାହା କାମ କଲା ନାହିଁ । ଏହା ସେତେବେଳେ ଅତିଶୟ କମ୍ପମାନ ହୋଇଗଲା ଯେତେବେଳେ ତାଙ୍କୁ ପରମେଶ୍ୱରଙ୍କୁ ଭେଟିବା ନିମନ୍ତେ ବାହାରକୁ ଆସିବାକୁ ପଡିଥିଲା । ତେଣୁ ଧର୍ମ ଏହାକୁ ଆଦୌ ପୂରଣ କରେ ନାହିଁ । ମାତ୍ର କଅଣ ଆପଣ ଭାବି ପାରିବେ କି ଆମର ଛାଡପତ୍ର ହାର, ଅନ୍ୟ ସମସ୍ତ ଦେଶଗୁଡିକ ଅପେକ୍ଷା—ଅପେକ୍ଷା କହିଁ ଅଧିକ ଅଟେ, ଆମର ଛାଡପତ୍ର ହାର? ଆମେମାନେ ନିଜ ଗୃହରେ ଅନୈତିକତାକୁ ଗମନାଗମନ କରୁଥିବାର ପାଉ ।

62 ଏହା ଜାଣିବା ଆଶ୍ଚର୍ଯ୍ୟଜନକ ଥିଲା ଯେ, ଦେଶର ସର୍ବେକ୍ଷଣରେ ଏକ ବୃହତ ବଡ଼ ପ୍ରତିଶତ, ଏବଂ ସେଥିରେ...ମୁଁ ବିଶ୍ୱାସ କରେ ଏହା ଓହାୟୋରେ ଥିଲା, ଯେ ଖ୍ରୀଷ୍ଟିଆନ ଧର୍ମ ଉପରେ ଏକ ସର୍ବେକ୍ଷଣ କରାଯାଇଥିଲା, ଏବଂ ଏହା ଅତି ଶୋଚନୀୟ ଥିଲା ଯେ ଶତକଡା କେତେ ପ୍ରତିଶତ ଲୋକମାନେ ଏପରିକି ମଣ୍ଡଳୀକୁ ସୁଦ୍ଧା ଯାଉ ନ ଥିଲେ । ଏବଂ ତାହାପରେ, ଯେଉଁମାନେ ମଣ୍ଡଳୀକୁ ଯାଉଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟଃ ଅଶି ପ୍ରତିଶତ, ଏହା ଜାଣି ନ ଥିଲେ ଯେ ସେମାନେ କାହିଁକି ଯାଉଥିଲେ । ସେମାନେ ଜାଣି ନ ଥିଲେ ଯେ ସେମାନେ କାହିଁକି ଯାଉଥିଲେ । ସେମାନେ କେବଳ ମଣ୍ଡଳୀକୁ ଯାଉଥିଲେ ।

"ଆପଣ କାହିଁକି ଯାଆନ୍ତି?"

63 "ତେବେ, ମାଆ ଆମକୁ ଛୋଟଟି ବେଳୁ ନେଇକରି ଯାଉଥିଲେ, ଏବଂ ଆମେ କେବଳ ଯିବାର ଜାରି ରଖିଥିଲୁ ।" ଏବଂ—ଏବଂ ତାହାପରେ, ବର୍ତ୍ତମାନ, ଏହାର ଅନ୍ୟ ଏକ ପ୍ରତିଶତ, କହିଲେ ଯେ ସେମାନେ କେବଳ ଏଇଥି ପାଇଁ ଯାଇଥାନ୍ତି, ଓଃ, ସେମାନଙ୍କର

ପଡ଼ୋଶୀମାନଙ୍କୁ ଭେଟିବା ପାଇଁ ଏବଂ କିଛି ସମୟ କଥା ହେବା ପାଇଁ । ବୁଝିଲେ?

64 କାହିଁକି, ଏହା ଭୟାବହ ଅଟେ! ଏଥିରେ ଆଶ୍ଚର୍ଯ୍ୟର ବିଷୟ ନୁହେଁ ଯେ ଗୃହ ଜୀବନ ନଷ୍ଟ ହୋଇଯାଇଛି, ଦେଖନ୍ତୁ, କୌଣସି ବି ଗୃହ ଜୀବନ ଯାହାକି ସ୍ଥିର ନୁହେଁ ।

65 ଯେକୌଣସି ସ୍ତ୍ରୀଲୋକ ଯିଏକି ଜଣେ ପୁରୁଷଙ୍କୁ ବିବାହ କରିବାକୁ ଯାଉଥାନ୍ତି, ଏବଂ ସେ ସେହି ପୁରୁଷ ବିଷୟରେ ସ୍ପଷ୍ଟ ନୁହଁନ୍ତି, ଉତ୍ତମ ହେବ ଯେ ସେ ତାଙ୍କୁ ଛାଡି ଦିଅନ୍ତୁ । ଏବଂ ଯେକୌଣସି ପୁରୁଷ ଯିଏକି ଜଣେ ସ୍ତ୍ରୀଲୋକଙ୍କୁ ବିବାହ କରିବାକୁ ଯାଉଥାନ୍ତି, ଏବଂ ସ୍ପଷ୍ଟ ନୁହଁନ୍ତି, ଉତ୍ତମ ହେବ ଯେ ଆପଣ ତାଙ୍କୁ ଛାଡି ଦିଅନ୍ତୁ । ଉତ୍ତମ ହେବ ଯେ ଆପଣ ତାହା ବିଷୟରେ, ପ୍ରାର୍ଥନା କରନ୍ତୁ, ଯେପର୍ଯ୍ୟନ୍ତକି ପରମେଶ୍ୱର ଆପଣଙ୍କୁ ଉତ୍ତର ନ ଦେଇ ଦିଅନ୍ତି । ଏବଂ ତାହାପରେ ଯାହା ପରମେଶ୍ୱର ଯୋଗ କରନ୍ତି ତାହା କୌଣସି ମନୁଷ୍ୟ ବିଭକ୍ତ ନ କରୁ । ମାତ୍ର ଆମେ—ଆମେ, ପ୍ରଥମେ, ତାହା ଉପରେ, ପ୍ରାର୍ଥନା କରିବା ଉଚିତ୍ । ହଁ ।

66 ତେବେ, ଆମେମାନେ ଜାଣିବାକୁ ପାଉ ଯେ ଆମେ ଏକ ଶିକ୍ଷାଗତ କାର୍ଯ୍ୟକ୍ରମ ଦ୍ୱାରା ବିଶ୍ୱକୁ ପରିବର୍ତ୍ତିତ କରିବାକୁ ଚେଷ୍ଟା କରିଅଛୁ, ଏବଂ ଆମେ ପ୍ରକୃତରେ ଏଥିରୁ ଏକ ବିଶୃଙ୍ଖଳା ସୃଷ୍ଟି କରିଅଛୁ, ଯଥେଷ୍ଟ ନିଶ୍ଚିତ ଭାବରେ । ଆପଣ ଶିକ୍ଷା ମାଧ୍ୟମରେ ଜଗତକୁ ଖ୍ରୀଷ୍ଟଙ୍କ ନିକଟକୁ ପରିବର୍ତ୍ତିତ କରିପାରନ୍ତି ନାହିଁ । ଶିକ୍ଷା ତ ତାଙ୍କୁ ଅପେକ୍ଷାକୃତଭାବରେ ପରମେଶ୍ୱରଙ୍କଠାରୁ ଦୂରକୁ କରି ଦିଏ, ଯେତିକି ଏହା ତାଙ୍କୁ ପରମେଶ୍ୱରଙ୍କ ନିକଟକୁ ଆକର୍ଷିତ କରେ, କାରଣ ସେ ଭାବିବାକୁ ଚେଷ୍ଟା କରନ୍ତି ଯେ ସେ ଅଧିକ ଚତୁର ଏବଂ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣନ୍ତି । ଶିକ୍ଷା ଯେତିକି ବି ଭଲ ହୋଇଥାଉ, ଖ୍ରୀଷ୍ଟ କଦାପି ଜଗତକୁ ଶିକ୍ଷା ଦେବା ପାଇଁ ନିଜର ମଣ୍ଡଳୀକୁ କାର୍ଯ୍ୟଭାର ଦେଇ ନ ଥିଲେ । ସେ ସେମାନଙ୍କୁ ସେମିନାରୀ ନିର୍ମାଣ କରିବା ପାଇଁ, କେବେ ବି ଶିକ୍ଷା ଦେଇ ନ ଥିଲେ । ସେ କେବେବି ଶି-...ଓଃ, ସେଗୁଡିକ ଉତ୍ତମ ଅଟେ । ସେ କେବେ ବି ସେମାନଙ୍କୁ ଡାକ୍ତରଖାନା ନିର୍ମାଣ କରିବା ପାଇଁ କହି ନ ଥିଲେ । ତାହା ଠିକ୍ ଅଟେ ।

67 ମାତ୍ର ମଣ୍ଡଳୀର କାମ ହେଉଛି ସୁସମାଚାର ପ୍ରଚାର କରିବା । "ତୁମେ ସମଗ୍ର ଜଗତକୁ ଯାଅ, ପ୍ରତ୍ୟେକ ପ୍ରାଣୀଙ୍କୁ ସୁସମାଚାର ପ୍ରଚାର କର ।" ବୁଝିଲେ? ମାତ୍ର ଏହାଠାରୁ ଭିନ୍ନ କିଛି ବି ବିଷୟ, କମ୍ପମାନ ହୋଇଥାଏ, କାରଣ ଏହା ପରମେଶ୍ୱରଙ୍କ କାର୍ଯ୍ୟକ୍ରମରୁ ବାହାରେ ଅଟେ ।

68 ରାଷ୍ଟ୍ରୀୟ ଜୀବନ ଅନିଶ୍ଚିତ ଅଟେ । ତେବେ, ଜଗତ ଅନିଶ୍ଚିତ ଅଟେ । ଆମେମାନେ ତ କେବଳ ଏପରି ଏକ ସ୍ଥାନରେ ବାସ କରୁଅଛୁ ଯେଉଁଠାରେକି ସମଗ୍ର ବିଶ୍ୱ ଏକ ସ୍ନାୟୁଜନିତ ପୀଡା ଦେଇ ଗତି କରୁଅଛି, ଏପରି ଦେଖାଯାଏ ଯେପରିକି, ସମସ୍ତ କିଛି ବିଷୟ କମ୍ପମାନ ହେଉଅଛି । ପ୍ରତ୍ୟେକ ରାଷ୍ଟ୍ର, ପ୍ରତ୍ୟେକ ଜଣ, ଜଣେ ଅନ୍ୟ ଜଣକୁ ଭୟ କରୁଛନ୍ତି । ସେମାନେ ଶାନ୍ତିର କଥା କୁହନ୍ତି ।

69 ସେମାନେ, ଥରେ, ସେମାନେ କହିଥିଲେ, "ଓଃ, ଯେତେବେଳେ ଆମେମାନେ ପ୍ରଥମ ବିଶ୍ୱ ଯୁଦ୍ଧ ଲଢିଥିଲୁ, ଆମର ସମସ୍ତ ପିଲାମାନେ ନିଶ୍ଚିତ ଭାବରେ ସେଠାକୁ ଯିବେ, ଏବଂ

ତାହା ଯୁଦ୍ଧକୁ ସମାଧାନ କରି ଦେବ।" କାହିଁକି, ସେମାନେ ତ ଏପରିକି ବାୟୁମଣ୍ଡଳରୁ ଗୋଳାବାରୁଦର ଧୂଆଁକୁ ସୁଦ୍ଧା ସଫା କରି ନ ଥିଲେ ଯେତେବେଳେକି ସେମାନେ ଆଉ ଏକର ସମ୍ମୁଖିନ ହୋଇଗଲେ।

70 ତାହାପରେ ସେମାନଙ୍କର ରାଷ୍ଟ୍ର ପରିଷଦ ସଂଘ ରହିଥିଲା, ଏବଂ ତାହା ଜଗତରେ ଆଇନ୍ ବ୍ୟବସ୍ଥାକୁ ରକ୍ଷା କରିବାକୁ ଯାଉଥିଲା, ଏବଂ ତାହା ବିଫଳ ହୋଇଗଲା। ବର୍ତ୍ତମାନ ସେମାନଙ୍କ ପାଖରେ ରାଷ୍ଟ୍ର ସଂଘ ଅଛି, ଏବଂ ଏହା ସେହି ସମାନ ବିଷୟ ଅଟେ। ତାହା ମଧ୍ୟ ବିଫଳ ହୋଇଯାଇଛି। ଏଥିରେ କିଛି ହେଲେ ନାହିଁ।

71 ସବୁକିଛି କମ୍ପମାନ ଅଟେ; ରାଷ୍ଟ୍ରୀୟ ଜୀବନ, ରାଜନୈତିକ ଜୀବନ, ମତଦାନ ଯନ୍ତ୍ରଗୁଡିକ। ଓଃ, ମୋର ପ୍ରଭୁ! ସେମାନେ ତ କେବଳ...ସମଗ୍ର ବିଷୟ, ସବୁକିଛି ଦୋହଲି ଯାଇଅଛି।

72 ବର୍ତ୍ତମାନ ମୁଁ ଏହାକୁ ଅଳ୍ପ ଟିକିଏ ଗୃହ ନିକଟକୁ ଆଣିବାକୁ ଚାହୁଁଛି। ବୁଝିଲେ? ମଣ୍ଡଳୀ ଜୀବନ କମ୍ପିତ ଏବଂ ଅନିଶ୍ଚିତ ଅଟେ। ତେବେ, ତାହାହିଁ ଅଟେ ଯାହା ବିଷୟରେ ପାଉଲ କହୁଥିଲେ। ବୁଝିଲେ? ସେହିଠାରେ ହିଁ ତାଙ୍କର ଅଭିପ୍ରାୟ ଥିଲା, "ଯଦି ଗୋଟିଏ ତୂରୀ ଏକ ଅସ୍ପଷ୍ଟ ଧ୍ୱନି କରେ।" ମଣ୍ଡଳୀ ଜୀବନ କମ୍ପିତ ହୋଇ ଯାଇଛି। ଲୋକମାନେ ବଡ଼ କଷ୍ଟରେ ସୁଦ୍ଧା ଏହା ଜାଣନ୍ତି ନାହିଁ ଯେ କଅଣ କରିବେ। ସେମାନେ ମଣ୍ଡଳୀରୁ ମଣ୍ଡଳୀକୁ, ଦରାଣ୍ଡି ହୁଅନ୍ତି, ଏହା ଖୋଜିବାକୁ ଚେଷ୍ଟା କରନ୍ତି ଯେ ସଠିକ୍ ବିଷୟଟି କାହା ପାଖରେ ଅଛି; ସ୍ତମ୍ଭରୁ ଖୁଣ୍ଟକୁ ଯାଆନ୍ତି, ଏହା ଖୋଜିବାକୁ ଚେଷ୍ଟା କରନ୍ତି ଯେ ସଠିକ୍ ବିଷୟଟି କଅଣ ଅଟେ, ସଠିକ୍ ଶିକ୍ଷାଟି କେଉଁଠାରେ ଅଛି। ଏବଂ ଜଣେ ଆଖପାଖକୁ ଆସିବେ, ଏବଂ ସେମାନେ ଏହାକୁ, ପ୍ରାୟଃ ସେମାନଙ୍କର ବିଶ୍ୱାସମତର ବିନ୍ଦୁ ପର୍ଯ୍ୟନ୍ତ ବୁଝାଇ ଦେଇପାରନ୍ତି, ଠିକ୍ ଅଟେ। ଏବଂ ତାହାପରେ, ପ୍ରଥମ ବିଷୟ ଆପଣମାନେ ଜାଣନ୍ତି, ସେମାନେ ସେଥିରେ ଏତେ ଦୁର୍ନୀତି ପାଇଲେ, ଯେ ଏପରିକି ସେମାନେ ଅନ୍ୟ ଏକ ମଣ୍ଡଳୀ ଖୋଜିବାକୁ ଚେଷ୍ଟା କରନ୍ତି, ଏହା ଦେଖିବା ହେତୁ ଯେ ସେମାନଙ୍କର ବିଶ୍ୱାସମତ, ଶିକ୍ଷା କଅଣ ଅଟେ। ଓଃ, ଏହି ସବୁ, ଆମେମାନେ ପାଉ ଯେ ଆମେମାନେ ନିଜକୁ ସେତେବେଳେ, ଏହି ଜିନିଷଗୁଡ଼ିକ ଦ୍ୱାରା, ମଣ୍ଡଳୀର ଶହ ଶହ ଭିନ୍ନ ଆଦେଶ ଗୁଡିକରେ ଭାଙ୍ଗି ଦେଇଅଛୁ। ତେବେ, ତାହା ବିରୁଦ୍ଧରେ କିଛି ହେଲେ ନାହିଁ। ତାହା କେବଳ ଏତିକି ଯେ ସେମାନେ ଅନ୍ୟ ବିଷୟଗୁଡିକ କରିପାରନ୍ତି, ତାହାପରେ, ଯାହା ସେମାନେ କରନ୍ତି, ଏବଂ କୌଣସିଠାରେ, ସେଥିରୁ କିଛି ଭଲ ବିଷୟ ବାହାରି ଆସିବାକୁ ଅଛି।

73 ମାତ୍ର, ଆପଣନମାନେ ଦେଖନ୍ତୁ, ଆପଣ ନିଜର ଆତ୍ମବିଶ୍ୱାସ ସେହି କଥନରେ ରଖିପାରନ୍ତି ନାହିଁ, "ମୁଁ ମେଥୋଡିଷ୍ଟ ମଣ୍ଡଳୀ ସଂଘରେ ସମ୍ପୃକ୍ତ ଅଟେ, ଓ ମୁଁ—ମୁଁ ଠିକ ଅଟେ କାରଣ ମୁଁ ଏଥିରେ ଅନ୍ତର୍ଭୁକ୍ତ ଅଟେ।" "ମୁଁ—ମୁଁ—ମୁଁ ବାପ୍ତିଷ୍ଟ ସଂଘରେ ଅନ୍ତର୍ଭୁକ୍ତ ଅଟେ, ଏବଂ ମୁଁ ଠିକ ଅଟେ।" ଆପଣ ତାହା କରିପାରନ୍ତି ନାହିଁ।

74 ଆପଣ ତ ଏପରିକି ତାହା ସେତେବେଳେ ସୁଦ୍ଧା କରିପାରନ୍ତି ନାହିଁ ଯେତେବେଳେ ଆପଣ କୁହନ୍ତି ଯେ ଆପଣ "ପେଣ୍ଟିକଷ୍ଟାଲ୍ ମଣ୍ଡଳୀ ସଂଘରେ ସମ୍ପୃକ୍ତ ଅଟନ୍ତି।" ଆପଣ ତାହା କରିପାରନ୍ତି ନାହିଁ। ଆପଣଙ୍କୁ ତାହା କରିବା ଉଚିତ୍ ନୁହେଁ, କାରଣ ଏହା ନୁହେଁ। ଆମେମାନେ ପାଉ ଯେ ଯେତେବେଳେ ଆମର ପ୍ରଥମ ପେଣ୍ଟିକଷ୍ଟାଲ୍ ସଂଘ, ସେହି ସାଧାରଣ ପରିଷଦ, କ୍ରମବଦ୍ଧ ହୋଇ ସ୍ଥାପିତ ହେଲା, ତେବେ ଏହା ଅଧିକ ସମୟ ହୋଇ ନ ଥିଲା ଯେ ସେମାନେ *ସେଥିରୁ* ଭାଙ୍ଗିବାକୁ, ଏବଂ *ଏଥିରୁ* ଭାଙ୍ଗିବାକୁ ଆରମ୍ଭ କରିଥିଲେ, ଏବଂ ସମସ୍ୟାମାନ, ଏବଂ ଶିକ୍ଷାମାନ ଆରମ୍ଭ ହୋଇଥିଲା। ଏବଂ ବର୍ତ୍ତମାନ ଏହାକୁ, ସବୁଆଡୁ ଲକ୍ଷ୍ୟ କରନ୍ତୁ। ବୁଝିଲେ? ଏହା ଦେଖାଇବାକୁ ଯାଏ ଯେ ତାହା ଅନିଶ୍ଚିତ ଅଟେ। ଯେଉଁମାନେ କେବଳ ସଂଗଠନ ଉପରେ ବିଶ୍ୱାସ କରନ୍ତି, ଏହା—ଏହା ଅନିଶ୍ଚିତ ଅଟେ।

75 ତେବେ, ଆପଣ କହିବେ, "ଭାଇ ବ୍ରାନହାମ୍, ଆପଣ ଆମକୁ ଏଠାରେ ଏକ ବଡ ଡାଳରେ ନେଇ ଯାଉଅଛନ୍ତି। ଆପଣ ଏକ ଅତିଶୟ ଅନ୍ଧାରୁଆ ଚିତ୍ର ଅଙ୍କନ କରୁଛନ୍ତି।" ଏବଂ ମୁଁ ତାହା କରିବାକୁ ଇଚ୍ଛା କରୁଥିଲି। ମୁଁ ତାହା କରିବାକୁ ଚାହୁଁଥିଲି।

76 ମୁଁ ଏହାକୁ ଏକ ଉଦ୍ଦେଶ୍ୟ ପାଇଁ କରିଥିଲି, ଯେପରିକି ମୁଁ ଏହା କହିପାରେ। କଅଣ କିଛି ବିଷୟ ସୁନିଶ୍ଚିତ ଅଟେ କି? ହଁ। ଗୋଟିଏ ବିଷୟ ଅଛି ଯାହାକି ସୁନିଶ୍ଚିତ ଅଟେ। ଓଃ, ମୁଁ ଏଥି ପାଇଁ ବହୁତ ଖୁସି, ଯେ ଏପରି ଗୋଟିଏ ବିଷୟ ଅଛି ଯେଉଁଥିରେ ଆପଣ ନିଜର ଆତ୍ମବିଶ୍ୱାସକୁ ରଖିପାରନ୍ତି, ଏବଂ ଏହା ଠିକ୍ ବୋଲି ସୁନିଶ୍ଚିତ ହୋଇପାରନ୍ତି। ଓଃ, ଯେତେବେଳେ ସମସ୍ତ କିଛି ବିଷୟ ଶେଷ ହୋଇଯାଏ, *ଏହା* କେବଳ ଛିଡା ହୋଇଥିବ। ଯଦି ଆପଣ ସାଧୁ ମାଥିଉ 24:35 ପାଠ କରିବେ, ସେ କହିଥିଲେ, "ସ୍ୱର୍ଗ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ ବିଫଳ ହେବ ନାହିଁ।" ପରମେଶ୍ୱରଙ୍କର ଏକ ନିର୍ଦ୍ଦିଷ୍ଟ ଭିତ୍ତିମୂଳ ରହିଛି।

77 ଜଣେ ବୃଦ୍ଧ ବ୍ୟକ୍ତି, ଥରେ କହିଲେ, ଦକ୍ଷିଣରେ ଜଣେ ଶ୍ୟାମବର୍ଣ୍ଣ ବୃଦ୍ଧ ବ୍ୟକ୍ତିଜଣକ। ସେ ଗୋଟିଏ ବାଇବଲ ଧରିଥିଲେ, ଏବଂ ସେ ପଢ଼ି ପାରୁ ନ ଥିଲେ। ଏବଂ ସେମାନେ କହିଲେ, "ସାମ୍, ତୁମେ ଏହାକୁ କାହିଁକି ଧରି ରହିଛ?"

78 ସେ ଉତ୍ତର ଦେଲେ, "ଏହା—ଏହା ପବିତ୍ର ବାଇବଲ ଅଟେ।" କହିଲେ, "ଏହା ଉପରେ ଲେଖା ହୋଇଛି।" ଏବଂ କହିଲେ, "ମୁଁ ଏହାକୁ, ଉପର ଆବରଣରୁ ପଛ ଆବରଣକୁ ବିଶ୍ୱାସ କରେ, ଏବଂ ସେହି ଆବରଣକୁ ମଧ୍ୟ ବିଶ୍ୱାସ କରେ," ସେ କହିଲେ, "କାରଣ ଏହା ଉପରେ 'ପବିତ୍ର ବାଇବଲ' ଲେଖା ହୋଇଛି।"

79 ଏବଂ ସେହି ବ୍ୟକ୍ତିଜଣକ ତାଙ୍କ ସହିତ କଥାବାର୍ତ୍ତା ହେଉଥିଲେ, କହିଲେ, "କଅଣ ଆପଣ ଏଥି ଭିତରେ ଥିବା ସମସ୍ତ ବିଷୟକୁ ବିଶ୍ୱାସ କରନ୍ତି ନାହିଁ କି?"

କହିଲେ, "ହଁ, ଆଜ୍ଞା। ମୁଁ ନିଶ୍ଚିତରେ କରେ।"

80 ସେ କହିଲେ, "ବର୍ତ୍ତମାନ, ତେବେ, କଅଣ ଆପଣଙ୍କର ଏହା ଅଭିପ୍ରାୟ ଯେ ବାଇବଲ ଯାହା କୁହେ ଆପଣ ତାହା କରିବେ?"

ସେ ଉତ୍ତର ଦେଲେ, "ହଁ ମହାଶୟ।"

81 କହିଲେ, "କଅଣ ହେବ ଯଦି ବାଇବଲ ସାମ୍‌କୁ ସେଠାରେ ସେହି ପଥର କାନ୍ଥ ଦେଇ ଡେଇଁବାକୁ କୁହେ? ଆପଣ କଅଣ କରିବେ?"

ସେ କହିଲେ, "ମୁଁ ଡେଇଁ ପଡିବି।"

82 ସେ କହିଲେ, "ତେବେ, ବର୍ତ୍ତମାନ, ଆପଣ କିପରି ସେହି ପଥର କାନ୍ଥ ଦେଇ ଯିବାକୁ ଯାଉଅଛନ୍ତି ଯଦି ସେଠାରେ ଏକ ଛିଦ୍ର ନାହିଁ?"

83 ସେ କହିଲେ, "ଯଦି ବାଇବଲ ସାମ୍‌କୁ ଡେଇଁବା ପାଇଁ କୁହେ, ତାହାହେଲେ ସାମ୍ ସେଠାରେ ପହଞ୍ଚିବା ବେଳେ ସେଠାରେ ଏକ ଛିଦ୍ର ରହିଥିବ।" ତେଣୁକରି, ତାହା, ତାହା ପ୍ରାୟଃ ପ୍ରାୟଃ ଠିକ୍ ଅଟେ। ସେଠାରେ ଏକ ଛିଦ୍ର ରହିଥିବ।

84 କେବଳ ଗୋଟିଏ ମାତ୍ର ବିଷୟ ଆପଣଙ୍କୁ କରିବାକୁ ପଡିବ ତାହା ହେଉଛି ପରମେଶ୍ୱରଙ୍କ ବାକ୍ୟ ଉପରେ ନିଜର ପକ୍ଷକୁ ଗ୍ରହଣ କରିବା, ଏବଂ ଏହାର ବାକି ବିଷୟ ପାଇଁ ପରମେଶ୍ୱର ମାର୍ଗ ପ୍ରସସ୍ତ କରିବେ। ଓଃ, ସେହି ମହାନ ଭିତ୍ତିମୂଳ!

85 ମୁଁ ବିଶ୍ୱାସ କରେ ଯେ ସେ, ଲୂକରେ କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ଏହା ସେଠାରେ ଥିଲା, ଯେଉଁଠାରେ ସେ ପର୍ବତରୁ ଓହ୍ଲାଇ ଆସୁଥିଲେ, ସେ ଶିଷ୍ୟମାନଙ୍କୁ କହିଥିଲେ, "ମନୁଷ୍ୟପୁତ୍ର ଯେ ମୁଁ କିଏ ବୋଲି ଲୋକମାନେ କଅଣ କହୁଛନ୍ତି?"

ଏବଂ ଜଣେ କହିଲେ, "'ଯିରିମିୟ,' ଏବଂ 'ଭବିଷ୍ୟଦ୍‌ବକ୍ତାମାନ,' ଏବଂ ପ୍ରଭୃତିସବୁ।"

ଏବଂ ସେ କହିଲେ, "କିନ୍ତୁ ମୁଁ କିଏ ବୋଲି ତୁମେମାନେ କଅଣ କହୁଛ?"

86 ସେହିଠାରେ ହିଁ ଥିଲା ଯେତେବେଳେ ପିତର ସେହି ଉଲ୍ଲେଖନୀୟ ବକ୍ତବ୍ୟ ଦେଇଥିଲେ, "ତୁମ୍ଭେ ଖ୍ରୀଷ୍ଟ, ଜୀବନ୍ତ ପରମେଶ୍ୱରଙ୍କ ପୁତ୍ର।"

87 ସେ କହିଲେ, "ହେ ଶିମୋନ, ଯୂନସଙ୍କ ପୁତ୍ର, ତୁମ୍ଭେ ଧନ୍ୟ, କାରଣ ମାଂସ ଓ ରକ୍ତ ଏହାକୁ ତୁମଠାରେ ପ୍ରକାଶ କରି ନାହିଁ। ମାତ୍ର ମୋର ସ୍ୱର୍ଗସ୍ଥ ପିତା ଏହାକୁ ତୁମଠାରେ ପ୍ରକାଶ କରିଛନ୍ତି। ଏବଂ ଏହି ଶୈଳ ଉପରେ ମୁଁ ମୋର ମଣ୍ଡଳୀକୁ ନିର୍ମାଣ କରିବି, ଏବଂ ନରକର ବଳ ଏହା ଉପରେ ପ୍ରବଳ ହୋଇପାରିବ ନାହିଁ।"

88 ତେବେ ଏହା କଅଣ ଅଟେ? ପରମେଶ୍ୱରଙ୍କ ବାକ୍ୟର ପ୍ରକାଶିତ ସତ୍ୟ ଉପରେ। ଯେହେତୁ, "ଆଦ୍ୟରେ ବାକ୍ୟ ଥିଲା, ଏବଂ ବାକ୍ୟ ପରମେଶ୍ୱରଙ୍କ ସହିତରେ ଥିଲା, ଏବଂ ବାକ୍ୟ ପରମେଶ୍ୱର ଥିଲା। ଏବଂ ସେହି ବାକ୍ୟ ଦେହ ଧାରଣ କଲା ଏବଂ ଆମମାନଙ୍କ ମଧ୍ୟରେ ବାସ କଲା।" ଏବଂ ଏହା ପିତରଙ୍କ ନିକଟରେ ପ୍ରକାଶିତ କରା ଯାଇଥିଲା ଯେ ତାହା ପରମେଶ୍ୱରଙ୍କ ପ୍ରମାଣିତ ବାକ୍ୟ ଅଟେ। ଆମେନ୍।

89 ସେହି କାରଣରୁ ସେ କହି ପାରିଥିଲେ, "କିଏ ମୋତେ ପାପର ଦୋଷ ଲଗାଇପାରେ? କିଏ ମୋତେ ଦୋଷ ଦେଇପାରେ? ସମସ୍ତକିଛି ଯାହା ବାକ୍ୟ ମୋ ବିଷୟରେ ଲେଖିଅଛି, ମୁଁ

ତାହାକୁ ସଂପାଦନ କରିଅଛି ।" ପରମେଶ୍ୱର ଏହାକୁ ପ୍ରମାଣ କରିଥିଲେ, ଯେ ସେ ହିଁ ବାକ୍ୟ ଥିଲେ । ଓଃ, ତାହାହିଁ ସବୁକିଛି ଅଟେ । ପରମେଶ୍ୱର ପ୍ରକାଶ କରିଛନ୍ତି, ବାକ୍ୟ ସେହିପରି କହିଥିଲା, ଏବଂ ତାହାପରେ ପରମେଶ୍ୱର ଏହାକୁ ବାସ୍ତବ କରିଥିଲେ, ଏହାକୁ ସଫଳ କରିଥିଲେ, ଏହାକୁ ଦେଖାଇଥିଲେ ।

90 ବହୁ ବର୍ଷ ପୂର୍ବେ, ଯେତେବେଳେ ସେମାନେ ମଣ୍ଡଳୀକୁ କହିଥିଲେ, "ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଭଳି କୌଣସି ବିଷୟ ନାହିଁ, ତାହା ତ କେବଳ ଏକ ଭାବନା ଅଟେ ଯେଉଁଥିରେକି ଲୋକମାନେ ନିଜକୁ କାର୍ଯ୍ୟକାରୀ କରି ଉତ୍ତେଜିତ ହୋଇଥିଲେ," ମାତ୍ର ଯେଉଁମାନେ ଏହାକୁ ଗ୍ରହଣ କରିଥିଲେ, ସେମାନେ ଜାଣିଥିଲେ ଯେ ଏହା ସତ୍ୟ ଥିଲା । ସେମାନେ ଜାଣିଥିଲେ ଯେ ପରମେଶ୍ୱର ବାସ୍ତବ ଥିଲେ । ଏବଂ ଏହା ପ୍ରମାଣିତ ହୋଇଅଛି, ଯେ ଏପରିକି, ଆଜି ପର୍ଯ୍ୟନ୍ତ, ସମଗ୍ର ଦେଶରେ ପରମେଶ୍ୱରଙ୍କ ପେଣ୍ଟିକଷ୍ଟାଲ୍ ଆନ୍ଦୋଳନଟି, ଅବଶିଷ୍ଟ ଅନ୍ୟ ସମସ୍ତ ଅପେକ୍ଷା ଖ୍ରୀଷ୍ଟଙ୍କ ନିକଟକୁ ଅଧିକ ସଂଖ୍ୟାରେ ଲୋକମାନଙ୍କୁ ଆଣିଅଛି ।

91 କିଛି ସମୟ ପୂର୍ବେ, ସେହି କ୍ୟାଥୋଲିକ୍ ଖବରକାଗଜ, *ଆୱର ସଣ୍ଡେ ଭିଜିଟର୍*, କହିଥିଲା, ମୁଁ ବିଶ୍ୱାସ କରେ ଯେ ଏହା ଗତ ବର୍ଷ, କିମ୍ବା ବିଗତ ବର୍ଷର, ଗୋଟିଏ ବର୍ଷ ପୂର୍ବେ ଥିଲା, ଯେ, "କ୍ୟାଥୋଲିକ୍ ମଣ୍ଡଳୀ କେବଳ ପାଞ୍ଚ ଲକ୍ଷ ଧର୍ମ ପରିବର୍ତ୍ତନ ପଞ୍ଜିକୃତ କରିଥିଲା । ଯେଉଁଠାରେକି, ପେଣ୍ଟିକଷ୍ଟାଲମାନେ ପନ୍ଦର ଲକ୍ଷ, ପଞ୍ଜିକୃତ କରିଥିଲା ।" ଆମେନ୍ ।

92 ଏହା କଅଣ ଅଟେ? ଏହା ଏକ ବୃଦ୍ଧି ପାଉଥିବା ବିଷୟ ଅଟେ, ପରମେଶ୍ୱରଙ୍କ ବାକ୍ୟ, ବିଦେଶରେ ବିସ୍ତାର ହେଉଅଛି । ଆମେ କେତେ କୃତଜ୍ଞ ହେବା ଉଚିତ୍! ଏହା ଏତେ ଅଧିକ ଅଟେ, ଯେ, ଏପରିକି ବର୍ତ୍ତମାନ ଏପିସ୍କୋପାଲିଆନ୍, ପ୍ରେସ୍‌ବିଟେରିଆନ୍, ଲୁଥରାନ୍‌ମାନେ ଏବଂ ସମସ୍ତେ, ଏଥିରୁ କିଛି ପାଇବା ନିମନ୍ତେ ଆସୁଛନ୍ତି । ଆପଣ ବ୍ୟବସାୟୀ ପୁରୁଷମାନଙ୍କ ସଭାରେ ଧ୍ୟାନ ଦିଅନ୍ତୁ, ଆପଣ ସେମାନଙ୍କୁ ବିଭିନ୍ନ ବିଷୟରେ କହୁଥିବାର ଶୁଣନ୍ତି: ସେହି ଏପିସ୍କୋପାଲିଆନ୍, ଲୁଥରାନ୍, ପ୍ରେସ୍‌ବିଟେରିଆନ୍ । କାହିଁକି, ଆପଣ କ୍ୱଚିତ୍ ହିଁ କେବେ ପେଣ୍ଟିକଷ୍ଟାଲ୍‌କୁ ଆଉ ଅଧିକ କିଛି କରିବା ବିଷୟରେ ଶୁଣନ୍ତି । ତାହା ଠିକ୍ । ଏହା ଅନ୍ୟ ସମସ୍ତେ ହିଁ ଅଟନ୍ତି । କାରଣ କାହିଁକି? ସେମାନେ ସେମାନଙ୍କର ବିଶ୍ୱାସମତର ଦୁର୍ବଳତାକୁ ଦେଖିଛନ୍ତି, ଏବଂ ସେମାନେ ବାକ୍ୟ ନିକଟକୁ ଫେରି ଯାଇଛନ୍ତି । ସେଠାରେ ଆପଣ ଏପରି ଏକ ମୂଳଦୁଆ ପାଆନ୍ତି, ଏପରି କିଛି ଯାହା ଘୁଞ୍ଚା ଯାଇପାରେ ନାହିଁ ।

93 ସେଠାରେ ପାଇବେ, ଯେ ପବିତ୍ରଆତ୍ମା ମନୁଷ୍ୟମାନଙ୍କ ଭିତରେ ନିଜର ଜୀବନକୁ ଅତିବାହିତ କରନ୍ତି, ଆପଣାକୁ ଜଗତ ନିକଟରେ ପ୍ରକଟିତ କରନ୍ତି । ଏବଂ ଏହା ମନୁଷ୍ୟମାନଙ୍କୁ ତାହାଙ୍କ ନିମନ୍ତେ ତୃଷାର୍ତ୍ତ କରିଦିଏ: ଅକମ୍ପିତ ଭାବରେ, ନିର୍ବିବାଦ, ପରମେଶ୍ୱରଙ୍କ ବାକ୍ୟ ପ୍ରକଟିତ କରୁଥାଏ ଏବଂ ଆପଣାକୁ ଦେଖାଉଥାଏ, ସେହି ବାକ୍ୟ ନିଜେ ମାନବ ଜୀବନ ଦେଇ ବଞ୍ଚି ରହିଥାଏ । କି ଅଦ୍ଭୁତ ବିଷୟ ଅଟେ! ସେ ବିଷୟରେ କିଛି ହେଲେ ଅସ୍ପଷ୍ଟ ନାହିଁ । ଆପଣ ଦେଖିପାରନ୍ତି ଯେ ପରମେଶ୍ୱର କେଉଁଠାରେ ଏକ ପ୍ରତିଜ୍ଞା କରିଛନ୍ତି, ଏବଂ ଏଠାରେ ଏହା

ପ୍ରକଟିତ ହେଉଅଛି । ଶହ ଶହ ବର୍ଷ ପୂର୍ବେ ଭବିଷ୍ୟଦ୍‌ବକ୍ତାମାନେ ଏହା ବିଷୟରେ କହିଥିଲେ, ଏବଂ ଏଠାରେ ଆମେ ଏହା ସଫଳ ହେଉଥିବାର ଦେଖୁଅଛୁ ।

94 ସମସ୍ତ ସମାଲୋଚନା ମଧ୍ୟରେ, ସମସ୍ତ ପାର୍ଥକ୍ୟ ଦେଇ, ସମସ୍ତ ବିଶ୍ୱାସମତ ଦେଇ, ସେମାନେ କିପରି ପରମେଶ୍ୱରଙ୍କ ବାକ୍ୟରୁ ବାହାରି ଯିବାକୁ ଚେଷ୍ଟା କରିଛନ୍ତି! ସେମାନେ କିପରି ଶିକ୍ଷା ସହିତ ଅଦଳ ବଦଳ କରିବାକୁ ଚେଷ୍ଟା କଲେ । ସେମାନେ ବଦଳାଇବାକୁ, ନାମଧାରୀ ସଂସ୍ଥା କରିବାକୁ ଚେଷ୍ଟା କରିଥିଲେ । ସେମାନେ ନିଜ ନିଜକୁ ଦ୍ୱନ୍ଦ୍ୱରେ ପକାଇ ଦେଇଛନ୍ତି । ଏବଂ ଏହିସବୁ ମଧ୍ୟରୁ, ପରମେଶ୍ୱରଙ୍କ ବାକ୍ୟ ଏବେ ମଧ୍ୟ ସେତିକି ଉଜ୍ଜ୍ୱଳ ଏବଂ ପ୍ରକାଶମୟ ଅବସ୍ଥାରେ ଛିଡା ହୋଇଅଛି ଯେତିକି ସେ କେବେ ରହିଥିଲା । ଏହା କଅଣ ଅଟେ? ଏହା ସେହି ବିଷୟ ଅଟେ ଯାହାକି ସ୍ପଷ୍ଟ ଅଟେ । ପରମେଶ୍ୱର କହିଥିଲେ, "ଉଭୟ ଆକାଶ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ମୋହର ବାକ୍ୟ ବିଫଳ ହେବ ନାହିଁ ।" ତାହାହେଲେ, ତାହା ଏପରି କିଛି ଅଟେ ଯାହାକି ନିଶ୍ଚିତ ଅଟେ । ଯଦି ଆପଣ ନିଜକୁ ଲଙ୍ଗର ଦେବାକୁ ଚାହୁଁଛନ୍ତି, ତେବେ ସେହି ବାକ୍ୟକୁ ନିଜ ହୃଦୟରେ ଲଙ୍ଗର ଦିଅନ୍ତୁ ।

95 ଦାଉଦ କହିଥିଲେ ଯେ ସେ ଏହାକୁ ନିଜ ହୃଦୟରେ ଲୁଚାଇ ରଖିଛନ୍ତି ଯେପରିକି ସେ ପାପ ନ କରନ୍ତି । ସେ ତାହାଙ୍କର ବ୍ୟବସ୍ଥାଗୁଡିକୁ ବିଛଣାରେ ଲେଖି ଦେଇଥିଲେ, ଏବଂ ସେଗୁଡିକୁ ନିଜ ହାତରେ ଏବଂ ସବୁ ସ୍ଥାନରେ ବାନ୍ଧି ଦେଇଥିଲେ, ସର୍ବଦା ତାହାଙ୍କର ବାକ୍ୟକୁ ନିଜ ସମ୍ମୁଖରେ ରଖୁଥିଲେ । ତାହା ହିଁ ଉପାୟ ଅଟେ । ନିରନ୍ତର ନିଜର ମନକୁ ରଖନ୍ତୁ…

96 ପରମେଶ୍ୱର ଯିହୋଶୂୟଙ୍କୁ କହିଥିଲେ, "ଏଥିରୁ, ଡାହାଣକୁ କିମ୍ବା ବାମକୁ ବୁଲି ପଡିବ ନାହିଁ । ତେବେ ଯାଇ ତୁମେ ଆପଣାର ପଥକୁ ସମୃଦ୍ଧ କରିବ । ତାହାପରେ ତୁମେ ଉତ୍ତମ ସଫଳତା ପ୍ରାପ୍ତ ହେବ ।"

97 ଏବଂ ଯେତେବେଳେ ମଣ୍ଡଳୀ ସମସ୍ତେ ନିଜକୁ ତାଙ୍କର ବିଶ୍ୱାସମତଠାରୁ ଦୂର କରି, ପରମେଶ୍ୱରଙ୍କ ବାକ୍ୟ ଉପରେ ଏକତ୍ରୀକୃତ କରେ, ତେବେ ଯାଇ ମଣ୍ଡଳୀ ଉତ୍ତମ ସଫଳତା ପ୍ରାପ୍ତ ହେବ । ତାହାହିଁ ସେହି ବିଷୟ ହେବ ଯାହାକି ସାମ୍ୟବାଦକୁ ତଡି ବାହାର କରି ଦେବ ।

98 କେଉଁ ବିଷୟ ସାମ୍ୟବାଦକୁ ଗଢିଥିଲା…? ସେହି ବିଷୟ, ଯାହାକୁ ଆପଣ "ସାମ୍ୟବାଦ" ବୋଲି ଭାବନ୍ତି, ଯେତେବେଳେ ସେମାନେ ସେମାନଙ୍କର ଭଣ୍ଡ ଯୋଜନାକୁ ପ୍ରଚାର ପ୍ରସାର କରୁଥାନ୍ତି, ଏବଂ ଅତ୍ୟଧିକ ବୃଦ୍ଧିଲାଭ କରୁଥାନ୍ତି, ଲକ୍ଷ ଲକ୍ଷ ସଂଖ୍ୟାରେ, ଏବଂ ଲୋକମାନେ ଏହା ବିଷୟରେ ଭୟଭୀତ ହୋଇଥାନ୍ତି: ସେହି ସାମ୍ୟବାଦ ଦୁର୍ବଳ ହୋଇ ମରିଯିବ । ଏହା ହେବାକୁ ଅଛି । ସାମ୍ୟବାଦ, ସେମାନେ *ଏହା* କରିପାରନ୍ତି । ସେମାନେ *ତାହା* କରିପାରନ୍ତି । ମୁଁ ବିଶ୍ୱାସ କରେ ଯେ ପରମେଶ୍ୱର ଏହାକୁ ବ୍ୟବହାର କରିବାକୁ ଯାଉଛନ୍ତି, ମାତ୍ର, ତାହା ଠିକ୍ ଅଟେ, ଯେପରିକି ସେ ନବୂଖଦ୍‌ନିତ୍ସରଙ୍କ ସହ କରିଥିଲେ । ସେ ବାହାର କରିଦେବେ, ସେହି—ସେହି—ସେହି…ସମସ୍ତ ବାଳୁଙ୍ଗାଗୁଡିକ, ସାମ୍ୟବାଦ ସହ ବାହାର କରି ଦେବେ । ମାତ୍ର, ତାହା…ନା, ସେଥିପାଇଁ ବହୁତ କିଛି ଅଟେ । ମାତ୍ର, ଦେଖନ୍ତୁ । କିନ୍ତୁ ସେହି ବିଷୟ,

ସାମ୍ୟବାଦର, ଅନ୍ତ ହେବ । ସାମ୍ୟବାଦ ତାହାର ଅନ୍ତିମ ଦଶାକୁ ଆସିବ ।

99 ମାତ୍ର ପରମେଶ୍ୱରଙ୍କ ବାକ୍ୟର କୌଣସି ଅନ୍ତ ନାହିଁ, କାରଣ ଏହାର କୌଣସି ଆରମ୍ଭ ନ ଥିଲା । ଆମେନ୍ । ଏହା ପରମେଶ୍ୱରଙ୍କ ସହିତ ଅନନ୍ତ ଅଟେ । ଏବଂ ଯଦି ଆପଣ ଲଙ୍ଗରଯୁକ୍ତ ଅଟନ୍ତି, ଏବଂ ବାକ୍ୟ ଆପଣଙ୍କଠାରେ ଲଙ୍ଗରଯୁକ୍ତ ଅଟେ, ତେବେ ଆପଣ ବାକ୍ୟ ସହିତ ଅନନ୍ତ ଅଟନ୍ତି । ଆମେନ୍ ।

100 ଏହାକୁ ତ ତାର ଅନ୍ତିମ ଦଶାକୁ ଆସିବାକୁ ହିଁ ଅଛି । ସେହି ସମସ୍ତ ବିଷୟଗୁଡିକ କମ୍ପମାନ ହେଉଅଛି । ଏଥିରେ କିଛି ଯାଏ ଆସେ ନାହିଁ ଯେ ସେମାନେ କେତେ ବଡ଼ ଏକ ସ୍ତମ୍ଭ ନିର୍ମାଣ କରୁଅଛନ୍ତି, ଏହାକୁ ତ ତଳେ ଭୁଶୁଡି ପଡ଼ିବାକୁ ଅଛି । ସମସ୍ତ କିଛି ବିଷୟ ଯାହାକି ତାର ନୁହେଁ, ସେହି ବାକ୍ୟ ବିରୁଦ୍ଧରେ ଅଟେ, କିମ୍ବା ଏହାର ବିପରୀତ ଅଟେ, ଘୁଞ୍ଚିବାକୁ ହିଁ ହେବ । ଏହାକୁ ସ୍ଥାନ ଦେବାକୁ ପଡ଼ିବ, କାରଣ ବାକ୍ୟ ବିଜୟୀ ହୋଇ ଆସୁଅଛି । କୌଣସି ବିଷୟ ଏହାକୁ ଅଟକାଇପାରେ ନାହିଁ । ପରମେଶ୍ୱର ହିଁ ଏହାକୁ ସେହିପରି କହିଛନ୍ତି ।

101 ଯେତେବେଳେ ସେ ଏହାକୁ କୁହନ୍ତି, ଆକାଶ ଓ ପୃଥିବୀ ଲୋପ ପାଇଯିବ, ମାତ୍ର ଏହା କେବେ ବିଫଳ ହେବ ନାହିଁ । ସେହି ବାକ୍ୟକୁ ନିଜ ହୃଦୟରେ ଲୁଚାଇ ରଖନ୍ତୁ, ଯେ ସେହି ବାକ୍ୟକୁ କିପରି ଗ୍ରହଣ କରାଯିବ ଏବଂ ଏହାକୁ ବଢିବାକୁ ଦିଅନ୍ତୁ । ଏହାକୁ ସର୍ବଦା, ନିଜ ମନରେ ରଖନ୍ତୁ, କାରଣ ଏହା କେବେ ବି ବିଫଳ ହେବ ନାହିଁ । ପରମେଶ୍ୱରଙ୍କ ବାକ୍ୟ କେବେ ବି ବିଫଳ ହେବ ନାହିଁ, କାରଣ ସେ କହିଛନ୍ତି ଯେ ଏହା ହେବ ନାହିଁ । ତେଣୁକରି ଆମେ ଏହାକୁ ତାହା ଉପରେ ରଖିବାକୁ ଚାହୁଁ ।

102 ବର୍ତ୍ତମାନ, ପାଉଲ, ଶାସ୍ତ୍ରରେ କୁହନ୍ତି, ଯେପରିକି ଜଣେ ସୈନିକକୁ ତାଲିମ ଦିଆଯାଏ, ଜଣେ ସୈନିକକୁ ଏକ ଧ୍ୱନି ପ୍ରତି ତାଲିମ ଦିଆ ଯାଇଥାଏ । ତେବେ, ଜଣେ ସୈନିକକୁ ତାହାର ବିଗୂଲ୍ ବା ତୂରୀର...ଧ୍ୱନିଗୁଡିକ ସବୁ ଶିଖିବାକୁ ପଡିଥାଏ । ସେ ଜାଣେ ନାହିଁ ଯେ ଯଦି ତୂରୀଟି ଧ୍ୱନି କରେ, ଅବା ବାଜେ, ତେବେ କଅଣ କରିବାକୁ ଅଛି—ଅଛି ଆକ୍ରମଣ କରିବା ନା ପଛକୁ ଘୁଞ୍ଚିବା । ଯଦି ସେ ସେହି ପାର୍ଥକ୍ୟକୁ ଜାଣେ ନାହିଁ, ତାହାହେଲେ ଆପଣ କେଉଁ ପ୍ରକାରର ଏକ ମିଶ୍ରିତ-ସେନା ପାଇବେ? ଶତ୍ରୁ ନିଶ୍ଚିତ ଭାବରେ ସେହିପରି ସୈନିକମାନଙ୍କର ଏକ ଦଳ ଉପରେ ଜୟଲାଭ କରିବ ଯେଉଁମାନେକି ତାହାଠାରୁ ଅଧିକ ଉତ୍ତମ ତାଲିମପ୍ରାପ୍ତ ନୁହଁନ୍ତି । ଆମେନ୍ ।

103 ତାହାହିଁ ଆଜି ଆମର ମଣ୍ଡଳୀଗୁଡ଼ିକ ସହିତ ମାମଲା ଅଟେ । ଆମେମାନେ ସେମାନଙ୍କୁ ଗୋଟିଏକୁ ଅନ୍ୟଠାରୁ ଭିନ୍ନ କରୁଥିବା, ସେହି ବିଶ୍ୱାସମତ ଉପରେ ତାଲିମ ଦେଇଅଛୁ ।

104 ଆମମାନଙ୍କୁ ଏକୀକୃତ ହେବାକୁ ଅଛି । ଆମକୁ ଏକ ତୂରୀ ବିଷୟ ଜାଣିବାକୁ ଅଛି । "ତେବେ ସେହି ତୂରୀଟି କେଉଁଟା?" ସେମାନେ କୁହନ୍ତି । ସୁସମାଚାର ତୂରୀ, ତାହାହିଁ ଏହା ଅଟେ । ଜୀବନ୍ତ ପରମେଶ୍ୱରଙ୍କ ବାକ୍ୟ ହିଁ ତୂରୀ ଅଟେ । ଏହା ସହିତ ଅନ୍ୟ କୌଣସି ବିଷୟ ମିଶ୍ରିତ କରନ୍ତୁ ନାହିଁ ।

105 ଏପରି କାହାରିକୁ ଗୋଟିଏ ଫରାସୀ ବୀଣା ବଜାଇବାକୁ ଦିଅନ୍ତୁ ନାହିଁ, ଏବଂ ଅନ୍ୟ ଜଣକାକୁ ଏକ ବିଗୁଲ୍ ବଜାଇବାକୁ ଦିଅନ୍ତୁ ନାହିଁ । କେହି ହେଲେ କିଛି ଜାଣିବେ ନାହିଁ ଯେ କଅଣ କରିବାକୁ ଅଛି । ଏହା ଏକ ଦ୍ୱନ୍ଦ୍ୱ ଆଣିଥାଏ ।

106 ଏବଂ ପାଉଲ ଜଣେ ବ୍ୟକ୍ତିଙ୍କୁ ଏକ ଧ୍ୱନି ପ୍ରତି ତାଲିମ ଦେବା ବିଷୟ କହୁଥିଲେ । ଏବଂ ଠିକ ଯେପରି ସେହି ଧ୍ୱନି ଅଟେ, ସେ ଠିକ୍ ଭାବରେ ଜାଣେ ଯେ କଅଣ କରିବାକୁ ଅଛି, କାରଣ ସେହି ବିଗୁଲ ବାଦକ ଆଦେଶ ପାଇଥାଏ, ଏବଂ ମୁଖ୍ୟ ଅଧିନାୟକଙ୍କଠାରୁ ଆଦେଶ ପାଇଥାଏ । ଏବଂ ଯେତେବେଳେ ସେ ଏହି ତୂରୀ ବଜାଇଥାଏ, ସେତେବେଳେ ସୈନ୍ୟଦଳ ସଠିକ୍ ଭାବରେ ଜାଣିଥାଏ ଯେ କେଉଁ ସ୍ଥାନରେ—ରେ ଆଗକୁ ବଢିବାକୁ ଅଛି, ଏବଂ କେଉଁଠାରେ ପ୍ରତ୍ୟାହାର କରିବାକୁ ଅଛି, ଏବଂ ତୂରୀ ବଜାଇବା ଦ୍ୱାରା, ଡାହାଣକଲୁ କିମ୍ଵା ବାମକୁ ବୁଲିବାକୁ ଅଛି, କିମ୍ଵା କଅଣ କରିବାକୁ ଅଛି ।

107 ତେବେ, ସେନା, ଯୁଦ୍ଧ, ଏହା ସର୍ବଦା ଯୁଦ୍ଧ ହିଁ ରହିଆସିଛି । ଆମେମାନେ କଦାପି ମଣ୍ଡଳୀକୁ ଏକ ପ୍ରେମଭୋଜି ନିମନ୍ତେ ଆସିବା ପାଇଁ, ଯୋଗ ଦେଇ ନାହୁଁ, କିମ୍ଵା ମଣ୍ଡଳୀକୁ ଆସି ନାହୁଁ । ଆମମାନଙ୍କୁ ଏହା ନିଶ୍ଚିତ ଭାବରେ ହୃଦୟଙ୍ଗମ କରିବାକୁ ଅଛି ଯେ ଆମେମାନେ ଏକ ଯୁଦ୍ଧକ୍ଷେତ୍ରକୁ ଆସୁଅଛୁ ।

108 ମୁଁ କେବେବି ଏଇଥି ପାଇଁ ଆସେ ନାହିଁ ଯେ ଲୋକମାନେ ଆସି ମୋତେ ପିଠିରେ ଥପ୍‌ଥପାଇ ଦେବେ ଓ କହିବେ, “ଭାଇ ବ୍ରାନହାମ୍, ଆପଣ ଜଣେ ଅଦ୍ଭୁତ ବ୍ୟକ୍ତି ଅଟନ୍ତି ।” ନା, ଆଜ୍ଞା । ମୁଁ ସେଠାରେ ଏକ ଢାଲ ପିନ୍ଧି ଆସିଥାଏ । ମୋତେ ତାହା ପାଇଁ ଏକ ଢାଲର ଦରକାର ନାହିଁ । ମୁଁ ଏକ ଶିରସ୍ତ୍ରାଣ ଏବଂ ସାଞ୍ଜୁ ସହିତ ଆସେ । ମୁଁ ଯୁଦ୍ଧ କରିବାକୁ, ଭୂମିର ପ୍ରତ୍ୟେକ ଇଞ୍ଚ ନିମନ୍ତେ ଯୁଦ୍ଧ କରିବାକୁ ଆସେ ।

109 ପରମେଶ୍ୱର ଯିହୋଶୂୟଙ୍କୁ କହିଥିଲେ, “ପ୍ରତ୍ୟେକ ସ୍ଥାନ ଯେଉଁଠାରେ ତୁମର ପାଦ ପଡ଼େ, ତାହା ମୁଁ ତୁମକୁ ଅଧିକାର ନିମନ୍ତେ ଦେଇଅଛି ।” ତେଣୁକରି, ପାଦଗତିର ଅର୍ଥ ଅଧିକାର ଅଟେ ।

110 ଏବଂ ଯେତେବେଳେ ମଣ୍ଡଳୀ ଏପରି ଏକ ସ୍ଥାନକୁ ଆସେ, ଏହା ବିଶ୍ୱାସମତ ସହିତ ଆପୋଷ ନିଷ୍ପତ୍ତି ନିଏ, ଏବଂ ବାକ୍ୟ ସହିତ ଆପୋଷ ନିଷ୍ପତ୍ତି ନିଏ, ଏବଂ ଜଗତ ସହିତ ଆପୋଷ ନିଷ୍ପତ୍ତି ନିଏ, ମୋର କହିବାର ଅର୍ଥ, ତେବେ ଏହା ଭୂମିକୁ ହରାଉଥାଏ । ଏହା ପ୍ରତ୍ୟାହାର କରିବା ଅଟେ ।

111 ଆଜି ରାତିରେ ଆମର ଯାହା ଦରକାର ତାହା ହେଉଛି ସୈନିକମାନେ ଏହି ବାଇବଲର ପ୍ରତ୍ୟେକ ଈଶ୍ୱରୀୟ ପ୍ରତିଜ୍ଞାକୁ ଗ୍ରହଣ କରନ୍ତୁ, ଯାହା ପରମେଶ୍ୱର ମଣ୍ଡଳୀକୁ ପ୍ରତିଜ୍ଞା କରିଛନ୍ତି, ପରମେଶ୍ୱରଙ୍କ ସମ୍ପୂର୍ଣ୍ଣ ଅସ୍ତ୍ରଶସ୍ତ୍ରକୁ ନେଇ, ଛିଡା ହୁଅନ୍ତୁ । ଏହାହିଁ ଅଟେ ଯାହାକି ଆମର ଆବଶ୍ୟକ, ସୈନିକମାନେ; ଡ୍ରେସ ପ୍ୟାରେଡ ପାଇଁ ୟୁନିଫର୍ମ ପୋଷାକ ପାଇବା ନୁହେଁ, ଏହା ତ ସର୍ବଦା ଅଲଗା ଅଟେ । ଯେତେବେଳେ ଜଣେ ବ୍ୟକ୍ତି…

112 ଯେକୌଣସି ରାଷ୍ଟ୍ର, ଆମେ ପ୍ରତ୍ୟେକ ରାଷ୍ଟ୍ର ମଧ୍ୟରେ ଗୁପ୍ତଚର ରଖିଥାଉ। ଆମର ଏଠାରେ ଜର୍ମାନ ଗୁପ୍ତଚରମାନେ ଅଛନ୍ତି। ଆମର ଏଠାରେ ଅଂଗ୍ରେଜୀ ଗୁପ୍ତଚରମାନେ ଅଛନ୍ତି। ଆମର ଅଛନ୍ତି—ଆମର ଇଂଲାଣ୍ଡରେ ଗୁପ୍ତଚରମାନ ଅଛନ୍ତି। ସେମାନେ କଅଣ କରିବାକୁ ଚେଷ୍ଟା କରୁଛନ୍ତି? ସେମାନେ ଜାଣିବାକୁ ଚେଷ୍ଟା କରୁଛନ୍ତି ଯେ କେଉଁ ପ୍ରକାରର ଏକ ସାମଗ୍ରୀ, କେଉଁ ପ୍ରକାରର ଏକ ବୋମା, ଅନ୍ୟ ଜଣକ ପାଖରେ ଅଛି। ଏଫ୍.ବି.ଆଇ. ପ୍ରତ୍ୟେକ ରାଷ୍ଟ୍ରର ପ୍ରାୟଃ ନିକଟବର୍ତ୍ତୀ ଅଟେ। ସେମାନେ ଦେଖିବା ନିମନ୍ତେ, ଲକ୍ଷ୍ୟ ରଖିଛନ୍ତି। ସେହିପରି ଭାବରେ ତ ସେମାନେ ତିଷ୍ଠି ରହିଥାନ୍ତି। ସେମାନେ ଲକ୍ଷ୍ୟ କରନ୍ତି ଓ ଦେଖନ୍ତି ଯେ ଅନ୍ୟ ଜଣକ ପାଖରେ କେଉଁ ପ୍ରକାରର ଏକ ବୋମା ଅଛି। ତାହାପରେ ସେମାନେ ଆସି ଏହାକୁ ଟିକେ ଉନ୍ନତ ଧରଣର କରନ୍ତି, କିମ୍ଵା ଏହାକୁ ପ୍ରତିରୋଧ କରିବା ପାଇଁ କିଛି ଗୋଟାଏ କରନ୍ତି। ସେମାନେ ଜାତି ସଂଘରେ, ପରସ୍ପରକୁ ବିଶ୍ୱାସ କରନ୍ତି ନାହିଁ, କାରଣ ଏହା ଦର୍ଶାଏ ଯେ ରାଷ୍ଟ୍ରଗୁଡ଼ିକ କମ୍ପମାନ ଅବସ୍ଥାରେ ଅଛନ୍ତି। କାହିଁକି, ଇଂଲାଣ୍ଡ ଆମକୁ ଗୋଟିଏ ଘଣ୍ଟା ମଧ୍ୟରେ, ଭସ୍ମସାତ କରି ଦେବ, ଯଦି ଆମେ ସେମାନଙ୍କ ରାସ୍ତା ଅତିକ୍ରମ କରିବୁ, ନତୁବା ଆମେ ସେମାନଙ୍କୁ ଭସ୍ମସାତ କରି ଦେବୁ। ସେଠାରେ ସେହି ବିଷୟର ଶୀର୍ଷରେ କେବଳ କୌଣସି ଜଣେ ବ୍ୟକ୍ତିଙ୍କୁ ଆବଶ୍ୟକ କରେ, ଯିଏକି ଗୋଟିଏ କିମ୍ଵା ଦୁଇଟି ଅଳ୍ପ ଟିକିଏ, କିମ୍ଵା ବହୁତ ମଦ୍ୟପାନ କରେ, କିମ୍ବା କୌଣସି ବିଷୟକୁ ନେଇ ଅସହମତ ହୁଏ ଆଉ ତାହାପରେ ଏହି ବୋମା ବିସ୍ଫୋଟ କରିଦିଏ।

113 ଏଠାରେ କିଛି ସମୟ ପୂର୍ବେ, ସେମାନେ କହୁଥିଲେ, ଛୋଟ କିଛି ସାମଗ୍ରୀ, "ଜାପାନରେ ନିର୍ମିତ," ଯୁଦ୍ଧ ସମୟରେ। ସେମାନେ ଦେଶଭକ୍ତି ଉଦ୍ଦେଶ୍ୟରେ, ଏହାକୁ ଚଟାଣରେ ଫୋପାଡି ଦେଉଥିଲେ, ଏବଂ ଚାରିଆଡେ ବୁଲୁଥିଲେ। ଏବଂ ବର୍ତ୍ତମାନ ଆପଣ ଯେକୌଣସି ବିଷୟ ପାଇଁ ଅପେକ୍ଷାକୃତ ଏକ ଅଧିକ ବଡ଼ ମୂଲ୍ୟ ଦେବେ ଯାହା ଆପଣ ଦେଶରେ କ୍ରୟ କରନ୍ତି। କଅଣ ଘଟିଲା? କଅଣ ତାହା ସେହି ବାଳକମାନଙ୍କର ଜୀବନକୁ ପରିଶୋଧ କରେ ଯେଉଁମାନେକି ସେଠାରେ ମରି ଯାଇଥିଲେ? ନିଶ୍ଚିତରେ ନୁହେଁ।

114 ଏହା କଅଣ ଅଟେ? ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଆପଣ ଏହି ପାର୍ଥିବ ବିଷୟଗୁଡିକରେ କେତେ ସଂଘର୍ଷ କରନ୍ତି, ଆପଣ ତ ଯାଉଛନ୍ତି, ଏହାର ଗୋଟିଏ ହେଲେ ଅର୍ଥ ନୁହେଁ। ଏହା ତ କମ୍ପିତ ହୋଇଯିବ। ମାତ୍ର ଗୋଟିଏ ସଂଘର୍ଷ ଅଛି ଯାହା ଭିତରକୁ ଆପଣ ଯାଇପାରନ୍ତି ଓ ଭୂମି ଦଖଲ କରିପାରନ୍ତି ଯାହା ଆପଣଙ୍କଠାରୁ କେବେବି ନେଇ ନିଆ ଯାଇପାରେ ନାହିଁ। ତାହା ହିଁ ହେଉଛି ପରମେଶ୍ୱରଙ୍କ ବାକ୍ୟର ତୂରୀର ସୁସମାଚାର ଧ୍ୱନି, ଏବଂ ତାହା ପାଖରେ ମଣ୍ଡଳୀକୁ ଦେବା ନିମନ୍ତେ ବରଦାନ ଏବଂ ପ୍ରତିଜ୍ଞାମାନ ରହିଛି। ନିଶ୍ଚିତ ଭାବରେ। ବର୍ତ୍ତମାନ, ଆମେ ପାଉ—ଆମେ ପାଉ, ଏହି ତୂରୀ ଧ୍ୱନି କରିବାରେ।

115 ବର୍ତ୍ତମାନ, ପ୍ରତ୍ୟେକ ରାଷ୍ଟ୍ର ନିଜର ସର୍ବଶ୍ରେଷ୍ଠ ସୁରକ୍ଷା ସହ ତାଙ୍କର ପିଲାମାନଙ୍କୁ ସୁସଜ୍ଜିତ କରିବାକୁ ଚେଷ୍ଟା କରନ୍ତି ଯାହା ସେମାନେ ଯଥାସମ୍ଭବ କରିପାରନ୍ତି। ତେବେ, ମୁଁ ଜାଣେ, ବେଳେବେଳେ ଏହି ଅସ୍ତ୍ର ଶସ୍ତ୍ରଗୁଡିକ ନେବା ସହଜ ନୁହେଁ।

116 ମୋର ଜଣେ ଭାଇ ଥିଲେ, ସେମାନେ ତାଙ୍କୁ "ରୁକି," ବୋଲି ଡାକୁଥିଲେ, ଏଠାକୁ ଯାଏ, ଏବଂ ସେନା ତାଙ୍କୁ ତାଙ୍କ ପିଠିରେ ବୋହିବା ପାଇଁ ଏକ ନବେ-ପାଉଣ୍ଡ ଓଜନର ବସ୍ତା ଦିଅନ୍ତି। ଆଉ ତାହା ଠିକ ସେତିକି ଓଜନ ଥିଲା ଯେତିକି ତାର ନିଜର ଓଜନ ଥିଲା। ସେମାନେ ତାଙ୍କୁ ଏକ ଗଇଁତି ଦିଅନ୍ତି, ଯେ ତାହା ସହିତ ଏକ ଗାତ ଖୋଳେ; ଗୋଟିଏ ରାଇଫଲ ବନ୍ଧୁକ, ଏବଂ ଏତେ ଗୁଡାଏ ହ୍ୟାଣ୍ଡ ଗ୍ରେନେଡ ବୋମାମାନ ଦିଅନ୍ତି। ଏବଂ, ଓଃ, ମୁଁ କେବେ ବି ଏପରି ବସ୍ତା ଦେଖି ନ ଥିଲି! ସେହି ବେଚାରା ସାନ ଲୋକଟା ବଡ଼ କଷ୍ଟରେ ଚାଲି ପାରୁଥିଲା। ଏବଂ ସେମାନେ ତାଙ୍କୁ ପାଞ୍ଚ-ମାଇଲ୍ ପଦଯାତ୍ରା ପାଇଁ ରାସ୍ତାରେ ନେଇଗଲେ। ଏହା ତାଙ୍କୁ ମାରି ଦେବା ଭଳି କଲା। ସେ କହିଲା, "ଏହା ନିରର୍ଥକ ବିଷୟସବୁ କଅଣ ପାଇଁ? ମୋର ଏହି ଏତେ ବଡ ପୁରୁଣା ଶିରସ୍ତ୍ରାଣ କଅଣ ପାଇଁ ଦରକାର?" ତେବେ, ଦେଖନ୍ତୁ। ସେନା ଜାଣେ ଯେ ସେ ତାକୁ କିଛି ସମୟରେ ଦରକାର କରିବେ। "ଏଠାରେ ଏହି ରାଜପଥରେ, ଚାଲି ଯାଉଥିବା ବେଳେ, ମୋର ଗଇଁତିର କଅଣ ଆବଶ୍ୟକ?" ଭଲ ହେବ ଯେ ଏହାକୁ ବ୍ୟବହାର କରିବା ନିମନ୍ତେ ଅଭ୍ୟସ୍ତ ହୋଇଯାଅ। ଆପଣଙ୍କୁ ଏହାର ଦରକାର ହୋଇପାରେ।

117 ସରକାର କେବେ ହେଲେ କୌଣସି ବିଷୟ ବିନା ଆବଶ୍ୟକତାରେ ଜାରି କରେ ନାହିଁ ଯେପର୍ଯ୍ୟନ୍ତକି ଆପଣ ଜାଣନ୍ତି...ସେମାନେ ଜାଣନ୍ତି ଯେ ଆପଣଙ୍କୁ ଏହାକୁ ବ୍ୟବହାର କରିବାକୁ ପଡିବ। ଆପଣ ସେଥିପାଇଁ ତାଲିମ ନେବା ଜରୁରୀ ଅଟେ। ସେମାନେ ସର୍ବୋତ୍ତମ ବିଷୟ ଖୋଜିଥାଆନ୍ତି ଯାହା ସେମାନେ ପାଇପାରନ୍ତି, ଯେପରିକି ତାହା ଦ୍ୱାରା ଆପଣଙ୍କୁ ସୁରକ୍ଷା କରାଯାଏ, କାରଣ ସେମାନେ ଦେଶ ପାଇଁ ଆଗ୍ରହୀ ଅଟନ୍ତି। ସେମାନେ ଆପଣମାନଙ୍କର ସୁରକ୍ଷାରେ ଆଗ୍ରହୀ ଅଟନ୍ତି ଯେପରିକି ଆପଣଙ୍କୁ ଯଥାସମ୍ଭବ ଗୁଳିଠାରୁ, ଉତ୍ତମ ଭାବେ ସୁରକ୍ଷିତ ରଖାଯାଏ। ତାହା ସର୍ବଦା ସେହିପରି ହିଁ ରହିଆସିଛି।

118 ଏହା ଏଦନ ଉଦ୍ୟାନରେ ଆରମ୍ଭ ହୋଇଥିଲା। ଏବଂ ପରମେଶ୍ୱର ଆପଣା ମଣ୍ଡଳୀକୁ ତାଲିମ ଦିଅନ୍ତି। ଏବଂ ସେହି...

119 ଆପଣ ଜାଣନ୍ତି, ଆମକୁ ସବୁବେଳେ ଉନ୍ନତି କରିବାକୁ ଅଛି। ତେବେ, ସେହି ପୁରୁଣା ବିମାନଗୁଡ଼ିକ ଯାହା ଆମେମାନେ ପ୍ରଥମ ବିଶ୍ୱଯୁଦ୍ଧରେ; ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର କରୁଥିଲୁ, କାହିଁକି, ଆକାଶରେ ସେହି ଛୋଟ ଛୋଟ ଆକ୍ରମଣକାରୀ ବିମାନମାନେ ସଂପୂର୍ଣ୍ଣ ଭାବରେ ଲୋପ ପାଇଗଲେ, ଯେତେବେଳେ ସେମାନେ ଏହି ସୁନ୍ଦର ବଡ ବଡ଼ ସର୍ବୋତ୍କୃଷ୍ଟ ବିମାନଗୁଡିକ ରଖିଥିଲେ ଯାହା ସେମାନଙ୍କ ପାଖରେ ଥିଲା। କାହିଁକି, ସେମାନେ କିଛି ହେଲେ ନ ଥିଲେ। ଏବଂ ତେବେ, ସେହି ଗୁଡାକ ଯାହା ସେମାନେ ଏହି ଶେଷ ଯୁଦ୍ଧରେ ବ୍ୟବହାର କରିଥିଲେ, ବର୍ତ୍ତମାନ ସେଗୁଡିକ ପୁରୁଣା ଅଟେ। ସେମାନେ ଆଉ ସେଗୁଡିକର ଆବଶ୍ୟକ କରନ୍ତି ନାହିଁ। ସେମାନଙ୍କ ପାଖରେ ଜେଟ୍ ବିମାନଗୁଡିକ ଅଛି। ଏବଂ, ଦେଖନ୍ତୁ, ଆପଣ ସଦାବେଳେ ଉନ୍ନତି କରିବା ପାଇଁ, ପ୍ରତିରକ୍ଷା ବିଷୟରେ ଉନ୍ନତି କରିବା ପାଇଁ ଚେଷ୍ଟା କରୁଅଛନ୍ତି।

120 ମାତ୍ର କଅଣ ଆପଣ ଜାଣନ୍ତି? ପରମେଶ୍ୱରଙ୍କୁ ଉନ୍ନତି କରିବାର ଦରକାର ନାହିଁ। ପରମେଶ୍ୱର ନିଜର ସନ୍ତାନମାନଙ୍କୁ, ନିଜର ସୈନିକମାନଙ୍କୁ, ସେହି ସର୍ବୋତ୍ତମ ବିଷୟ ଦେଇଥିଲେ ଯାହା ସେ ସେମାନଙ୍କୁ ଦେଇ ପାରିଥାଆନ୍ତେ। ଯେତେବେଳେ ସେ ସେମାନଙ୍କୁ ଦେଲେ, ସେ ସେମାନଙ୍କୁ କଅଣ ଦେଇଥିଲେ? ସେ ସେମାନଙ୍କୁ ଏଦନ ଉଦ୍ୟାନରେ ତାହାଙ୍କର ବାକ୍ୟକୁ ଦେଇଥିଲେ, ଏବଂ ମନୁଷ୍ୟକୁ ପରମେଶ୍ୱରଙ୍କ ସେହି ବାକ୍ୟ ପଛରେ ନିଜକୁ ଘେରାବନ୍ଦୀ କରିବାକୁ ଥିଲା, ଏବଂ କୌଣସି ଶୟତାନ ତାଙ୍କୁ ନେଇପାରେ ନାହିଁ। ବାକ୍ୟରେ ରହିଥାଆନ୍ତୁ।

121 ବର୍ତ୍ତମାନ, ସେହି ଶତ୍ରୁ ଗୁପ୍ତଚର, ଶୟତାନ, ଏହା ଜାଣିବାକୁ ଚେଷ୍ଟା କରିଥିଲା ଯେ ସେଥି ଭିତରେ ପ୍ରବେଶ କରିବା ନିମନ୍ତେ ସେ କଅଣ କରିପାରିବ। ତେଣୁ ସେ—ସେ ଜାଣିଥିଲା ଯେ ସେ କେବଳ ବାହାରକୁ ବାହାରି ହବାଙ୍କୁ ଫୁସୁଲାଇ ପାରିବ ନାହିଁ, ତେଣୁ କେବଳ ଗୋଟିଏ ମାତ୍ର ବିଷୟ ଯାହା ସେ କରିପାରିଥିଲା ତାହା ହେଉଛି ତାଙ୍କୁ ଯୁକ୍ତିତର୍କରେ ଧରିବା। ଏବଂ ତାହାହିଁ ଅଟେ ଯାହାକି ପରମେଶ୍ୱର ଆଜି, ନିଜର ମଣ୍ଡଳୀକୁ ଘେରାବନ୍ଦୀ କରିବା ପାଇଁ ବ୍ୟବହାର କରିଥାଆନ୍ତି, ତାହା ହେଉଛି ତାହାଙ୍କର ବାକ୍ୟ। ଏବଂ ଶୟତାନ ଯୁକ୍ତିତର୍କର ଶକ୍ତି ସହିତ ଆଖପାଖକୁ ଆସେ। ଶୟତାନ ଜାଣିଥିଲା ଯେ ତାହାହିଁ ସେହି ତ୍ରୁଟି ଅଟେ। ତାହା ସେହି ସ୍ଥାନଟି ଥିଲା ଯେଉଁଠାରେକି ଲୋକମାନେ ସହଜରେ ଭାଙ୍ଗି ଯିବେ, ତାହା ଥିଲା ଯୁକ୍ତିତର୍କ।

122 ଆପଣ କୁହନ୍ତି, "ତେବେ, ମୋତେ ଆପଣଙ୍କ ସହିତ କେବଳ ଯୁକ୍ତିତର୍କ କରିବାକୁ ଦିଅନ୍ତୁ। ତେବେ କଅଣ ଏହା ଜରୁରୀ ଅଟେ କି?"

123 ଯଦି ପରମେଶ୍ୱର କହିଛନ୍ତି ଯେ ଏହା ଜରୁରୀ ଅଟେ, ତାହାହେଲେ ଏହା ଜରୁରୀ ଅଟେ, ଯାଏ ଆସେ ନାହିଁ ଯେ ତାହା ପାଇଁ ଆମକୁ କାନ୍ଦିବାକୁ ପଡିଥାଏ, ଓ ଉଚ୍ଚ ପାଟିରେ ଚିତ୍କାର କରିବାକୁ ପଡ଼ିଥାଏ, ଏବଂ ଏହି ସବୁ କରିବାକୁ ପଡ଼ିଥାଏ। ଯଦି ପରମେଶ୍ୱର କହିଛନ୍ତି ଯେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଜରୁରୀ ଅଟେ, ତାହାହେଲେ ଏଥିରେ କିଚି ଫରକ୍ ପଡ଼େ ନାହିଁ ଯେ ଏହା କେତେ ଭାରୀ ଅଟେ, ଏବଂ ଆପଣଙ୍କୁ ଜଗତର କେତେ ଅଧିକ ବିଷୟ ପରିତ୍ୟାଗ କରିବାକୁ ପଡ଼େ, ଆପଣଙ୍କୁ ଜୀବନ୍ତ ରହିବାକୁ ହେଲେ, ଏହି ଦିନଗୁଡିକ ମଧ୍ୟରୁ ଗୋଟିକରେ, ଏହାକୁ ବ୍ୟବହାର କରିବାକୁ ପଡିବ। ବଞ୍ଚି ରହିବାର ଏକମାତ୍ର ଉପାୟ।

124 "ତେବେ, କଅଣ ଆମମାନଙ୍କୁ ଈଶ୍ୱରୀୟ ଆରୋଗ୍ୟତା ଅଭ୍ୟାସ କରିବା ଉଚିତ୍, ଯେତେବେଳେକି ଆମ ପାଖରେ ଜଗତର ସର୍ବୋତ୍ତମ ଡାକ୍ତରମାନେ ଅଛନ୍ତି?"

125 ପରମେଶ୍ୱର ଆପଣଙ୍କୁ ଈଶ୍ୱରୀୟ ଆରୋଗ୍ୟତା ପ୍ରଦାନ କରିଛନ୍ତି କାରଣ ସେ ଜାଣନ୍ତି ଯେ ଆପଣଙ୍କୁ ଏହାକୁ ବ୍ୟବହାର କରିବାକୁ ପଡିବ। ସେ ଆପଣଙ୍କୁ ଆତ୍ମାଙ୍କ ଦାନ ଦେଇଅଛନ୍ତି।

126 ଏବଂ ଠିକ ଯେତେବେଳେ ଶୟତାନ ହବା ପାଖରେ ପହଞ୍ଚିଲା, ସେ ତାହା ସହିତ ଯୁକ୍ତିତର୍କ କରିବାକୁ ଲାଗିଲା। ତେବେ, "ଅବଶ୍ୟ, ନିଶ୍ଚିତ ଭାବରେ, ପରମେଶ୍ୱର *ତାହା*

କରିବେ ନାହିଁ ।"

127 ଲୋକମାନେ ଆଜି କୁହନ୍ତି, "ନରକ ଭଳି କୌଣସି ବିଷୟ ନାହିଁ ।" ସେମାନଙ୍କ ମଧ୍ୟରୁ ଅନେକେ ଆପଣଙ୍କୁ ତାହା କୁହନ୍ତି । ବୁଝିଲେ? "ଓଃ, ନିଶ୍ଚିତ ଭାବରେ ପରମେଶ୍ୱର ତାହାଙ୍କର ସନ୍ତାନମାନଙ୍କୁ ଜାଳି ପୋଡି ଦେବେ ନାହିଁ ।"

128 ନିଶ୍ଚିତ ଭାବରେ, ସେ ନିଜ ସନ୍ତାନମାନଙ୍କୁ ଜାଳିବେ ନାହିଁ । ମାତ୍ର, ସେହି ଶୟତାନ ତାର ସନ୍ତାନମାନଙ୍କୁ, କରିବ । ଆପଣ କାହାର ସନ୍ତାନ ଅଟନ୍ତି? ତାହାହିଁ ହେଉଛି ପରବର୍ତ୍ତୀ ବିଷୟ । ନରକ ଶୟତାନ ଏବଂ ତାର ସନ୍ତାନମାନଙ୍କ ପାଇଁ ସୃଷ୍ଟି ହୋଇଥିଲା, ପରମେଶ୍ୱରଙ୍କ ସନ୍ତାନ ପାଇଁ ନୁହେଁ । ସେମାନଙ୍କ ମଧ୍ୟରୁ କେହି ଜଣେ ହେଲେ ସେଠାକୁ ଯାଉନାହାଁନ୍ତି । ତାହା ଠିକ୍ ଅଟେ । ଏହା ତାହା ଉପରେ ନିର୍ଭର କରେ ଯେ ଆପଣ କାହାର ସନ୍ତାନ ଅଟନ୍ତି ।

129 ତେବେ, ପରମେଶ୍ୱର ହବା ଏବଂ ଆଦମଙ୍କୁ ତାହାଙ୍କର ବାକ୍ୟକୁ ଦେଲେ, ଏବଂ ସେ ଏହାକୁ କଦାପି ପରିବର୍ତ୍ତନ କରି ନାହାଁନ୍ତି । ସେ ତ ସର୍ବଦା କରିଥିଲେ...ସେହି ଖ୍ରୀଷ୍ଟିଆନ, କିମ୍ବା ସେହି ବିଶ୍ୱାସୀ, ତାର ପ୍ରତିରକ୍ଷା ହେଉଛି ସେହି ବାକ୍ୟ ।

130 ଆକାଶ ଓ ପୃଥିବୀ ଲୋପ ପାଇଯିବ । ପ୍ରତ୍ୟେକ ବିଶ୍ୱାସମତ ଲୋପ ପାଇଯିବ । ପ୍ରତ୍ୟେକ ନାମଧାରୀ ସଂସ୍ଥା ବିଫଳ ହୋଇଯିବ । ପ୍ରତ୍ୟେକ ରାଷ୍ଟ୍ର ବୁଡ଼ିଯିବ । ମାତ୍ର ପରମେଶ୍ୱରଙ୍କ ବାକ୍ୟ ଅନନ୍ତକାଳ, ଛିଡା ହୋଇ ରହିବ । ଏପରି ଏକ ସମୟ ଆସିବ ଯେତେବେଳେ ସେହି ପ୍ରତ୍ୟୁଷ ତାରା ଆଉ ଅଧିକ ଉଜ୍ଜ୍ୱଳ ହେବ ନାହିଁ । ଏପରି ଏକ ସମୟ ଆସିବ ଯେତେବେଳେକି ସେହି ସୂର୍ଯ୍ୟ ଆଉ କିରଣ ପ୍ରଦାନ କରିବ ନାହିଁ, ଏବଂ ଚନ୍ଦ୍ର ଉଜ୍ଜ୍ୱଳ ହେବ ନାହିଁ, ଏବଂ ପୃଥିବୀ ତାର କକ୍ଷପଥରେ ବୁଲିବ ନାହିଁ ।

131 ମାତ୍ର ପରମେଶ୍ୱରଙ୍କ ବାକ୍ୟ ସଦାକାଳ ନିମନ୍ତେ ସମାନ ହିଁ ରହିବ । ହଁ । ତାହା ଏପରି କିଛି ଅଟେ ଯାହା ଘୁଞ୍ଚା ଯାଇପାରେ ନାହିଁ, ଏପରି କିଛି ଯାହା ଉପରେ ଆପଣ ନିର୍ଭର କରିପାରନ୍ତି । ଏହା ନିଶ୍ଚିତ ଅଟେ । ପରମେଶ୍ୱର କିଛି ବିଷୟ କୁହନ୍ତି, ଏହା ଘଟିବା ସୁନିଶ୍ଚିତ ଅଟେ ।

132 ଯଦି ସେ, ଏଦନ ଉଦ୍ୟାନରେ, ଜଣେ ମୁକ୍ତିଦାତାଙ୍କ ବିଷୟରେ କହିଥିଲେ, ଯେ ସେ ଜଣେ ମଶୀହଙ୍କୁ ପଠାଇବେ, ତାହାହେଲେ ଏହା ନିଶ୍ଚିତରେ ଆସିବାକୁ ଥିଲା । ଯଦିଓ ଚାରି ହଜାର ବର୍ଷ ପାଇଁ ସେମାନେ ଅପେକ୍ଷା କରିଥିଲେ, ମାତ୍ର ସେ ସେଠାକୁ ଆସିଥିଲେ । ତାହାଙ୍କୁ ଆସିବାକୁ ହିଁ ଥିଲା କାରଣ ଏହା ପରମେଶ୍ୱରଙ୍କର ଏକ ପ୍ରତିଜ୍ଞାତ ବାକ୍ୟ ଥିଲା ।

133 ପରମେଶ୍ୱର ତାହାଙ୍କୁ ପୁନର୍ବାର ପଠାଇବାକୁ ପ୍ରତିଜ୍ଞା କରିଥିଲେ । ସେ ଏଠାରେ ରହିବେ । ମୋର ଯାଏ ଆସେ ନାହିଁ ଯେ କେତେ ଅବିଶ୍ୱାସୀ ଏବଂ ଅନ୍ଧବିଶ୍ୱାସୀମାନେ ଉଠନ୍ତି, ସେମାନେ ଯାହାକିଛି ବି କରନ୍ତୁ, ସାମ୍ୟବାଦ କେତେ ଅଧିକ ବ୍ୟାପୀ ଯାଏ, ଯୀଶୁ ଖ୍ରୀଷ୍ଟ ଆସିବେ, ଏବଂ ରକ୍ତରେ-ଧୌତ ଏକ ମଣ୍ଡଳୀକୁ ପ୍ରାପ୍ତ କରିବେ, ଏବଂ ଏହାକୁ ଆକାଶ-ମାର୍ଗରେ ସ୍ୱର୍ଗକୁ ନେଇଯିବେ । କାହିଁକି? ଏହା ନିଶ୍ଚିତ ହେବାକୁ ଅଛି । ପରମେଶ୍ୱରଙ୍କ ବାକ୍ୟ ସେହିପରି କହିଅଛି ।

134 "ଯଦି ତୁମେ ବିଶ୍ୱାସ କରିପାର, ସବୁ ବିଷୟ ସମ୍ଭବ ଅଟେ।" ତାହା ନିଶ୍ଚିତ ଅଟେ। ପରମେଶ୍ୱର ଏହା କହିଛନ୍ତି, ଏବଂ ଏହା ଘୁଞ୍ଚିପାରେ ନାହିଁ, ଅନ୍ୟତ୍ର ଘୁଞ୍ଚା ଯାଇପାରେ ନାହିଁ। ପରମେଶ୍ୱର ଏହା କହିଛନ୍ତି, ଯଦି ଆପଣ କେବଳ ଏହା ସହିତରେ ରହିବେ (ତେବେ...) ଏବଂ ଏଥିରେ ବିଶ୍ୱାସ ରଖିବେ, ତେବେ ଏହାକୁ ବିଶ୍ୱାସ କରିବେ।

135 ଏହା ଏକ ଅସ୍ପଷ୍ଟ ଧ୍ୱନି ନୁହେଁ। ପରମେଶ୍ୱର ଏକ ଅସ୍ପଷ୍ଟ ଧ୍ୱନି ଦେଇପାରନ୍ତି ନାହିଁ। ବିଶ୍ୱାସମତ ଏକ ଅସ୍ପଷ୍ଟ ଧ୍ୱନି ଦେଇପାରେ। ନାମଧାରୀ ସଂସ୍ଥାମାନେ ଏକ ଅସ୍ପଷ୍ଟ ଧ୍ୱନି ପ୍ରଚାର କରିପାରନ୍ତି। ମାତ୍ର ପରମେଶ୍ୱର ଏକ ଅସ୍ପଷ୍ଟ ଧ୍ୱନି ଉଚ୍ଚାରଣ କରିପାରନ୍ତି ନାହିଁ। ଏବଂ ଏହି ବାକ୍ୟ ହେଉଛି ପରମେଶ୍ୱର। ଏବଂ ଏହା ବିଷୟରେ କୌଣସି ହେଲେ କିଛି ଅସ୍ପଷ୍ଟତା ନାହିଁ। ଏହାର ପ୍ରତ୍ୟେକ ଶବ୍ଦ ସ୍ପଷ୍ଟ ଅଟେ।

136 ତେବେ, ମହାନ ମଣ୍ଡଳୀଟି ବାକ୍ୟର ଅସ୍ତ୍ରଶସ୍ତ୍ର ଦ୍ୱାରା ସୁରକ୍ଷିତ ଅଟେ। ତେବେ, ଯେତେବେଳେ ଯୀଶୁ ଆସିଲେ, କଅଣ ସେ ସେହି ସମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କଲେ କି? ସେ ନିଶ୍ଚିତ କରିଥିଲେ।

137 ଯେତେବେଳେ ଶୟତାନ, ତାର ସମସ୍ତ ଶକ୍ତିରେ ଯୀଶୁଙ୍କ ନିକଟକୁ ଆସିଥିଲା, ଏବଂ ସେ କହିଥିଲା, "ଯଦି ତୁମେ ପରମେଶ୍ୱରଙ୍କ ପୁତ୍ର, ତେବେ *ନିର୍ଦ୍ଦିଷ୍ଟ, ନିର୍ଦ୍ଦିଷ୍ଟ* ବିଷୟଗୁଡିକ କର।"

138 ସେ କହିଲେ, "ଏହା ଲେଖା ହୋଇଛି..." ଠିକ ବାକ୍ୟ ନିକଟକୁ ନେଇଗଲେ। ଶୟତାନ ତାଙ୍କୁ ଟିକିଏ ଅଧିକ ଉଚ୍ଚ ଚେଷ୍ଟା କଲା। ମାତ୍ର, ଯୀଶୁ, ଠିକ ବାକ୍ୟ ସହିତରେ ରହିଲେ, "ଏହା ଲେଖା ହୋଇଛି..."

139 ସେଠାରେ ସେ, ସେହି ବାକ୍ୟ ଉପରେ ରହିଥିଲେ, ଆମକୁ ଏକ ଉଦାହରଣ ଭାବରେ ଦେଖାଇଲେ। ଯେପରି ସେ ପ୍ରଥମ କରିନ୍ଥୀୟରେ କହିଥିଲେ, ପ୍ରଥମ...ସାଧୁ ଯୋହନ 14:13, "ମୁଁ ତୁମକୁ ଏକ ଉଦାହରଣ ଦେଇଅଛି।" ଏବଂ ତାହା ଏକ ଉଦାହରଣ ଅଟେ, ଯେ ଆମେ ଦୃଢ଼ ଭାବରେ, ଆମେ ପରମେଶ୍ୱରଙ୍କ ବାକ୍ୟ ଉପରେ ସମ୍ପୂର୍ଣ୍ଣ ରୂପେ ଭରସା ରଖିବା ଉଚିତ୍। ଅନ୍ୟ ସବୁକିଛି ବିଷୟ ମିଥ୍ୟା ହେଉ। [ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।]

140 ତାହା ଗୋଟିଏ ବିଷୟ ଅଟେ ଯାହାକି ନିଶ୍ଚିତ ଅଟେ। ପରମେଶ୍ୱର ପ୍ରତିଜ୍ଞା କରିଥିଲେ। ପରମେଶ୍ୱର ପ୍ରତିଜ୍ଞାକୁ ରକ୍ଷା କରିବାକୁ ଯାଉଛନ୍ତି। ସେମାନେ କୁହନ୍ତି, "ଏହି ଘଟଣା କିପରି ହୋଇପାରେ? ସେ କିପରି ଭାବରେ ଏପରି ଲୋକମାନଙ୍କର ଏକ ସମୂହକୁ ଏକାଠି ନେଇପାରନ୍ତି, ଯେ ଊର୍ଦ୍ଧ୍ୱକୁ ନେଇଯିବା ନିମନ୍ତେ, ଊର୍ଦ୍ଧାନ୍ତିକରଣର ଅନୁଗ୍ରହରେ ରଖନ୍ତି?" ମୁଁ ଜାଣେ ନାହିଁ ଯେ ସେ ତାହା କିପରି କରିବେ। ତାହା ପଚାରିବା ମୋର କାମ ନୁହେଁ ଯେ ସେ କିପରି ଏହାକୁ କରିବେ। ମୋର କାମ ତ ତାହା ପାଇଁ ପ୍ରସ୍ତୁତ ହେବା ଅଟେ। ସେ ଏହା ପ୍ରତିଜ୍ଞା କରିଛନ୍ତି। ଏହା ଘଟିବାକୁ ଯାଉଅଛି। ବାକ୍ୟ ଦ୍ୱାରା ତାହାଙ୍କର ମଣ୍ଡଳୀକୁ ଘେରାବନ୍ଦୀ କରିଛନ୍ତି।

141 ଏବଂ ପ୍ରଥମ ବିଷୟଟି ଯୁକ୍ତି ତର୍କ ଅଟେ। ବର୍ତ୍ତମାନ ସେମାନେ କୁହନ୍ତି, "ତେବେ କଅଣ ଏହା ଯୁକ୍ତିଯୁକ୍ତ ନୁହେଁ କି, ଯେ ଯଦି ମୁଁ ଏହି ମଣ୍ଡଳୀରେ ଅନ୍ତର୍ଭୁକ୍ତ ଅଟେ, କଅଣ ତାହା ସେହି ମଣ୍ଡଳୀ ପରି ସେତିକି ଭଲ ନୁହେଁ କି?"

142 ସେଠାରେ କେବଳ ଗୋଟିଏ ମଣ୍ଡଳୀ ଅଛି ଯେଉଁଥିରେ ଆପଣ ଅନ୍ତର୍ଭୁକ୍ତ ହୋଇପାରନ୍ତି। ଆପଣ କଦାପି ଏଥିରେ ଯୋଗଦେବେ ନାହିଁ। ଆପଣ ହୁଏତ ପାନ୍ଥଶାଳାରେ ଯୋଗ ଦେଇପାରନ୍ତି, ମେଥୋଡିଷ୍ଟ ପାନ୍ଥଶାଳା, ଏବଂ ଏକ ପ୍ରେସ୍‌ବିଟେରିଆନ୍ ପାନ୍ଥଶାଳା, ଏବଂ ବାପ୍‌ଟିଷ୍ଟ ପାନ୍ଥଶାଳା, ଏବଂ ପେଣ୍ଟିକଷ୍ଟାଲ୍ ପାନ୍ଥଶାଳା। ମାତ୍ର ଆପଣ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ଜନ୍ମ ହୋଇଥାନ୍ତି, ତେଣୁ ସେଠାରେ ସେହି ମଣ୍ଡଳୀଟି ଅଟେ।

143 ସେଗୁଡ଼ିକ ହେଉଛି ପାନ୍ଥଶାଳା, ଯେଉଁଠାକୁକି ଲୋକମାନେ ଏକତ୍ରିତ ଭାବେ ଆସନ୍ତି, ଯେପରିକି କାଉମାନେ ଏହି ଡାଳରେ ବସିଥାନ୍ତି, ଏବଂ କପୋତମାନେ ଏହି ଡାଳରେ ବସିଥାନ୍ତି, ଏବଂ—ଏବଂ ପ୍ରଭୃତି ସବୁ। ତାହାହିଁ ଆପଣଙ୍କର ସହଭାଗୀତା ଯାହାକି ଆପଣମାନେ ଏକାଠି ପାଇଥାଆନ୍ତି, ଯେତେବେଳେ ଆପଣ ସେହି ସମାନ ଭୋଜନରେ ଅଂଶୀଦାର ହୋଇଥାଆନ୍ତି।

144 ମାତ୍ର ଯେତେବେଳେ ଏହା ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀ ବିଷୟରେ ଆସେ, ସେଠାରେ କେବଳ ଗୋଟିଏ ହିଁ ମାର୍ଗ ଅଛି। ତାହା ହେଉଛି ଜନ୍ମ। ଜନ୍ମ!

145 ଏହା ଠିକ୍ ସେହିପରି ଅଟେ ଯେପରିକି ସେହି ବ୍ୟକ୍ତି ଜଣକ ଅଟନ୍ତି, ଯେପରିକି ମୁଁ ଅନେକ ଥର କହିଅଛି, ଗୋଟିଏ କଳା ରଙ୍ଗର ପକ୍ଷୀ ସେହି ଡାଳରେ ବସି, ନିଜ ଡେଣାରେ ମୟୂର ପରସବୁ ଖଞ୍ଜିବାକୁ ଚେଷ୍ଟା କରିଥାଏ, ଏବଂ କହିଥାଏ, "ତୁମେ ଦେଖ, ମୁଁ ଏକ ଗର୍ବୀ ମୟୂର ଅଟେ।" ବୁଝିଲେ? ସେ ନିଜଠାରେ, ସେହି ପରଗୁଡିକୁ ଖଞ୍ଜିଥିଲା। ଯଦି ସେ ପ୍ରକୃତ ମୟୂର ହୋଇଥାଆନ୍ତା, ତାହାହେଲେ ତାର ସ୍ୱଭାବ ସେହି ପ୍ରକାରର ଏକ ପର ଉତ୍ପନ୍ନ କରିଥାଆନ୍ତା।

146 ଯଦି ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ସେହି ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ଅଟେ, ତେବେ ଏହା ଜୀବନ୍ତ ପରମେଶ୍ୱରଙ୍କ ବାକ୍ୟ ଉତ୍ପନ୍ନ କରିବ। ଆପଣଙ୍କୁ କୌଣସି ସ୍ଥାନରେ ମୟୂର ପର ଯୋଗ କରିବାକୁ ପଡିବ ନାହିଁ। ଏବଂ ସେଠାରେ ଥିବା ପ୍ରତ୍ୟେକ ପର ଗୋଟିଏ ମୟୂର ସହିତ ଯୋଡି ହୋଇଯିବ। ଆପଣ ତାହା ବିଶ୍ୱାସ କରିପାରନ୍ତି। ଏବଂ ପ୍ରତ୍ୟେକ ପର ଯାହାକି ପରମେଶ୍ୱରଙ୍କ ମଣ୍ଡଳୀରେ ଯୋଗ କରାଯାଏ ତାହା ପରମେଶ୍ୱରଙ୍କ ବାକ୍ୟ ହେବ। ସେ ବାକ୍ୟ ବ୍ୟତୀତ ଅନ୍ୟ କୌଣସି ବିଷୟ ଭିତରକୁ ନିକ୍ଷେପ କରିବେ ନାହିଁ। ଆମେନ୍। କାରଣ, ସେହି ଆତ୍ମାର ପ୍ରକୃତି କେବଳ ବାକ୍ୟ ହିଁ ଉତ୍ପନ୍ନ କରିଥାଏ। ଆମେନ୍। ମୁଁ ଧାର୍ମିକ ଅନୁଭବ କରିବାକୁ ଯାଉଅଛି। ଠିକ୍ ଅଟେ।

147 ଏପରି କିଛି ନାହିଁ ଯାହାକି ଆପଣ କରିବାକୁ ଚେଷ୍ଟା କରିଥାଆନ୍ତି, ଏପରି କିଛି ନାହିଁ ଯାହା ଆପଣ ଉତ୍ପନ୍ନ କରନ୍ତି। ଆପଣ ଉତ୍ପନ୍ନ କରିପାରନ୍ତି ନାହିଁ ଧାର୍ମି-...ଆପଣ ପରିତ୍ରାଣ ଉତ୍ପନ୍ନ କରିପାରନ୍ତି ନାହିଁ। ଆପଣ ବରଦାନଗୁଡିକୁ ଉତ୍ପନ୍ନ କରିପାରନ୍ତି ନାହିଁ। ଆପଣଙ୍କୁ ତ

ବରଦାନଗୁଡିକୁ ଧାରଣ କରିବାକୁ ପଡିଥାଏ। ନିଶ୍ଚିତ ଭାବରେ। ବୁଝିଲେ? ସେହି—ସେହି ମେଣ୍ଢା କରେ ନାହିଁ, ସେ ଲୋମ ତିଆରି କରେ ନାହିଁ। ତାର ଲୋମ ରହିଥାଏ କାରଣ ସେ ଏକ ମେଣ୍ଢା ଅଟେ। ସେ ତ କେବଳ ଲୋମ ଧାରଣ କରେ। ସେହି—ସେହି—ସେହି ଚେରି ଗଛ ଚେରି ଫଳଗୁଡିକ ଉତ୍ପନ୍ନ କରେ ନାହିଁ। ଏହା କେବଳ ଚେରି ଫଳଗୁଡିକୁ ଧାରଣ କରିଥାଏ, କାରଣ ଏହାର ଜୀବନ ହିଁ ସେହିଭଳି ଅଟେ।

148 ଏବଂ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ନିଜକୁ ଏପରି କିଛି ଗୋଟାଏ ପରି ଦେଖାଇବାକୁ ଚେଷ୍ଟା କରିବାକୁ ଯାଇ, ଏହାକୁ ଭିତରକୁ ନିକ୍ଷେପ କରେ ନାହିଁ। ପରମେଶ୍ୱରଙ୍କ ଅନୁଗ୍ରହରୁ, ସେମାନେ ପୂର୍ବରୁ ଯାହା ଅଟନ୍ତି ତାହା ହିଁ ରହିଥାଆନ୍ତି। ଏବଂ ପରମେଶ୍ୱରଙ୍କ ବାକ୍ୟ ସେମାନଙ୍କ ସହିତ ଯୋଡି ହୋଇଥାଏ, ଏବଂ ସେମାନେ ବାକ୍ୟ ସହିତ ଯୋଡି ହୋଇ ଥାଆନ୍ତି। ଏବଂ ସେହି କାର୍ଯ୍ୟଗୁଡ଼ିକ ଯାହା ସେହି ସିଦ୍ଧ ଜଣ, ଯୀଶୁ ଖ୍ରୀଷ୍ଟଙ୍କ ଭିତରେ ସାଧନ କରା ଯାଇଥିଲା, ଯାହାଙ୍କଠାରେ ପରମେଶ୍ୱର ସଶରୀରରେ ପ୍ରକଟିତ ହୋଇଥିଲେ, ଆପଣାକୁ ପ୍ରତ୍ୟେକ ନୂତନ-ଜନ୍ମପ୍ରାପ୍ତ ବିଶ୍ୱାସୀଙ୍କ ଦେଇ ଉତ୍ପନ୍ନ କରିବ। ସେ ଏହା କହିଛନ୍ତି। ଆମେନ୍। ଆଉ ଅନ୍ୟ କିଛି ବିଷୟ ନୁହେଁ। ତେବେ, ତାହା କିଛି ଗୋଟାଏ ସୁନିଶ୍ଚିତ ଅଟେ।

149 ତେବେ, ଏହା ସେହି ଜଣେ ବ୍ୟକ୍ତିଙ୍କ ପାଇଁ ଟିକିଏ—ଟିକିଏ ଦ୍ୱନ୍ଦ୍ୱର ବିଷୟ ହେବ, ଯଦି ସେ କେବେ ହେଲେ ତୂରୀର ପ୍ରକୃତ ଧ୍ୱନି ବିଷୟ ଜାଣି ନାହିଁ। ବର୍ତ୍ତମାନ, ସେହି ବ୍ୟକ୍ତି ଯିଏକି କେବେ ସେହି ତୂରୀ ପ୍ରତି ତାଲିମ ପାଇ ନାହିଁ, ଏବଂ ଏହା କେବେ ଶୁଣି ନାହିଁ, ତାହାହେଲେ, ସେ ଟିକିଏ ଦ୍ୱନ୍ଦରେ ପଡ଼ି ଯାଇପାରେ ଯେତେବେଳେ ସେ ଏପରି କିଛି ବିଷୟ ଶୁଣନ୍ତି ଯାହାକି ସେ ଜାଣିଥିବା ବିଷୟଠାରୁ ଭିନ୍ନ ଅଟେ। ସେ ସର୍ବଦା ଶୁଣି ଆସିଥାଆନ୍ତି, "ମଣ୍ଡଳୀରେ ଯୋଗ ଦିଅନ୍ତୁ। ତୁମର ଚିଠିକୁ *ଏଠାକୁ* ନିଅନ୍ତୁ ଏବଂ *ଏଠାକୁ* ନିଅନ୍ତୁ।" ତାହା ସବୁ ଠିକ୍ ହୋଇ ଥାଇପାରେ। ତାହା ହିଁ ସବୁକିଛି ଅଟେ ଯାହାକି ସେ ଜାଣେ।

150 ମାତ୍ର ତାହାପରେ ଯେତେବେଳେ ଆପଣ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ବିଷୟରେ, ଫେରି ଆସିବାକୁ ଯାଆନ୍ତି, ପରମେଶ୍ୱରଙ୍କ ଶକ୍ତି ଏବଂ ସେ କରୁଥିବା କାର୍ଯ୍ୟଗୁଡ଼ିକ ବିଷୟରେ କହୁଥାଆନ୍ତି; ଏବଂ ଏହା କିପରି ମହିଳା ଏବଂ ପୁରୁଷମାନଙ୍କୁ କରିଥାଏ, ଉଭୟଙ୍କୁ, ଯେ ସେମାନେ ଏକ ପାପମୟ ଜୀବନରୁ ନିଜକୁ ପରିଷ୍କାର କରନ୍ତୁ; ଏହା କିପରି ସେମାନଙ୍କୁ ଧାର୍ମିକ, ସଚ୍ଚୋଟ ଭାବରେ ଗମନାଗମନ କରିବାକୁ ପ୍ରବର୍ତ୍ତାଇ ଥାଏ। ଏବଂ ସେହି ବିଷୟଗୁଡିକୁ ଯାହାକି ଏହା କରେ, ଏବଂ ବାପ୍ତିସ୍ମ ବିଷୟକୁ ଆଣିଥାଏ, ପରଭାଷାରେ କଥା କହିବା ବିଷୟକୁ ଆଣିଥାଏ, ରୋଗୀମାନଙ୍କୁ ସୁସ୍ଥ କରିଥାଏ, ଦୁଷ୍ଟାତ୍ମାମାନଙ୍କୁ ବାହାର କରିଥାଏ, ଭବିଷ୍ୟତ୍‌ବାଣୀଗୁଡିକୁ କରିଥାଏ, ବରଦାନଗୁଡିକ, ଓଃ, ଦର୍ଶନମାନ, ସବୁକିଛି ବିଷୟ ମଣ୍ଡଳୀରେ ରହିଥାଏ। ହାଲ୍ଲେଲୁୟା! ତାହା ଠିକ୍ ଅଟେ। ଯେତେବେଳେ ଏହା ଘଟିତ ହୋଇଥାଏ, ସେତେବେଳେ ଏହା ସେମାନଙ୍କ ପାଇଁ ଟିକେ ଦ୍ୱନ୍ଦ୍ୱପୂର୍ଣ୍ଣ ଅଟେ ଯେଉଁମାନେକି ସେହି ପ୍ରକାରର ଏକ ତୂରୀ କେବେ ବି ଶୁଣି ନାହାଁନ୍ତି।

151 "ତେବେ," ଆପଣ କୁହନ୍ତି, "ମୋର ମଣ୍ଡଳୀ ତାହା ଶିକ୍ଷା ଦିଏ ନାହିଁ।" ତାହାହେଲେ ତ ଏହା ସେହି ସୁସମାଚାରର ତୂରୀକୁ ବଜାଉ ନାହିଁ। ମହିମା ହେଉ! ଠିକ୍।

152 ମାତ୍ର ସେହି ତାଲିମପ୍ରାପ୍ତ ସୈନିକମାନଙ୍କ ପାଇଁ, ହାଲ୍ଲେଲୁୟା, ଯେତେବେଳେ ସେମାନେ ସେହି ତୂରୀ ଧ୍ୱନିକୁ ଶୁଣନ୍ତି, ସେମାନେ ଜାଣନ୍ତି ଯେ କିପରି କ୍ରମରେ ଛିଡା ହେବାକୁ ଅଛି। ଆଗକୁ ବଢି ଚାଲ, ଖ୍ରୀଷ୍ଟିଆନ ସୈନିକ! ମହିମା ହେଉ! ଓଃ, ତାହା ସ୍ୱଷ୍ଟ ଅଟେ!

"ଏହା ସ୍ୱଷ୍ଟ ବୋଲି ଆପଣ କିପରି ଜାଣନ୍ତି?"

ଏହା ବାକ୍ୟ ଉପରେ ଆଧାରିତ ଅଟେ।

"ତେବେ," ଆପଣ କୁହନ୍ତି, "ଆମର ମଣ୍ଡଳୀ ତ ତାହା ଶିକ୍ଷା ଦିଏ ନାହିଁ।"

153 ମାତ୍ର ତୂରୀ ତ ଏହାହିଁ ଧ୍ୱନି କରେ। ମୁଁ ଗୋଟିଏ ମଣ୍ଡଳୀର ବିଶ୍ୱାସମତରେ ତାଲିମପ୍ରାପ୍ତ ହେବାକୁ ଚାହେଁ ନାହିଁ, କାରଣ ଏହା ତ କମ୍ପିତ ହେବ ଓ ଭୁଶୁଡି ଯିବ। ମାତ୍ର ଯଦି ଆପଣ ବାକ୍ୟ ପ୍ରତି ତାଲିମପ୍ରାପ୍ତ ଅଟନ୍ତି, ତାହାହେଲେ ଆକାଶ ଏବଂ ପୃଥିବୀ ଲୋପ ପାଇଯିବ, ଆଉ ଏହି ବାକ୍ୟ କଦାପି ଲୋପ ପାଇବ ନାହିଁ। ପ୍ରତ୍ୟେକ ବିଶ୍ୱାସମତ, ଅନ୍ୟ ସମସ୍ତକିଛି, ବିଫଳ ଯୋଇଯିବ। ମାତ୍ର ଏହି ବାକ୍ୟ କଦାପି ବିଫଳ ହେବ ନାହିଁ। ଆମେନ୍। ତାହା ସେହି ଧ୍ୱନି ଅଟେ। ତାହାହିଁ ହେଉଛି ସେହି ଧ୍ୱନି ଯାହା ମୁଁ ଶୁଣିବାକୁ ଚାହେଁ। ହଁ, ଆଜ୍ଞା।

"ଓଃ," ଆପଣ କୁହନ୍ତି, "ମୁଁ କିପରି ଜାଣିବି?"

154 ଯୀଶୁ କହିଲେ, "ମୋର ମେଷ ମୋର ସ୍ୱର ଶୁଣନ୍ତି। ସେମାନେ ମୋର ତୂରୀକୁ ଜାଣନ୍ତି।" ସେ ସାଧୁ ଯୋହନ, 14ତମ ପର୍ବ ଏବଂ 12ଶ ପଦରେ, କହିଥିଲେ, "ଯିଏ ମୋ ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟ ମୁଁ କରେ ସେ ମଧ୍ୟ କରିବ।" ତେବେ, ସେ ଏହା କହିଥିଲେ।

ଯଦି ଜଣେ ବ୍ୟକ୍ତି କୁହନ୍ତି, "ଆଚ୍ଛା?"

155 ଏବ୍ରୀ 13: 8 କୁହେ, "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ପାଇଁ ସମାନ ଅଟନ୍ତି।"

"ଓଃ," ସେମାନେ କୁହନ୍ତି, "ଏକ ନିର୍ଦ୍ଦିଷ୍ଟ ଉପାୟରେ।"

156 ବର୍ତ୍ତମାନ, ଏକ ପ୍ରକୃତ ମେଣ୍ଢା କହିବ, "ଉଃ-ଓଃ। ଓଃ, କିଛି ଗୋଟାଏ ବିଷୟ, ସେଥିରେ ଚିଇଁ ଚିଇଁ ଶବ୍ଦ କଲା। ତାହା ଠିକ୍ ଶୁଭାଯାଏ ନାହିଁ। ଓଃ, ତାହା ନିଶ୍ଚିତ ଭାବରେ ଏକ ଫରାସୀ ଶୃଙ୍ଗ ହୋଇଥିବ। ତାହା ଏକ ତୂରୀ ନ ଥିଲା, କାରଣ ବାଇବଲ କୌଣସି ଅସ୍ୱଷ୍ଟ ଧ୍ୱନି ଦିଏ ନାହିଁ।"

157 ଏହା କୁହେ, "ତୁମେ ପବିତ୍ରଆତ୍ମା ଗ୍ରହଣ କରିବ।" ଏହା ନୁହେଁ ଯେ, "ଆପଣ ହୁଏତ କରିବେ।" "ଆପଣ ଗ୍ରହଣ କରିବେ, ପ୍ରତ୍ୟେକ ଜଣ।" କେତେ ଦିନ? "ତୁମର ସନ୍ତାନ ସଂତତି, ଏବଂ ତୁମର ସନ୍ତାନମାନଙ୍କର ସନ୍ତାନମାନଙ୍କୁ, ଏବଂ ସେମାନେ ଯେଉଁମାନେକି ଦୂରବର୍ତ୍ତୀ ଅଟନ୍ତି, ଏପରିକି ସେମାନଙ୍କୁ ଯେଉଁମାନଙ୍କୁ ସଦାପ୍ରଭୁ ଆମ୍ଭମାନଙ୍କର ପରମେଶ୍ୱର

ଆହ୍ୱାନ କରିବେ ।" ସେ ସେହି ତୂରୀଧ୍ୱନିକୁ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ପିଢ଼ୀରେ କରିବେ, ଏବଂ ସେମାନେ ତାହାଙ୍କର ସ୍ୱର ଶୁଣିବେ । ସେମାନେ ଏହାକୁ ବିଶ୍ୱାସ କରିବେ, ଯେଉଁମାନେକି ଜୀବନ ପାଇଁ ନିରୂପିତ ଅଟନ୍ତି । ଆମେନ୍ । ସେମାନେ ଏହାକୁ ବିଶ୍ୱାସ କରିବେ କାରଣ ସେମାନେ ଜାଣନ୍ତି ଯେ ଏହା ସୁସମାଚାର ତୂରୀ ଅଟେ ଯାହାକି ଧ୍ୱନି କରୁଅଛି । ଏହା ଅସ୍ପଷ୍ଟ ନୁହେଁ । ପ୍ରତ୍ୟେକ ସୈନିକ ଜାଣନ୍ତି ଯେ କିପରି ଛିଡ଼ା ହେବାକୁ ଅଛି ।

158 ତେବେ, ଆପଣ ପିତର, ଏବଂ ଯୋହନ, ଯାକୁବଙ୍କୁ, ଏବଂ ପ୍ରାଥମିକ ମଣ୍ଡଳୀକୁ, ଏହି ପଥରେ ଆଗକୁ ବଢୁଥିବାର ଦେଖନ୍ତି, କାରଣ ସେହି ତୂରୀ, ଯୀଶୁ, କହିଥିଲେ, "ସମସ୍ତ ଜଗତକୁ ଯାଅ, ସୁସମାଚାର ପ୍ରଚାର କର ।" ମାର୍କ 16, ଦେଖନ୍ତୁ, "ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡିକ ସେମାନଙ୍କର ଅନୁଗାମୀ ହେବ ।" ଆମେ ପିତର, ଯାକୁବ, ଯୋହନ, ସେହି ଅନ୍ୟମାନଙ୍କୁ ସେହି ବିଷୟ ପ୍ରତି, କ୍ରମରେ ରହିଥିବାର ଦେଖୁ ।

159 ଏବଂ ଆମେ ଏଥିରୁ ଦୂର, ଅନ୍ୟ ପଟକୁ ଘୂରିଯାଉ କି? ଜଣେ ଆଗକୁ ଯାଉଅଛି, ଅନ୍ୟ ଜଣେ ପଛକୁ ଯାଉଅଛି? ଜଣେ କହୁଛି, "ତେବେ, ତାହା ଅନ୍ୟ ଦିନ ପାଇଁ ଥିଲା । ସେହି, ସେହି—ସେହି ଧ୍ୱନି, ଅନ୍ୟ ସମୟ ପାଇଁ ଥିଲା ।" ଓଃ, ନା । ଏହା ତାହା ହୋଇପାରେ ନାହିଁ ।

160 ସମଗ୍ର ଖ୍ରୀଷ୍ଟିଆନ ସୈନ୍ୟଗଣ ସେହି ତୂରୀକୁ ଶୁଣନ୍ତି । ପରମେଶ୍ୱର କହିଥିଲେ ଯେ ତାହା ସେହି ତୂରୀ ଅଟେ । ସେ ଏହାକୁ ପରିବର୍ତ୍ତନ କରିପାରନ୍ତି ନାହିଁ । ତାହାହିଁ ହେଉଛି ସେହି ଧ୍ୱନି ଯାହା ସେ କହିଥିଲେ ଯେ ଶବ୍ଦ କରିବ । "ଏହା ସମସ୍ତ ଲୋକମାନେ ଜାଣିବେ," ଏବଂ ତପ୍ରେ ମଣ୍ଡଳୀ ଚାଲିଯାଏ ।

161 ସେମାନଙ୍କ ମଧ୍ୟରୁ କେତେକେ ତାହାଙ୍କର ଆକ୍ଷରିକ ଆଗମନରେ ବିଶ୍ୱାସ କରନ୍ତି ନାହିଁ । ବାଇବଲ କୁହେ ଯେ ସେ ଆଗମନ କରିବେ, ତେଣୁକରି ଆମେ ତାହାଙ୍କର ଆଗମନକୁ ଅପେକ୍ଷା କରି ରହିଛୁ । ଯଦି ସେ ଆଜି ରାତି ଏଠାରେ ନ ରୁହନ୍ତି, ଆମେମାନେ ସକାଳେ ଅପେକ୍ଷା କରୁଥିବା । ଯଦି ସେ ସକାଳେ ଏଠାରେ ନ ରୁହନ୍ତି, ଆମେମାନେ ଆସନ୍ତାକାଲି ରାତିରେ ତାହାଙ୍କ ପାଇଁ ଅପେକ୍ଷା କରିବା । ଏବଂ ଆମେମାନେ ଅପେକ୍ଷା କରିବାର ଜାରି ରଖିଥିବା । ଯଦି ଆମେମାନେ ଶୋଇପଡୁ, ତେବେ ଆମର—ଆମର...ଆମେମାନେ ବୃଥାରେ କ୍ଳାନ୍ତ ହୋଇ ନାହୁଁ । "କାରଣ ପରମେଶ୍ୱରଙ୍କ ତୂରୀ ସେହି ଅନ୍ତିମ ତୂରୀ ଧ୍ୱନି କରିବ, ଏବଂ ଖ୍ରୀଷ୍ଟଙ୍କଠାରେ ଥିବା ମୃତମାନେ ପୁନରୁତ୍‌ଥିତ ହେବେ । ଏବଂ ଆମେମାନେ ଯେଉଁମାନେକି ଜୀବିତ ଓ ଅବଶିଷ୍ଟ ଥିବୁ ସେମାନଙ୍କ ସହିତରେ ଏକାଠି ଉପରକୁ ଉନ୍ନିତ ହେବୁ, ଯେପରିକି ପ୍ରଭୁଙ୍କୁ ମଧ୍ୟ ଆକାଶରେ ସାକ୍ଷାତ କରୁ, ଏବଂ ଚିରଦିନ ସେଠାରେ ରହୁ ।" ତାହାହିଁ ହେଉଛି ସେହି ତୂରୀର ଧ୍ୱନି । ମୁଁ ବଞ୍ଚିଥାଏ କିମ୍ବା ମୁଁ ଚାଲି ଯାଇଥାଏ, ସେଥିରେ କୌଣସି ଫରକ୍ ପଡ଼େ ନାହିଁ । ମୁଁ ସେହି ଧ୍ୱନିକୁ ଶୁଣିବି । ମୁଁ ଉଠିବି । ପରମେଶ୍ୱରଙ୍କର ମହିମା ହେଉ! ଉଠ । ଓଃ, ହଁ । ହଁ ।

162 ଯୀଶୁ କହିଲେ, "ମୋର ମେଷମାନେ ମୋର ସ୍ୱର ଶୁଣନ୍ତି ।" ସେ ସେହି ବାକ୍ୟ ଥିଲେ

ଯାହାକି ପ୍ରକଟିତ ହୋଇଥିଲେ । ଯେତେବେଳେ ସେହି…ସେହିପରି ଭାବରେ ହିଁ ତ ତାହାଙ୍କର ମେଣ୍ଢାମାନେ ତାହାଙ୍କୁ ଜାଣନ୍ତି ।

163 ବର୍ତ୍ତମାନ ସେହି ଦିନର ଫାରୂଶୀମାନଙ୍କୁ ଓ ସେମାନଙ୍କୁ ଦେଖନ୍ତୁ । "ଓଃ," ସେମାନେ କହିଲେ, "ଏହି ବ୍ୟକ୍ତିଟି ବାଆଲ୍‌ଯିବୂଲ୍ ଅଟେ ।" ଯେତେବେଳେ ସେ କୂଅ ପାଖରେ ସେହି ସ୍ତ୍ରୀଲୋକକୁ, ତାର ପାପ ବିଷୟରେ କହିଲେ, ଯେ, ତାହା କେଉଁଠାରେ ଅଟେ, ସେ କେତେ ସ୍ୱାମୀଗୁଡ଼ିକୁ କରିଥିଲା, ଯେତେବେଳେ ସେ ନିଥନିୟେଲଙ୍କୁ କହିଥିଲେ ଯେ ସେ କେଉଁଠାରେ ଥିଲେ, ଯେତେବେଳେ ଫିଲିପ୍‌ପ ତାଙ୍କୁ ଡାକିଥିଲେ, ସେ ସେଠାରେ ଡିମ୍ବିରି ଗଛ ତଳେ ପ୍ରାର୍ଥନା, କରୁଥିଲେ, କାହିଁକି, ସେହି ଦିନର ଶିକ୍ଷକମାନେ କହିଥିଲେ, "ଏହି ବ୍ୟକ୍ତି ବାଆଲ୍‌ଯିବୂଲ୍ ଅଟେ । ସେ ଜଣେ ଶୟତାନ ଅଟେ । ସେ ଜଣେ କୁହୁକ ବିଦ୍ୟାକାରୀ ଅଟେ ।"

164 ମାତ୍ର ତାହା ପିତର, ଯାକୁବ, ଏବଂ ଯୋହନ, ସେହି ଅନ୍ୟମାନଙ୍କ ସହିତ ସେହିପରି ନ ଥିଲା । ସେମାନେ ଏହା ଜାଣିଥିଲେ । କାହିଁକି? ସେମାନେ ଜାଣିଥିଲେ ଯେ ପରମେଶ୍ୱର, ମୋଶାଙ୍କ ପ୍ରେରଣାଯୁକ୍ତ ସ୍ୱର ଅଧୀନରେ, କହିଥିଲେ ଯେ ଯେତେବେଳେ ମଶୀହ ଆସିବେ, ସେ ଜଣେ ଭବିଷ୍ୟଦ୍‌ବକ୍ତା ହେବେ । ଏବଂ ଯେତେବେଳେ ସେମାନେ ସେହି ବିଷୟଗୁଡ଼ିକୁ ଯାହା ସେ କହିଥିଲେ ପ୍ରକଟିତ ହେଉଥିବାର ଏବଂ ସିଦ୍ଧ ହେଉଥିବାର ଦେଖିଲେ, ସେମାନେ ଜାଣି ଗଲେ ଯେ ତାହା ମେଣ୍ଢା ଭୋଜନ ଅଟେ । ସେମାନେ ଜାଣି ଗଲେ ଯେ ତାହା ତୂରୀ ଅଟେ । ଏବଂ ସେମାନେ ଏହାକୁ ଅନୁସରଣ କରିବାକୁ ଆରମ୍ଭ କଲେ । "ମୋର ମେଣ୍ଢା ଏହା ଜାଣନ୍ତି," 'କାରଣ ସେମାନେ ପରମେଶ୍ୱରଙ୍କ ବାକ୍ୟକୁ ପ୍ରକଟିତ ହୋଇଥିବାର ଦେଖିଥିଲେ ।

165 ବର୍ତ୍ତମାନ, ଆଜି ଲୋକମାନେ, ସେମାନେ ବିଶ୍ୱାସ କରନ୍ତି ନାହିଁ ଯେ ସେଠାରେ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଭଳି କୌଣସି ଏକ ବିଷୟ ଅଛି । ଏଠାରେ କିମ୍ବା ଅନ୍ୟ କୌଣସି ସ୍ଥାନକୁ ଆସନ୍ତୁ ଯେଉଁଠାରେ ସେମାନଙ୍କ ପାଖରେ ପବିତ୍ରଆତ୍ମା ଥାଏ, ଏବଂ ସେମାନେ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଅବିକଳ ଠିକ୍ ସଫଳ ହେଉଥିବାର ଦେଖନ୍ତି, କାହିଁକି, "ମୋର ମେଷମାନେ ମୋର ସ୍ୱର ଶୁଣନ୍ତି ।" ସେମାନେ ସେହି ତୂରୀର ଶବ୍ଦ ଜାଣନ୍ତି କାରଣ ଏହା ବାଇବଲ ଅଟେ । "ଯୀଶୁ ଖ୍ରୀଷ୍ଟ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି ।" ସେ ଏବେ ସୁଦ୍ଧା ଏବ୍ରୀ 13: 8 ଅଟନ୍ତି, ଅବିକଳ ଭାବରେ ।

166 ମୋର ଏଥିରେ କିଛି ଯାଏ ଆସେ ନାହିଁ, ତେବେ, ସେଥିରେ କିଛି ହେଲେ ଫରକ୍ ପଡ଼େ ନାହିଁ ଯେ କେତେ ଗୁଡିଏ ମଣ୍ଡଳୀ ପେଂକାଳୀମାନ ବାଜୁଅଛି । ଆମ ପାଖରେ ଅନେକ ଛୋଟ ଛୋଟ ମଣ୍ଡଳୀ ପେଂକାଳୀମାନ ଅଛି, ଆପଣ ଜାଣନ୍ତି, ସବୁକିଛି ବିଷୟରେ ଶବ୍ଦ କରୁଥାନ୍ତି, କହୁଥାନ୍ତି, "ଓଃ, ଆଶ୍ଚର୍ଯ୍ୟକର୍ମର ଦିନଗୁଡିକ ଅତିବାହିତ ହୋଇଯାଇଛି । ଈଶ୍ୱରୀୟ ଆରୋଗ୍ୟତା ଭଳି କୌଣସି ଏକ ବିଷୟ ନାହିଁ ।"

167 ଓଃ, ସେହି ପ୍ରକୃତ ମେଣ୍ଢା ଏଥିପ୍ରତି ଧ୍ୟାନ ଦିଏ ନାହିଁ । ମାତ୍ର ସେମାନେ ସେହି ତୂରୀକୁ, ସେତିକି ସକାରାତ୍ମକ ଭାବରେ ଶୁଣନ୍ତି ।

168 ସେହି ମଣ୍ଡଳୀ ପେଂକାଳୀ କିଛି ବି ଶବ୍ଦ କରିପାରେ । ଆପଣ ହୁଏତ…ଦେଖନ୍ତୁ ଯେ ଏହା ଆଜି କଅଣ ପାଇଅଛି, ମଣ୍ଡଳୀ ପେଂକାଳୀଗୁଡିକ । ଜଣେ *ଏହି* ଦିଗରେ ଦୌଡୁଅଛି, ଏବଂ ଜଣେ *ସେହି* ଦିଗରେ ଦୌଡୁଅଛି । ଏବଂ ଶୟତାନ ପଛରେ ବସିଅଛି, କହୁଅଛି, "ପିଲାଏ, ସେମାନେ ତ କେବଳ ପରସ୍ପର ସହିତ ଲଢୁଅଛନ୍ତି । ତାହାହିଁ ସବୁ କିଛି ଅଟେ । ମୋତେ ତ ଏପରିକି ମୋର ହାତକୁ ସୁଦ୍ଧା ଘୁଞ୍ଚାଇବାକୁ ପଡ଼େ ନାହିଁ ।"

169 ମାତ୍ର, ହେ ଭାଇ, ସେମାନଙ୍କୁ ସମସ୍ତଙ୍କୁ ଥରେ ଅସ୍ତ୍ର ଶସ୍ତ୍ରରେ ସୁସଜ୍ଜିତ ହୋଇ ଆସିବାକୁ ଦିଅନ୍ତୁ, ସାଧାରଣ ଆଦେଶ ନିକଟକୁ ଫେରି ଆସିବାକୁ ଦିଅନ୍ତୁ । ଓଃ, ମୋର ପ୍ରଭୁ! ତାହାପରେ ଆପଣ ଏକ "ଆଗକୁ ବଢ଼, ଖ୍ରୀଷ୍ଟିଆନ ସୈନିକଗଣ" ଦେଖିବାକୁ ଯାଉଅଛନ୍ତି, ଠିକ୍, ସେହି ପେଂକାଳୀଗୁଡିକୁ ଶୁଣିବା ନୁହେଁ, ବରଂ ସେହି ତୂରୀକୁ ଶୁଣିବାକୁ ଯାଉଅଛନ୍ତି ।

170 ଆସନ୍ତୁ କେବଳ ଗୋଟିଏ ମିନିଟ୍ ପାଇଁ, ଟିକେ ଅଟକି ଯିବା, ଏବଂ ପଛକୁ ଯାଇ ବର୍ତ୍ତମାନ ଅଳ୍ପ କେତୋଟିକୁ ଦେଖିବା । ଆମେ ଶେଷ କରିବାକୁ ଯାଉଅଛୁ, କାରଣ ମୁଁ ଆପଣମାନଙ୍କୁ ଏଠାରେ ଏତେ ଅଧିକ ସମୟ ଅଟକାଇ ରଖିବାକୁ ଚାହେଁ ନାହିଁ । ମାତ୍ର ଆସନ୍ତୁ ଫେରିଯିବା ଏବଂ ଏହି ଶବ୍ଦ ଶୁଣିଥିବା କେତେ ଜଣଙ୍କୁ ଦେଖିବା । ଆସନ୍ତୁ ନେବା…ଏବଂ ସେମାନେ ନିଶ୍ଚିତ ଥିଲେ । ତେବେ, ମୁଁ ଆପଣଙ୍କୁ ଦେଖାଇଅଛି ଯେ ଅନ୍ୟ ସମସ୍ତକିଛି ବିଷୟ ଅସ୍ପଷ୍ଟ ଅଟେ । ଆସନ୍ତୁ ଗୋଟିଏ କ୍ଷଣ ପାଇଁ, କେବଳ ଗୋଟିଏ ପୁରୁଣା ଚରିତ୍ରକୁ ନେବା ।

171 ଆସନ୍ତୁ ଭବିଷ୍ୟଦ୍‌ବକ୍ତା ଆୟୁବକୁ ନେବା । ତେବେ, ସେହି ବ୍ୟକ୍ତି ଏକ ପରୀକ୍ଷା ଦେଇ ଗମନ କଲେ, ମାତ୍ର ସେ ଜାଣିଥିଲେ ଯେ ପରମେଶ୍ୱର ଏକ ହୋମବଳି ଆବଶ୍ୟକ କରନ୍ତି । ତାହାହିଁ ଅଟେ ଯାହାକି ପରମେଶ୍ୱର ଆବଶ୍ୟକ କରନ୍ତି, ଏବଂ ତାହା ହିଁ ସବୁକିଛି ଅଟେ ଯାହା ସେ ଆବଶ୍ୟକ କରନ୍ତି । ଏବଂ ଯାଏ ଆସେ ନାହିଁ ଯେ ତାଙ୍କ ଘର ପ୍ରତି କେତେ ବିପର୍ଯ୍ୟୟ ଘଟିଲା…ପରମେଶ୍ୱର ସର୍ବଦା କରନ୍ତି ନାହିଁ…

172 ଯେତେବେଳେ ଆପଣ ଜଣେ ବ୍ୟକ୍ତିଙ୍କ ସହିତରେ କିଛି ଗୋଟାଏ ଭୁଲ୍ ହେଉଥିବାର ଦେଖନ୍ତି, ତାହାର ଅର୍ଥ ଏହା ନୁହେଁ ଯେ ସେ ପରମେଶ୍ୱରଙ୍କ ଦ୍ୱାରା ଦଣ୍ଡ ଭୋଗୁଅଛନ୍ତି । ଏହା ନ ହୋଇ ଥାଇପାରେ ଯେ ସେ ପରମେଶ୍ୱରଙ୍କ ଇଚ୍ଛାରୁ ବାହାରେ ରହିଥାଆନ୍ତି । ସେ ନିଜ ହୃଦୟରେ ଏହା ଜାଣିଥାନ୍ତି ଯେ ସେ ତୂରୀଶବ୍ଦ ଶୁଣୁଛନ୍ତି କି ନାହିଁ ।

173 ପରମେଶ୍ୱର ଏହି ହୋମବଳିକୁ ଆବଶ୍ୟକ କରିଥିଲେ, ଏବଂ ଆୟୁବ ତାହା ଉପରେ ସଠିକ୍ ଛିଡା ହୋଇଥିଲେ । ତାହାହିଁ ସବୁକିଛି ଅଟେ । ସେମାନେ କହିଲେ, "ଆୟୁବ, ତୁମେ ଜଣେ ଗୁପ୍ତ ପାପୀ ଅଟେ । ତୁମେ ଏପରି କିଛି ବିଷୟ କରୁଅଛ ଯାହାକି ଭୁଲ୍ ଅଟେ ।" ମାତ୍ର ସେ ତ ତାହାଠୁଁ ଉତ୍ତମ ଜାଣିଥିଲେ । ସେ ତ ଠିକ ସେଠାରେ ରହିଲେ, କାରଣ ସେ ତୂରୀ ଶବ୍ଦ ଶୁଣି ସାରିଥିଲେ, ଏବଂ ସେ ତାହା ସହିତରେ ଠିକ ସେଠାରେ ରହିଥିଲେ ।

174 ଏବଂ, ଅବଶେଷରେ, ଠିକ ଶେଷ ଆଡକୁ, ଯେତେବେଳେ ସେ…ଶୟତାନକୁ ତାଙ୍କ ଉପରେ ଉନ୍ମୁକ୍ତ ଭାବେ ଛଡା ଯାଇଥିଲା, ଏବଂ ତାଙ୍କ ପରିବାରକୁ ନେଇଗଲା, ଏବଂ ସେ ତାଙ୍କ

ସନ୍ତାନମାନଙ୍କୁ ନେଇଗଲା, ତାଙ୍କ ଓଟମାନଙ୍କୁ ନେଇଗଲା, ଏବଂ ତାଙ୍କର ସମସ୍ତ ସମ୍ପତ୍ତିକୁ ନେଇଗଲା, ଓ ତାଙ୍କ ନିଜର ସ୍ୱାସ୍ଥ୍ୟକୁ ଅନୁନ୍ନତ କରିଦେଲା । ସେ ପାଉଁଶ ଗଦା ଉପରେ ବସି ପଡ଼ିଲେ । ଏପରି ଦେଖାଯାଉଥିଲା ଯେପରିକି ସବୁକିଛି ଚାଲି ଯାଇଅଛି । ମାତ୍ର ତଥାପି ସେ କହିଥିଲେ, "ମୁଁ ଜାଣେ ଯେ ମୋର ମୁକ୍ତିଦାତା ଜୀବିତ ଅଛନ୍ତି । ଶେଷ ଦିନରେ ସେ ପୃଥିବୀ ପୃଷ୍ଠରେ ଛିଡା ହେବେ । ଯଦିଓ ସେହି ଚର୍ମ ପୋକମାନେ ଏହି ଶରୀରକୁ ନଷ୍ଟ କରିଦିଅନ୍ତି, ତଥାପି ମୋ ଶରୀରରେ ମୁଁ ପରମେଶ୍ୱରଙ୍କୁ ଦର୍ଶନ କରିବି ।" ସେ ବିଷୟରେ କିଛି ହେଲେ ଅସ୍ପଷ୍ଟ ନାହିଁ, କଅଣ ସେଠାରେ ଥିଲା କି? ଏପରି ନୁହେଁ ଯେ, "ମୁଁ—ମୁଁ—ମୁଁ—ମୁଁ ଏପ୍ରକାର ଭାବୁଛି ଯେ ସେ ଜୀବିତ ଅଛନ୍ତି ।" ସେ କହିଥିଲେ, "ମୁଁ ଜାଣେ ଯେ ସେ ଜୀବିତ ଅଛନ୍ତି, ଏବଂ ଶେଷ ଦିନରେ ସେ ପୃଥିବୀ ପୃଷ୍ଠରେ ଛିଡା ହେବେ । ଯଦିଓ ସେହି ଚର୍ମ ପୋକମାନେ ଏହି ଶରୀରକୁ ନଷ୍ଟ କରିଦିଅନ୍ତି, ତଥାପି ମୋ ଶରୀରରେ ମୁଁ ପରମେଶ୍ୱରଙ୍କୁ ଦର୍ଶନ କରିବି ।" ଓଃ, ମୋର ପ୍ରଭୁ! ଏହା ଘଟିଥିଲା । ସେ ଅତ୍ୟନ୍ତ ସୁସ୍ପଷ୍ଟ ଥିଲେ ।

175 ଅବ୍ରହାମ, ଦିନେ କ୍ଷେତରେ ବାହାରେ ବୁଲୁଥିବା ବେଳେ, ପରମେଶ୍ୱରଙ୍କୁ କହୁଥିବାର ଶୁଣିଲେ, "ଅବ୍ରହାମ, ମୁଁ ଯାଉଅଛି..." ସେ ଲିଖିତ ବାକ୍ୟ ପୂର୍ବରୁ ଅବ୍ରହାମଙ୍କୁ ଭେଟିଥିଲେ ଏବଂ ସେ କହିଥିଲେ, "ଅବ୍ରହାମ, ମୁଁ ତୁମକୁ ତୁମର ପତ୍ନୀ ସାରାଙ୍କ ଦ୍ୱାରା, ଏକ ପୁତ୍ର ଦେବାକୁ ଯାଉଅଛି ।" ଏବଂ ସେତେବେଳେ ସାରା ପଇଁ-ଷାଠିଏ ବର୍ଷ ବୟସର ଥିଲେ ଏବଂ ଅବ୍ରହାମ ପଞ୍ଚ-ସତୁରି ବର୍ଷ ବୟସର ଥିଲେ । ଏବଂ ସେମାନେ ଏହା ପାଇଁ ପ୍ରସ୍ତୁତୀକରଣ କରିଥିଲେ, ଏବଂ ସେ ସାକ୍ଷ୍ୟ ସୁଦ୍ଧା ଦେବାକୁ ଲଜ୍ଜିତ ହୋଇ ନ ଥିଲେ । ସେ ଜାଣିଥିଲେ ଯେ ସେ ସେହି ପୁତ୍ରକୁ ଲାଭ କରିବାକୁ ଯାଉଅଛନ୍ତି ।

176 ଏବଂ ବାଇବଲ କୁହେ, "ସେ ଅବିଶ୍ୱାସ ଦ୍ୱାରା ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ଝୁଣ୍ଟି ପଡିଲେ ନାହିଁ, ବରଂ ସମ୍ପୂର୍ଣ୍ଣ ରୂପେ ସୁନିଶ୍ଚିତ ହୋଇଥିଲେ ।" ଆମେନ୍ । ସମ୍ପୂର୍ଣ୍ଣ ଭାବରେ ସୁନିଶ୍ଚିତ, ତାହାର ଅର୍ଥ ହେଉଛି ଯେ ସେ ପରମ ସତ୍ୟ ବିଷୟ ସହିତ ସାକ୍ଷାତ କରିଥିଲେ । ଆମେନ । ଏହାହିଁ ତ ତାହା ଅଟେ । ପରମ ବିଷୟ ହେଉଛି ମାର୍ଗର ଶେଷ । ଏହା ସେହି ଶେଷ ବିଷୟ ଅଟେ । ଏହା—ଏହା ତାହାର ସବୁକିଛି ଅଟେ ।

ସେ କହିଥିଲେ, "ମୁଁ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଯେ, ପରମେଶ୍ୱର ଯାହା ପ୍ରତିଜ୍ଞା କରିଛନ୍ତି, ପରମେଶ୍ୱର ତାହା କରିବାକୁ ସକ୍ଷମ ଅଟନ୍ତି ।"

177 କଅଣ ଆପଣ, ଆଜି ରାତି, କଅଣ ଆପଣ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଅଟନ୍ତି ଯେ ଏହା ସେହି ପବିତ୍ରଆତ୍ମା ଅଟନ୍ତି? କଅଣ ଆପଣ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଅଟନ୍ତି, ଯେ ଏହା ସେହି ମାର୍ଗ ଅଟେ? କଅଣ ଆପଣ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଅଟନ୍ତି, ଯେ ସେ ଜଣେ ଆରୋଗ୍ୟଦାତା ଅଟନ୍ତି? କଅଣ ଆପଣ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଅଟନ୍ତି ଯେ ସେ ପୁନର୍ବାର ଆସୁଅଛନ୍ତି? କଅଣ ଆପଣ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଅଟନ୍ତି ଯେ ସେ ଗତକାଲି, ଆଜି, ଏବଂ ଚିରକାଳ ସମାନ ଅଟନ୍ତି? ଆମେନ୍ । ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ! ହଁ ।

178 ଆସନ୍ତୁ ଅନ୍ୟ ଜଣକାକୁ ନେବା, ଏଲିୟ, ପର୍ବତ ଉପରେ ସେଠାରେ ଛିଡା ହୋଇଥିଲେ । ସେ ଇଷେବଲ ଏବଂ ତାଙ୍କ ରଙ୍ଗ ପ୍ରସାଧନ ଲଗା ଯାଇଥିବା ମୂଖମଣ୍ଡଳ ସହିତ ବିବାଦ କରିଥିଲେ, ଏବଂ ସେ ଏକପ୍ରକାର ଏଥିରୁ ଥକି ଯାଇଥିଲେ । ପ୍ରାୟଃ ସମସ୍ତେ ସେହି ପ୍ରଥମ ମହିଳାଙ୍କ ନମୁନା ଅନୁସରଣ କରିଥିଲେ, ବୋଧହୁଏ ଗୋଲାକାର ପରି ୱାଟରହେଡ୍ କେଶ କାଟିବା ଏବଂ ଯାହା କିଛି ସେହି ଦିନରେ ରହିଥିଲା । ସେ ଏହା ବିଷୟରେ ଏତେ ଅଧିକ ବାଦ ବିବାଦ କରିଥିଲେ ଯେ ଏପରିକି ତାହା—ତାହା ତାଙ୍କର ପ୍ରାଣ ନେବା ଉପରେ ଯାଇଥିଲା ।

179 ସିଧାସଳଖ, ପରମେଶ୍ୱର ତାଙ୍କୁ କହିଥିଲେ, “ସେଠାକୁ ପଳାୟନ କର । ଆପଣ ଜାଣନ୍ତି, ଯେ ଏଠାରେ, ସପ୍ତାହରେ ପ୍ରାୟଃ ଦୁଇ କିମ୍ବା ତିନି ଦିନ ବର୍ଷା ହୁଏ । ମାତ୍ର ତୁମେ ଆହାବଙ୍କ ସମ୍ମୁଖରେ ଛିଡା ହୁଅ, ଏବଂ ତୁମେ ତାଙ୍କୁ କୁହ, ‘**ସଦାପ୍ରଭୁ ଏହି କଥା କୁହନ୍ତି** । ମୁଁ ନ କହିବା ପର୍ଯ୍ୟନ୍ତ ଆକାଶରୁ ଶିଶିର ସୁଦ୍ଧା ପଡ଼ିବ ନାହିଁ ।’” ଓଃ, ମୋର ପ୍ରଭୁ!

180 ସେ କହିଲେ ନାହିଁ ଯେ, “ତେବେ, ଆହାବ, ବୋଧହୁଏ, ହୁଏତ ତାହା ଏହିପରି ଭାବରେ ହୋଇପାରେ” ଓଃ, ନା । ସେ ତ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଥିଲେ, କୌଣସି ଅସ୍ପଷ୍ଟତା ନ ଥିଲା । “ଶିଶିର ପଡ଼ିବ ନାହିଁ, ବର୍ଷା ହେବ ନାହିଁ, ଯେପର୍ଯ୍ୟନ୍ତ ମୁଁ ଏହାକୁ ନ କୁହେ ।” ଆମେନ୍ । ମହିମା ହେଉ! ଓଃ, କାହିଁକି? ସେ ସେହି ତୂରୀ ଶୁଣିଥିଲେ । ଏହା ସ୍ପଷ୍ଟ ଥିଲା । ସେ ନିଜର ପରମେଶ୍ୱରଙ୍କୁ ଜାଣିଥିଲେ । ସେ ଜାଣିଥିଲେ ଯେ କିଛି ଗୋଟାଏ ଘଟିତ ହେବ, ଯେତେବେଳେ ପରମେଶ୍ୱର ସେହି ବାକ୍ୟକୁ କୁହନ୍ତି, ସମସ୍ତ ଆକାଶ ଓ ପୃଥିବୀ ଲୋପ ପାଇଯିବ ଯେପର୍ଯ୍ୟନ୍ତକି ଏହା—ଏହା ନ ଘଟିଯାଏ, ଏହା ଘଟିବାକୁ ହିଁ ହେବ । ସେ ସ୍ପଷ୍ଟ ଭାବରେ ସୁନିଶ୍ଚିତ ଥିଲେ ।

181 ତେବେ, ସେ କହିଲେ, “ଏଲିୟ, ମୁଁ ଚାହେଁ ଯେ ତୁମେ ସେଠାରେ ଦେଶର ସବୁଠୁଁ ଶୁଷ୍କ ସ୍ଥାନକୁ ଯାଅ, ଠିକ ପର୍ବତ ଶୀଖର ଉପରକୁ ଯାଅ ଯେଉଁଠାରେକି କୌଣସି ଝରଣା ନାହିଁ । ମାତ୍ର ସେଠାରେ ମୁଁ ତୁମ ପାଇଁ ଗୋଟିଏ ରଖିଅଛି ।”

182 ସେ ସମ୍ପୂର୍ଣ୍ଣ ଭାବେ ସୁନିଶ୍ଚିତ ଥିଲେ । ସେ ପର୍ବତ ଉପରକୁ ଚଢିଲେ ଏବଂ କରୀତ ନଦୀ କୂଳରେ ବସି ପଡ଼ିଲେ । “ଆଉ ତେବେ ମୁଁ ଏଠାରେ ଉପରେ କଅଣ କରିବାକୁ ଯାଉଅଛି?”

“ମୁଁ ତୁମକୁ ଭୋଜନ କରାଇବା ନିମନ୍ତେ କାଉମାନଙ୍କୁ ଆଦେଶ ଦେଇଅଛି ।”

183 “ତେବେ, କିପରି ସେହି କାଉମାନେ…ତେବେ, ହେ ପ୍ରଭୁ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ ।”? ନା, ନା । ସେହି ତୂରୀ ଧ୍ୱନି ବାଜି ଯାଇଥିଲା । ସେତିକି ଯଥେଷ୍ଟ ଅଟେ । “ଏହା କିପରି ଘଟିବାକୁ ଯାଉଅଛି? ମୁଁ ଜାଣି ନାହିଁ । ମୋର ଯାଏ ଆସେ ନାହିଁ । ବୁଝିଲେ? ସେ ବିଷୟରେ ଚିନ୍ତା କରିବା ମୋର କାମ ନୁହେଁ । ତାହା ହେଉଛି ପରମେଶ୍ୱରଙ୍କର କାମ । ସେ କହିଥିଲେ ଯେ ସେ କାଉମାନଙ୍କୁ ଆଦେଶ ଦେଇଅଛନ୍ତି ।”

184 “ତେବେ, ହେ ପ୍ରଭୁ, କଅଣ ଆପଣ ଦୟାକରି ମୋ ପାଇଁ ଏହାକୁ ଭାଙ୍ଗି ବୁଝାଇ ଦେବେ କି, ଏବଂ ମୋତେ କହିବେ କି ଯେ କେଉଁଠାରେ ସେହି…ସେହି କାଉମାନେ ଏବ୍ରୀ ଭାଷା କହିବାକୁ ଶିଖିବା ନିମନ୍ତେ, କେଉଁ ବିଦ୍ୟାଳୟକୁ ଯାଇଥିଲେ? କେଉଁ ପ୍ରକାରର ଏକ…କଅଣ

ସେମାନେ ଗ୍ୟାସ ଚୁଲିରେ ରାନ୍ଧିନ୍ତି ନା ସେମାନଙ୍କର ଏକ କାଠ ଚୁଲି ଅଛି, ଅବା ସେମାନେ ଏହାକୁ କିପରି କରନ୍ତି? ଏବଂ ସେମାନେ କେଉଁଠାରେ କରିବେ...ସେମାନେ କେଉଁ ପ୍ରକାରର ଏକ ପଶୁକୁ ବଧ କରିବେ? ସେମାନେ ତ କେବଳ ଏକ ଛୋଟ ପକ୍ଷୀମାତ୍ର ଅଟନ୍ତି । ସେମାନେ ମୋ ନିମନ୍ତେ ଏକ ଗୋମାଂଶ ପାଉଁରୁଟି ଆଣିବା ପାଇଁ କିପରି ଏକ ଗୋବତ୍ସକୁ ବଧ କରିବାକୁ ଯାଉଛନ୍ତି?" ବୁଝିଲେ? ବୁଝିଲେ? ତାହା ପ୍ରଶ୍ନ କରାଯାଇ ନ ଥିଲା ।

185 ପରମେଶ୍ୱର, ସେହି—ସେହି ପରମେଶ୍ୱରଙ୍କର ତୂରୀ, ତାହାଙ୍କର ସ୍ୱର ଶୁଣାଗଲା ଏବଂ କହିଲା, "ମୋର ଅଛି!" (ଏପରି ନୁହେଁ ଯେ, "ଏଲିୟ, ମୁଁ ଏହା କରିପାରେ ।") "ମୁଁ ତ ଏହା କରିସାରିଛି ।" ("ମୁଁ ଏହା କରିବି ।") "ମୁଁ ତ ଏହାକୁ ଅଗରୁ କରି ସାରିଅଛି ।" ଆମେନ୍ ।

186 ଆଜିରାତି, ତାହା ଆମମାନଙ୍କର ପରମେଶ୍ୱର ଅଟନ୍ତି । ନୁହେଁ ଯେ, "ସେ ଏହା କରିବେ ।" ସେ ତ ଏହା କରି ସାରିଛନ୍ତି । ଆମେନ୍ । ସେ ତ ଏହାକୁ ଆଗରୁ କରି ସାରିଛନ୍ତି । ଆମେନ୍ । ଏପରି ନୁହେଁ ଯେ, "ସେ କରିବେ; ସେ ହୁଏତ କରିପାରନ୍ତି; ବୋଧହୁଏ ସେ କରିବେ ।" ସେ ତ ଏହାକୁ ଆଗରୁ କରି ସାରିଛନ୍ତି । "ମୁଁ କାଉମାନଙ୍କୁ ଆଦେଶ ଦେଇଅଛି ।"

187 ସେ ନିଜର ଆତ୍ମାକୁ ସମସ୍ତ ଲୋକମାନଙ୍କୁ ପ୍ରଦାନ କରିଥିଲେ । ସେ ନିଜର ଆଶୀର୍ବାଦକୁ ପ୍ରଦାନ କରିଥିଲେ । ସେ ଊର୍ଦ୍ଧ୍ୱକୁ ଆରୋହଣ ଗଲେ, ଏବଂ ମନୁଷ୍ୟମାନଙ୍କୁ ଦାନଗୁଡିକ ଦେଲେ । କେହି ତ ଏହାକୁ ପାଇବାକୁ ଯାଉଛନ୍ତି । କେହି ତ ଏହାକୁ ମନା କରି ଦେବେ । ଏହା ମୋର କାମ ନୁହେଁ ଯେ ତାହା କିପରି ଆସେ । ଏହା ତ ଠିକ୍ ଏହିପରି ଭାବରେ ଅଟେ ଯେ ତାହା ସେଠାରେ ରହିଥାଏ । ପରମେଶ୍ୱର କହିଥିଲେ ଯେ ଏହା ସେହିପରି ଭାବରେ ହେବ, ଏବଂ ଏହା ସେହିପରି ହିଁ ଅଟେ । ପିତର କହିଥିଲେ, ପେଣ୍ଟିକଷ୍ଟ ଦିନରେ, "ତୁମେମାନେ ପ୍ରତ୍ୟେକ ଜଣ ମନଫେରଣ କର, ଏବଂ ଆପଣା ପାପ କ୍ଷମା ନିମନ୍ତେ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅ, ଏବଂ ତୁମେମାନେ ପବିତ୍ରଆତ୍ମାଙ୍କ ଦାନପ୍ରାପ୍ତ ହେବ ।" ଏହା କିପରି ଆସିବାକୁ ଯାଉଅଛି? ମୁଁ ଜାଣି ନାହିଁ । "ଏହି—ଏହି ପ୍ରତିଜ୍ଞାଟି ତୁମର ସନ୍ତାନମାନଙ୍କ ପାଇଁ, ଦୂରବର୍ତ୍ତି ସେମାନଙ୍କ ପାଇଁ, ଏପରିକି ସେମାନଙ୍କ ପାଇଁ ଯେଉଁମାନଙ୍କୁକି ପ୍ରଭୁ ଆମ ପରମେଶ୍ୱର ଆହ୍ୱାନ କରିବେ ।" ତେବେ, ଆପଣ ଏହାକୁ ତାହାଠାରୁ ଅନ୍ୟତ୍ର ବୁଝାଇ ପାରିବେ ନାହିଁ । ତୂରୀ ଧ୍ୱନି କରିସାରିଛି, ଏବଂ ମୁଁ ଏହାକୁ ବିଶ୍ୱାସ କରେ । ମୁଁ ଏହାକୁ ଆଜ୍ଞାପାଳନ କଲି, ଏବଂ ଏହାକୁ ପ୍ରାପ୍ତ କଲି । ଆମେନ୍ । ତେବେ ଥରେ ଏହାକୁ ଯୁକ୍ତିତର୍କ କରି ମୋ ଠାରୁ ଅନ୍ୟତ୍ର ନେଇ ଯିବାକୁ ଚେଷ୍ଟା କରନ୍ତୁ । ଆମେନ୍ । ଓଃ, ମୁଁ ସିଦ୍ଧ ନୁହେଁ । ନା ।

188 ଯେପରି ସେହି ରାତିରେ, ସେହି ପୁରୁଣା ଅଶ୍ୱେତ ଭଉଣୀଟି, ସେ କହିଥିଲେ, "ପ୍ରାଚୀନ, କଅଣ ମୁଁ ଏକ ସାକ୍ଷ୍ୟ ଦେଇପାରେ କି?"

"ହଁ, ମହୋଦୟା ।"

189 ସେ କହିଲେ, "ମୁଁ ଏହି ଗୋଟିଏ କଥା କହିବାକୁ ଚାହେଁ ।" ସେ କହିଲେ, "ମୁଁ—ମୁଁ—ମୁଁ ତାହା ନୁହେଁ ଯାହା ମୁଁ ହେବାକୁ ଚାହେଁ ।" ଏବଂ ସେ କହିଲେ, "ମୁଁ ତାହା ନୁହେଁ ଯାହା ମୋତେ

ହେବା ଉଚିତ୍ । ମାତ୍ର, ଗୋଟିଏ ବିଷୟ ଯାହା ମୁଁ ଜାଣେ, ତାହା ହେଉଛି ମୁଁ ତାହା ନୁହେଁ ଯାହା ମୁଁ ଥିଲି ।"

190 ତେଣୁକରି, ତାହା, ତାହା ସେହି ଉପାୟ ଅଟେ ଯେପରି ଭାବରେକି ଆମେ ବର୍ତ୍ତମାନ ତାହା ବିଷୟରେ ଅନୁଭବ କରୁଅଛୁ । ମୁଁ ତାହା ନୁହେଁ ଯାହା ମୁଁ ପୂର୍ବପରି ଦିନେ ଥିଲି, କାରଣ ମୁଁ ଆଜି ରାତିରେ ଉଦ୍ଧାରପ୍ରାପ୍ତ ଅଟେ, ପରମେଶ୍ୱରଙ୍କ ଅନୁଗ୍ରହ ଦ୍ୱାରା, ଏବଂ କାର୍ଯ୍ୟଭାର ଉପରେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଗ୍ରହଣ କରିଅଛି । ଏହା ସେଠାରେ ପେଣ୍ଟିକଷ୍ଟ ଦିନରେ ପ୍ରଦାନ କରା ଯାଇଥିଲା, ପ୍ରତିଜ୍ଞା ଦିଆଯାଇଥିଲା, ଏବଂ ମୁଁ ଏହାକୁ ବିଶ୍ୱାସ କଲି । କୌଣସି ଅସ୍ପଷ୍ଟତା ନାହିଁ । ମୁଁ ଧ୍ୱନି ଶୁଣିଲି । ମୁଁ ଏହାକୁ ଆଜ୍ଞାପାଳନ କଲି, ଏବଂ ମୁଁ ସୁନିଶ୍ଚିତ ଯେ ଏହାହିଁ ତାହା ଯାହାକି ଏହା ଅଟେ । ନିଶ୍ଚିତ ଭାବରେ । ମୁଁ ଜାଣେ ଯେ ଏହା ତାହା ଅଟେ । ନିଶ୍ଚିତରେ ।

191 ଶିମିୟୋନ୍, ପ୍ରାୟଃ ଅଶୀ ବର୍ଷ ବୟସ୍କ ଜଣେ ବୃଦ୍ଧ ସାଧୁ, ଶହ ଶହ ବର୍ଷ ହୋଇଥିଲା ଯେ ଏପରିକି କୌଣସି ଭବିଷ୍ୟଦ୍‌ବକ୍ତା ସୁଦ୍ଧା ପୃଥିବୀ ପୃଷ୍ଠରେ ନ ଥିଲେ, ମାତ୍ର ଏକ ବହୁତ ବଡ଼ ଖ୍ୟାତି ସମ୍ପନ୍ନ ଭାବରେ ଗମନାଗମନ କରିଥିଲେ । ପବିତ୍ରଆତ୍ମା ଦିନେ ତାଙ୍କ ସହିତ କଥା ହେଲେ, କହିଲେ, "ଶିମିୟୋନ, ତୁମେ ଜାଣ, ଯେପର୍ଯ୍ୟନ୍ତ ତୁମେ ପ୍ରଭୁଙ୍କ ପରିତ୍ରାଣ ନ ଦେଖ ସେପର୍ଯ୍ୟନ୍ତ ତୁମେ ପ୍ରାଣ ତ୍ୟାଗ କରିବ ନାହିଁ ।" ମହିମା ହେଉ!

192 ବୋଧହୁଏ ସେହି ମହାଯାଜକ, ନିଜର ଦାଢୀକୁ ଅନେକ ଥର ଆଉଁସି ଥିବେ, ଏବଂ କହିଥିବେ, "ଶିମିୟୋନ, ତୁମେ ନିଜର ଦାଢୀକୁ ଅନ୍ୟ ପାର୍ଶ୍ୱରେ ରାମ୍ପିବା ଉଚିତ୍ ।

ସେ କହିଲେ, "ସେଥିରେ ଟିକିଏ ହେଲେ ପାର୍ଥକ୍ୟ ପଡ଼େ ନାହିଁ ।"

"ତୁମେ କିପରି ଜାଣ ଯେ ତୁମେ ଠିକ୍ ଅଟ?"

"ସେହି ପବିତ୍ରଆତ୍ମା ମୋତେ ଏହା କହିଛନ୍ତି । ମୁଁ ମରିବି ନାହିଁ ।"

193 "କାହିଁକି, ଶିମିୟୋନ, କାହିଁକି, ତୁମେ ତ...କାହିଁକି, ତୁମେ ତ ବର୍ତ୍ତମାନ ହିଁ ମରିବା ନିମନ୍ତେ ପ୍ରସ୍ତୁତ ଅଟ ।"

194 "ଓଃ, ତୁମେ କଅଣ କହୁଛ ମୋର ସେଥିରେ କିଛି ଫରକ୍ ପଡ଼େ ନାହିଁ । ମାତ୍ର ପରମେଶ୍ୱର ମୋତେ କହିଛନ୍ତି ଯେ ମୁଁ ଯେପର୍ଯ୍ୟନ୍ତ ତାହାଙ୍କ ପରିତ୍ରାଣ ନ ଦେଖେ ସେପର୍ଯ୍ୟନ୍ତ ମୁଁ ମୃତ୍ୟୁକୁ ଦେଖିବି ନାହିଁ । କିଛି ହେଲେ ଅସ୍ପଷ୍ଟ ନାହିଁ । ମୁଁ ପ୍ରାଣ ତ୍ୟାଗ କରିବି ନାହିଁ । ମୁଁ ତାହାଙ୍କୁ ନ ଦେଖିବା ପର୍ଯ୍ୟନ୍ତ ମୃତ୍ୟୁକୁ ଦେଖିପାରେ ନାହିଁ ।" ଆମେନ୍ । ଏହାହିଁ ତାହା ଅଟେ ।

"ଶିମିୟୋନ, ତୁମେ ଏହା କିପରି କରିବାକୁ ଯାଉଅଛ?"

"ମୁଁ, ତାହା ମୋର କାମ ନୁହେଁ ।"

"ଶିମିୟୋନ, ସେ କେଉଁଠାରେ ଅଛନ୍ତି?"

"ମୁଁ ଜାଣେ ନାହିଁ ।"

"ତୁମେ କିପରି ଜାଣ ଯେ ତୁମେ ତାହାଙ୍କୁ ଦେଖିବାକୁ ଯାଉଅଛ?"

195 "ପରମେଶ୍ୱର ଏହା କହିଛନ୍ତି । ଏହାହିଁ ତାହା ଅଟେ । ଏହା ବାକ୍ୟ ଅଟେ । ମୁଁ ତାହାଙ୍କୁ ନ ଦେଖିବା ପର୍ଯ୍ୟନ୍ତ ମୁଁ ମୃତ୍ୟୁ ଦେଖିବାକୁ ଯାଉ ନାହିଁ ।" ଓଃ, ମୋର ପ୍ରଭୁ!

196 "ଓଃ, ଗରିବ ବୃଦ୍ଧ ବ୍ୟକ୍ତି । ନିଶ୍ଚୟ, ତାଙ୍କର ମୁଣ୍ଡ ଖରାପ ହୋଇଯାଇଛି, ଆପଣ ଜାଣନ୍ତି । ତେଣୁକରି ତାଙ୍କୁ କେବଳ ଏକାକୀ ଛାଡିଦିଅନ୍ତୁ ।"

197 କିନ୍ତୁ ସେ ତ ତାହାଙ୍କୁ, ଯେକୌଣସି ଉପାୟରେ ବି ଦେଖିଥିଲେ । ହଁ, ଆଜ୍ଞା । ପରମେଶ୍ୱର ସେହି ଲୋକମାନଙ୍କ ପାଇଁ ଏକ ମାର୍ଗ ପ୍ରସସ୍ତ କରନ୍ତି ଯେଉଁମାନେ ତାହାଙ୍କର ବାକ୍ୟକୁ ଗ୍ରହଣ କରିବେ ।

198 ଯୀଶୁ, ଯେତେବେଳେ ସେ ଏଠାରେ ପୃଥିବୀ ପୃଷ୍ଠରେ ଥିଲେ, ଏବଂ ସେ ସେଠାରେ ଲାଜାରଙ୍କ କବରରେ ଛିଡା ହୋଇଥିଲେ ।

199 କିମ୍ବା, ତାହା ପୂର୍ବରୁ, ଯେତେବେଳେ ସେ ଲୋକମାନଙ୍କ ସହିତରେ—ସହିତରେ ସେହି ଆଲୋଚନାରେ ଥିଲେ, ତାହା ବିଷୟରେ କଥାବାର୍ତ୍ତା କରୁଥିଲେ ଯେ ସେ କିପରି, ପଚାଶ ବର୍ଷ ବୟସର ସୁଦ୍ଧା ହୋଇ ନ ଥିଲେ, ଏବଂ କହିଥିଲେ ଯେ ସେ ଅବ୍ରହାମଙ୍କୁ ଦେଖିଛନ୍ତି । ଆପଣ ଲକ୍ଷ୍ୟ କରିନ୍ତୁ ଯେ ସେ କେତେ ସକାରାତ୍ମକ ଥିଲେ? ସେ କହିଥିଲେ, "ଏହା ପୂର୍ବରୁ କି ଅବ୍ରହାମ ଥିଲେ, **ମୁଁ ଅଟେ । ମୁଁ ଅଟେ ।**" ଏହା ନୁହେଁ, ଯେ "ମୁଁ ଥିଲି," କିମ୍ବା, "ମୁଁ ହେବି," ବରଂ, "**ମୁଁ ଅଟେ ।** ମୁଁ ସକାରାତ୍ମକ ଅଟେ ।"

200 ତାହାପରେ, ସେ ଲାଜାରଙ୍କ କବରରେ, କହିଲେ, ସେ ସେଠାକୁ ଯିବା ପୂର୍ବରୁ, ସେ, ମାର୍ଥାଙ୍କୁ କହିଥିଲେ, ସେ କହିଥିଲେ, "ମୁଁ ପୁନରୁତ୍ଥାନ, ଜୀବନ ଅଟେ ।" ଏପରି ନୁହେଁ ଯେ, "ମୁଁ ହେବା ଉଚିତ୍," କିମ୍ବା, "ମୁଁ ହେବି," ବରଂ, "ମୁଁ ଅଟେ ।" ଆମେନ୍ ।

201 "ଯଦି ତୁମେ ଏଠାରେ ଥାଆନ୍ତ, ତେବେ ମୋ ଭାଇ, ମରି ନ ଥାଆନ୍ତା । ମାତ୍ର ବର୍ତ୍ତମାନ ସୁଦ୍ଧା, ହେ ପ୍ରଭୁ, ତୁମେ ଯାହା ପରମେଶ୍ୱରଙ୍କୁ ମାଗିବ, ପରମେଶ୍ୱର ତାହା ତୁମକୁ ପ୍ରଦାନ କରିବେ ।"

ସେ କହିଲେ, "ତୁମର ଭାଇ ପୁନର୍ବାର ବଞ୍ଚି ଉଠିବ ।"

202 "ଓଃ, ସେ ସେହି ଶେଷ ଦିନରେ, ସାଧାରଣ ପୁନରୁତ୍ଥାନରେ ବଞ୍ଚି ଉଠିବ । ସେ ଜଣେ ଭଲ ବାଳକ ଥିଲା । ହଁ, ମୁଁ ବିଶ୍ୱାସ କରେ ସେ ବଞ୍ଚି ଉଠିବ ।"

203 ମାତ୍ର ଯୀଶୁ ତାଙ୍କୁ ଅଳ୍ପ ଟିକିଏ ସଳଖ କଲେ, ସ୍ୱଂ ବିଷୟ, ଜାଗ୍ରତ କରି, କହିଲେ, "ମାତ୍ର ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ ।" ନୁହେଁ ଯେ, "ମୁଁ ହେବି; ମୁଁ ହେବା ଉଚିତ୍," କିମ୍ବା ଅନ୍ୟାନ୍ୟ କିଛି ବିଷୟ । "**ମୁଁ ଅଟେ ।**" ସେଠାରେ ଏପରି କିଛି ନାହିଁ, ସେଠାରେ କିଛି ହେଲେ ସେହି ସମ୍ବନ୍ଧରେ ଦୋହଲିବା ବିଷୟ ନାହିଁ, କମ୍ପମାନ ହେବା ବିଷୟ ନାହିଁ । କୌଣସି ଅସ୍ପଷ୍ଟ ବିଷୟ ନାହିଁ । ଏହା ତ ସକାରାତ୍ମକ ଥିଲା ।

204 "ମୁଁ ପୁନରୁତ୍‌ଥାନ ଏବଂ ଜୀବନ ଅଟେ । ଯିଏ ମୋ ଠାରେ ବିଶ୍ୱାସ କରେ, ଯଦିଓ ସେ ମରି ଯାଇଥାଏ, ତଥାପି ସେ ବଞ୍ଚି ଉଠିବ । ଯିଏ ଜୀବିତ ଏବଂ ମୋ ଠାରେ ବିଶ୍ୱାସ କରେ, ସେ କଦାପି ମରିବ ନାହିଁ ।" ଏହା ନୁହେଁ—ନୁହେଁ ଯେ, "ସେମାନେ ହୁଏତ ନ କରିପାରନ୍ତି । ସେମାନେ ବୋଧହୁଏ କରିବେ ନାହିଁ ।" "ସେମାନେ ମରିବେ ନାହିଁ । ଏହା ସମ୍ବନ୍ଧରେ କିଛି ହେଲେ—କିଛି ହେଲେ ଅସ୍ପଷ୍ଟ ନାହିଁ । ସେମାନେ ମରିବେ ନାହିଁ ।"

205 "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କ ଠାରେ ବିଶ୍ୱାସ କରେ ଅନନ୍ତ ଜୀବନ ପାଇଥାଏ, ଏବଂ ନ୍ୟାୟ ବିଚାରକୁ ସୁଦ୍ଧା ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଥାଏ ।"

206 "ସେମାନେ ବିଚାରକୁ ଆସିବା ଉଚିତ୍ ନୁହେଁ"? ସେମାନେ ବିଚାରକୁ ଆସିବେ ନାହିଁ । ଆମେନ୍ । ସେ ମୋର ବିଚାରକୁ ନେଇ ନେଲେ । ସେଠାରେ କୌଣସି କାମ ନାହିଁ । ଆମେନ୍ । ଆପଣ ସେଠାରେ ଅଛନ୍ତି । "ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛନ୍ତି ।" ଓଃ!

207 ତେବେ ମାର୍ଥା କହିଲେ ଯେ ସେ ଏହାକୁ ବିଶ୍ୱାସ କରିଛନ୍ତି । ତେବେ, ଯୀଶୁ କଦାପି କହିଲେ ନାହିଁ, "ତେବେ, ତୁମେ ଜାଣ, ଯେହେତୁ ତୁମେ ତାହା ବିଶ୍ୱାସ କରିଅଛ, ଏବଂ ତୁମେ ଜାଣ ଯେ ମୁଁ ସେହି ବାକ୍ୟ ଅଟେ, ଏବଂ—ଏବଂ ମୁଁ—ମୁଁ...ତୁମେ ଜାଣ ଯେ ମୁଁ ହିଁ ସେ ଅଟେ ଯାହାକୁ ଆସିବାକୁ ଥିଲା । ତୁମେ ତାହା ସ୍ୱୀକାର କରିଅଛ । ତୁମେ ଏହାକୁ ବିଶ୍ୱାସ କର । ମୁଁ ତୁମକୁ କହିବି ଯେ ଆମେମାନେ କଅଣ କରିପାରିବା । ଆସୁ ଆମେମାନେ ପ୍ରାଚୀନମାନଙ୍କୁ ଏକାଠି କରିବା, ଏବଂ ତଳକୁ ଯାଇ ଦେଖିବା ଯେ ଏହା ବିଷୟରେ ଆମେମାନେ କିଛି କରିପାରିବା କି ।" ନା, ନା । ସେ କହିଲେ, "ମୁଁ କରିବି..." ଏହା ନୁହେଁ ଯେ, "ତଳକୁ ଯାଇ ଦେଖିବି ଯେ ଯଦି ମୁଁ ତାଙ୍କୁ ଉଠାଇ ପାରିବି କି ।" "ମୁଁ ଯାଇ ତାଙ୍କୁ ଜାଗ୍ରତ କରିବି ।" ଆମେନ୍ । ନୁହେଁ ଯେ, "ମୁଁ କରିବି—ମୁଁ ଚେଷ୍ଟା କରିବି ।" "ମୁଁ କରିବି ।" କିଛି ବି ଅସ୍ପଷ୍ଟ ନୁହେଁ । ତାହା କୌଣସି ଅସ୍ପଷ୍ଟ ଧ୍ୱନି ନ ଥିଲା, ଯେତେବେଳେ ସେ କହିଥିଲେ, "ମୁଁ କରିବି । ମୁଁ କରିବି ।"

208 ଏବଂ ସେହି ସମାନ ବ୍ୟକ୍ତିଜଣକ ଯିଏକି କହିଥିଲେ, "ମୁଁ କରିବି," ଆପଣଙ୍କୁ ଏକ ପ୍ରତିଜ୍ଞା କରିଛନ୍ତି । ହାଲ୍ଲେଲୁୟା! ଓଃ, ମୋର ପ୍ରଭୁ! ଆମେନ୍ ।

"ମୁଁ ଯାଇ ତାଙ୍କୁ ଜାଗ୍ରତ କରିବି ।"

209 ପୁନର୍ବାର ସେ କହିଥିଲେ, "ଏହି ମନ୍ଦିରକୁ ଧ୍ୱଂସ କରି ଦିଅ, ଏବଂ ମୁଁ ଦେଖିବି ଯେ ମୁଁ ଏହା ବିଷୟରେ କଅଣ କରିପାରେ"? "ତୁମେ ଏହି ମନ୍ଦିରକୁ ଧ୍ୱଂସ କରି ଦିଅ, ଏବଂ ମୁଁ ଏହାକୁ ତିନି ଦିନ ମଧ୍ୟରେ ପୁନର୍ବାର ଉତ୍ଥିତ କରାଇବି ।" କୌଣସି ଅସ୍ପଷ୍ଟତା ନାହିଁ । "ତେବେ ମୁଁ ଚେଷ୍ଟା କରିବି । ତୁମେମାନେ ସମସ୍ତେ ଚାରିଆଡ଼େ ଛିଡା ହୋଇ ଏହା ଦେଖିପାର ଯେ ମୁଁ ଏହା କରିପାରୁଛି କି ନାହିଁ ।"? ଆହା, ନା । "ମୁଁ ଏହାକୁ ଉତ୍ଥିତ କରାଇବି ।" କୌଣସି ଅସ୍ପଷ୍ଟତା ନାହିଁ । "ମୁଁ ଏହାକୁ ଉତ୍ଥିତ କରାଇବି । ତୁମେ—ତୁମେ ଏହାକୁ ଧ୍ୱଂସ କରି ଦିଅ; ମୁଁ ଏହାକୁ ଉତ୍ଥିତ କରାଇବି ।" ଓଃ, ମୋର ପ୍ରଭୁ!

210 କାହିଁକି? ସେ ଜାଣିଥିଲେ ଯେ ଶାସ୍ତ୍ରରେ, ସେ ହିଁ ସେହି ବ୍ୟକ୍ତି ଅଟନ୍ତି, ଯାହା ବିଷୟରେ ଦାଉଦ କହିଥିଲେ। "ମୁଁ ତାହାର ପ୍ରାଣକୁ ନରକରେ ଛାଡିବି ନାହିଁ, କିଅବା ମୋର ପବିତ୍ର ଜନକୁ ଭ୍ରଷ୍ଟତା ଦେଖିବାକୁ ଦେବି ନାହିଁ।" ଏବଂ ସେ ଜାଣିଥିଲେ ଯେ ସେ ସେହି ଶାସ୍ତ୍ରାନୁସଙ୍ଗତ ପ୍ରତିଜ୍ଞାରେ ଅନ୍ତର୍ଭୁକ୍ତ ଥିଲେ, ତେଣୁକରି ସେ ସକାରାତ୍ମକ ଥିଲେ।

211 ତେବେ, କଅଣ ଆମେମାନେ ସେତିକି ସକାରାତ୍ମକ ହୋଇପାରିବା ନାହିଁ କି? ଉଦାହରଣ ସ୍ୱରୂପେ, ଆମେ ତାହାଙ୍କୁ, ଅନ୍ୟାନ୍ୟ ବିଷୟଗୁଡିକ ପାଇଁ ନେଇଥାଉ। ଯେପର୍ଯ୍ୟନ୍ତ ପରମେଶ୍ୱରଙ୍କ ବାକ୍ୟ ଏହାକୁ କହିଅଛି, କଅଣ ଆମେମାନେ ସେହି ବାକ୍ୟ ସମ୍ବନ୍ଧରେ ସେତିକି ସକାରାତ୍ମକ ହୋଇପାରିବା ନାହିଁ କି ଯେତିକି ସକରାତ୍ମକ ସେ ଏହା ବିଷୟରେ ଥିଲେ?

212 "ମୁଁ ପୁନରୁତ୍ଥାନ ଏବଂ ଜୀବନ ଅଟେ।" "ମୁଁ ଏହାକୁ ପୁନର୍ବାର ଉତ୍ଥିତ କରାଇବି।" ଆମେନ୍। କାହିଁକି? ସେ ଜାଣିଥିଲେ ଯେ ବାକ୍ୟ ଏହା ବିଷୟରେ କହିଅଛି, ଏବଂ ଏହା ହେବ ବୋଲି ସେ ସୁନିଶ୍ଚିତ ଥିଲେ।

213 ଯଦି ସେଠାରେ ଯୋହନ 5:24 ରେ ମୁଁ ସେହି ବ୍ୟକ୍ତି ଜଣକ ଅଟେ, "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ସେ ଅନନ୍ତ ଜୀବନ ପାଇଅଛି, ଏବଂ ମୁଁ ତାକୁ ଶେଷ ଦିନରେ ପୁନର୍ବାର ଉଠା କରାଇବି। ସେ ବିଚାରକୁ ଆସିବ ନାହିଁ; ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଅଛି।" ତାହା—ତାହା ଆମେମାନେ ଅଟୁ। ଏବଂ ଆମେ କେଉଁଥି ପାଇଁ ଭୟଗ୍ରସ୍ତ ହେଉଅଛୁ? ମାମଲା କଅଣ ଅଟେ?

214 ଏଥିରେ କଅଣ ଫରକ୍ ପଡେ ଯେ ଆପଣ କେଉଁ ପ୍ରଖ୍ୟାତ ନାମର ବସ୍ତ୍ର ପିନ୍ଧିଛନ୍ତି? ଆପଣ ନିଜକୁ *ଏହା, ତାହା,* କିମ୍ବା *ଅନ୍ୟକିଛି* ବୋଲି କହିଥାଆନ୍ତି। ଆମେମାନେ ପରମେଶ୍ୱରଙ୍କ ଅନୁଗ୍ରହରୁ, ପରମେଶ୍ୱରଙ୍କ ସନ୍ତାନଗଣ ଅଟୁ। ଆମେମାନେ ପରମେଶ୍ୱରଙ୍କ ଅନୁଗ୍ରହରୁ, ପବିତ୍ରଆତ୍ମାଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଅଛୁ। ସେହି ବିଷୟରେ ଏହା କଅଣ ଫରକ୍ ପଡ଼େ ଯେ *ଏହି* ଜଣକ *ତାହା* ନା *ସେହି* ଜଣକ ଅଟେ, ଯଦି ସେ ଜଣେ ପ୍ରେସ୍‌ବିଟେରିଆନ୍, ମେଥୋଡିଷ୍ଟ, ବାପ୍ଟିଷ୍ଟ ଅଟେ? ଯଦି ସେ ପବିତ୍ରଆତ୍ମାରେ ପରିପୂର୍ଣ୍ଣ ଅଟନ୍ତି, ତାହାହେଲେ ତାହାଙ୍କଠାରେ ସେ ପୁନରୁତ୍ଥିତ ଜୀବନ ରଖିଛନ୍ତି। ଆମେନ୍। ହଁ। ବର୍ତ୍ତମାନ, ପେଣ୍ଟିକଷ୍ଟ ଦିନରେ...

215 ଲୂକ 24:49 ରେ, ଯୀଶୁ ସେମାନଙ୍କୁ କହିଥିଲେ, "ଦେଖ, ମୁଁ ଏକ ପ୍ରତିଜ୍ଞା ପ୍ରେରଣ କରିଅଛି।" ଏହା ନୁହେଁ ଯେ, "ମୁଁ ଏହା କରିପାରେ। ମୁଁ ଦେଖିବି ଯେ ମୁଁ ଏହା ବିଷୟରେ କଅଣ କରିପାରେ।" "ମୁଁ ମୋର ପିତାଙ୍କର ପ୍ରତିଜ୍ଞାକୁ ତୁମମାନଙ୍କ ଉପରେ ପ୍ରେରଣ କରିବି। ମାତ୍ର ସେଠାରେ ଉପରକୁ ଯିରୁଶାଲମ ନଗରକୁ ଯାଅ ଏବଂ ଶକ୍ତିଯୁକ୍ତ ନ ହେବା ପର୍ଯ୍ୟନ୍ତ ତୁମେମାନେ ସେଠାରେ ଅପେକ୍ଷା କର।"

216 ବର୍ତ୍ତମାନ, କଅଣ ହୋଇଥାନ୍ତା ଯଦି ସେମାନେ ଅପେକ୍ଷା କରିଥାନ୍ତେ, ଧରନ୍ତୁ, ଓଃ, ଛଅ ଦିନ ହୋଇଥିଲା, ସେମାନେ କହିଥାନ୍ତେ, "ଆମେମାନେ କେଉଁ ବିଷୟକୁ ନେଇ ଅପେକ୍ଷା

କରୁଅଛୁ? ମୁଁ ବିଶ୍ୱାସ କରେ ଯେ ଆମେମାନେ ତ ଏହାକୁ ବିଶ୍ୱାସ ଦ୍ୱାରା ଗ୍ରହଣ କରିବା ଉଚିତ। କଅଣ ଆପଣମାନେ ସେହିପରି ଭାବୁ ନାହାଁନ୍ତି କି?"

217 କଅଣ ହୋଇଥାନ୍ତା ଯଦି ଯାକୁବ କହିଥାନ୍ତେ, ସେହି ନବମ ଦିନରେ—ରେ, କହିଥାନ୍ତେ, "ସିମୋନ୍, ଗୋଟିଏ ମିନିଟ୍ ଏଠାକୁ ଆସ। ତୁମେ ଜାଣିଛ, ଯେ ଅନ୍ୟ ଦିନ ମୋର ଏକ ପ୍ରକାର ବିଚିତ୍ର ଅନୁଭବ ହୋଇଥିଲା। ବୁଝିଲେ? ଏବଂ ତୁମେ ଜାଣିଛ ମୁଁ କଅଣ ବିଶ୍ୱାସ କରେ? ମୁଁ—ମୁଁ—ମୁଁ ବିଶ୍ୱାସ କରେ ଯେ ଆମେମାନେ କେବଳ ଏଠାରେ ଅପେକ୍ଷା କରି ରହିଥାଉ ବୋଲି ସେ ଚାହାଁନ୍ତି ନାହିଁ। ମୁଁ ବିଶ୍ୱାସ କରେ ଯେ ଆମେମାନେ—ଆମେମାନେ ତ ଏହା ଆଗରୁ ପାଇ ସାରିଅଛୁ। କଅଣ ଆପଣ ସେପରି ଭାବୁ ନାହାଁନ୍ତି କି? ଆସନ୍ତୁ ଆମେମାନେ ଆମର କାମ କରିବାକୁ ଯିବା। ଆସନ୍ତୁ ଆମେମାନେ ଆମର ସେବାକାର୍ଯ୍ୟକୁ କରି ଚାଲିବା"? ଓଃ, ଏହା କେବେ ହେଲେ ହୋଇ ନ ଥାଆନ୍ତା।

218 କାହିଁକି? ସେମାନେ ଜାଣିଥିଲେ ଯେ ସେହି ଭବିଷ୍ୟଦ୍‌ବକ୍ତା କହିଛନ୍ତି। ତେବେ ଶୁଣନ୍ତୁ। ଭବିଷ୍ୟଦ୍‌ବକ୍ତା କହିଥିଲେ, "ବାକ୍ୟ ଉପରେ ବାକ୍ୟ ରହିବା ଉଚିତ୍, ରେଖା ଉପରେ ରେଖା, ରେଖା ଉପରେ ରହିବା ଉଚିତ୍; ଏଠାରେ ଅଳ୍ପ ଏବଂ ସେଠାରେ ଅଳ୍ପ।" "ତାହା ଧରି ରଖିଥାଆନ୍ତୁ ଯାହା ଉତ୍ତମ ଅଟେ।" "କାରଣ ବିଦେଶୀ ଓଷ୍ଠାଧର ଏବଂ ଅନ୍ୟାନ୍ୟ ଭାଷା ସହିତରେ ମୁଁ ଏହି ଲୋକମାନଙ୍କୁ କଥା କହିବି। ଏବଂ ଏହା ହେଉଛି ସେହି ବିଶ୍ରାମ, ସେହି ସଙ୍ଗତ।" ସେମାନେ ଜାଣିଥିଲେ ଯେ କିଛି ଗୋଟାଏ ବିଷୟ ଘଟିତ ହେବାକୁ ଅଛି ଯେତେବେଳେ ଏହା ଆସିବ।

219 "ଶେଷ ଦିନରେ ମୁଁ ମୋର ଆତ୍ମାଙ୍କୁ ଢାଳିବି।" ଯୋୟେଲ 2:28, "ଶେଷ ଦିନରେ ଏହା ଘଟିତ ହେବ, ପରମେଶ୍ୱର କୁହନ୍ତି, ମୁଁ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମାକୁ ଢାଳିବି, ଏବଂ ତୁମର ପୁତ୍ର କନ୍ୟାଗଣ ଭବିଷ୍ୟଦ୍‌ବାଣୀ କରିବେ। ମୋର ହସ୍ତକୃତ ଦାସୀ ଓ ଦାସମାନଙ୍କ ଉପରେ, ସେହି ଦିନ ମୁଁ ମୋର ଆତ୍ମାଙ୍କୁ ଢାଳିବି। ମୁଁ ଉର୍ଦ୍ଧ୍ୱସ୍ଥ ଆକାଶରେ ଏବଂ—ଏବଂ ନିମ୍ନ ପୃଥିବୀରେ ଚିହ୍ନମାନ ଦେଖାଇବି, ଏବଂ ଅଗ୍ନି, ଓ ଧୂମ, ଏବଂ ବାଷ୍ପ ହେବ।"

220 ସେମାନେ ଜାଣିଥିଲେ ଯେ ସେହି ପବିତ୍ରଆତ୍ମାଙ୍କ ଆଗମନ ସହିତ କିଛି ଗୋଟାଏ ଅନୁଭୂତି ବିଷୟ ରହିବାକୁ ଥିଲା। ସେମାନେ କୌଣସି ଅସ୍ପଷ୍ଟ ଧ୍ୱନିକୁ ଗ୍ରହଣ କରୁ ନ ଥିଲେ। ମାତ୍ର ଯେତେବେଳେ ସେମାନେ କିଛି ଗୋଟାଏ ବିଷୟ ଗତି କରୁଥିବାର ଅନୁଭବ କଲେ, ଏବଂ ତାହା ସହିତ ବାଇବଲର ପ୍ରମାଣ ଗତି କରୁଥିବାର ଦେଖିଲେ, ସେମାନେ ଅସ୍ପଷ୍ଟ ନ ଥିଲେ। ଠିକ ରାସ୍ତା ଗଳିପଥ ମଧ୍ୟକୁ ସେମାନେ ଚାଲିଗଲେ। କ୍ଷମା କରନ୍ତୁ। ଓଃ, ମୋର ପ୍ରଭୁ! ସେମାନେ ସୁସ୍ପଷ୍ଟ ଥିଲେ ଯେ ଏହା ପବିତ୍ରଆତ୍ମା ଥିଲା।

221 କଅଣ ଆପଣ ଜାଣିଛନ୍ତି ଯେ ସେମାନେ କେତେ ସ୍ପଷ୍ଟ ଥିଲେ? ଯେପର୍ଯ୍ୟନ୍ତକି, ପିତର, ସେହି ଛୋଟ ଅଶିକ୍ଷିତ ବ୍ୟକ୍ତିଜଣକ, ଏକ କାଠଗଣ୍ଡି କିମ୍ବା ବାକ୍ସ ଉପରେ ଚଢି ନ ଗଲେ, କିମ୍ବା କୋଣସି ସ୍ଥାନରେ ଚଢି, ଏହା କହିଲେ ନାହିଁ, "ହେ ଯିହୁଦା ନିବାସୀଗଣ," ବଙ୍କା ପାଦ

ଥିବା ଗୋଟିଏ ଗଞ୍ଜା ଯେପରି ନିଜ ବକ୍ଷସ୍ଥଳକୁ ବାହାର କରିଥାଏ ସେପରି ଭାବରେ । ସେ କହିଲେ, "ହେ ଯିହୁଦା ନିବାସୀଗଣ, ଯିରୁଶାଲମରେ ବାସ କରୁଥିବା ଲୋକମାନେ! କିଛି ସମୟ ପୂର୍ବରୁ, ମୁଁ ତୁମମାନଙ୍କୁ ଭୟ କରୁଥିଲି; ବର୍ତ୍ତମାନ, ମୁଁ କରୁ ନାହିଁ । ଏହା ତୁମ୍ଭମାନଙ୍କୁ ଜ୍ଞାତ ହେଉ, ଏବଂ ମୋର କଥା ପ୍ରତି କର୍ଣ୍ଣପାତ କରନ୍ତୁ । ଆପଣମାନେ ଅନୁମାନ କରୁଥିବା ପରି ଏମାନେ ମଦ୍ୟପାନ କରି ନାହାଁନ୍ତି । ମାତ୍ର ଏହା ତ ତାହା *ଅଟେ* ।" "ଆମେମାନେ *ଆଶା* କରୁ ଯେ ଏହା ତାହା ଅଟେ"? "ଆମେମାନେ *ବିଶ୍ୱାସ* କରୁ ଯେ ଏହା ତାହା ଅଟେ ।"? ସେ କହିଲେ, "ଏହା ତାହା *ଅଟେ* ଯାହା ବିଷୟରେ ଭବିଷ୍ୟଦ୍‌ବକ୍ତା ଯୋୟେଲ କହିଥିଲେ ।" ହାଲ୍ଲେଲୁୟା! ଏହା ବିଷୟରେ କୌଣସି ହେଲେ ଅସ୍ପଷ୍ଟତା ନାହିଁ । "ଏହା ତାହା *ଅଟେ* ଯାହା ବିଷୟରେ ଭବିଷ୍ୟଦ୍‌ବକ୍ତା ଯୋୟେଲ କହିଥିଲେ ।" ଓଃ, ମୋର ପ୍ରଭୁ!

222 ମାର୍କ 16 ରେ, ଯୀଶୁ ତାଙ୍କ ମଣ୍ଡଳୀକୁ କାର୍ଯ୍ୟଭାର ଦେଇ, କହିଥିଲେ, "ସମଗ୍ର ଜଗତକୁ ଯାଅ, ସୁସମାଚାର ପ୍ରଚାର କର ।" "ଏହି ଚିହ୍ନଗୁଡ଼ିକ ବୋଧହୁଏ ହେବା ଉଚିତ୍; ବୋଧହୁଏ, କଦା ଏକଦା, ସେଗୁଡିକ ହେବ"? "ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କ ସହିତରେ ସେଗୁଡିକ ରହିବ । ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡିକ ସେମାନଙ୍କର ଅନୁଗାମୀ ହେବ । ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ । ସେମାନେ ନୂତନ ଭାଷାରେ କଥା କହିବେ । ଯଦି ସେମାନେ ସର୍ପକୁ ଧରି ନିଅନ୍ତି କିମ୍ବା ପ୍ରାଣନାଶକ ବିଷୟ ପାନ କରନ୍ତି, ତେବେ ଏହା ସେମାନଙ୍କୁ କୌଣସି କ୍ଷତି କରିବ ନାହିଁ । ଯଦି ସେମାନେ ରୋଗୀମାନଙ୍କ ଉପରେ ନିଜର ହାତ ରଖନ୍ତି, ସେମାନେ ସୁସ୍ଥ ହୋଇଯିବେ ।" ଏହା ନୁହେଁ ଯେ, "ବୋଧହୁଏ ହେବ ।" "ସେମାନେ ହେବେ । ଯେଉଁମାନେ ବିଶ୍ୱାସ କରନ୍ତି ଏହି ଚିହ୍ନଗୁଡିକ ସେମାନଙ୍କର ଅନୁଗାମୀ ହେବ ।"

223 ଭାଇ, ଭଉଣୀ, ପରବର୍ତ୍ତୀ କେତେକେ ମିନିଟ୍ ପାଇଁ, ମୋତେ ଏହା କହି, ନିଷ୍କର୍ଷ କହିବାକୁ ଦିଅନ୍ତୁ । ମୁଁ ଏହାକୁ ବିଶ୍ୱାସ କରେ । ମୁଁ ବିଶ୍ୱାସ କରେ ଯେ ଅନ୍ୟ ସମସ୍ତକିଛି ବିଷୟ, ଯେକୌଣସି ବିଷୟ ଯାହାକି ତାହାର ବିପରୀତ ଅଟେ, ତାହା ଠିକ୍ ନୁହେଁ । ମୁଁ ବିଶ୍ୱାସ କରେ, ଯେ କୌଣସି ବିଷୟ ଯାହାକି ତାହାର ବିପକ୍ଷରେ ଅଟେ ତାହା ବିଫଳ ହୋଇଯିବ । ମୁଁ ବିଶ୍ୱାସ କରେ, ମୋର ଏଥିରେ କିଛି ଫରକ୍ ପଡ଼େ ନାହିଁ ଯେ କେତେ ଗୁଡିଏ ସାମ୍ୟବାଦ, କିମ୍ବା କେତେଗୁଡ଼ିଏ *ଏହି* ବାଦ ଏବଂ *ସେହି* ବାଦ, ଏବଂ ମଣ୍ଡଳୀବାଦ ଓ ରୋମାନବାଦ, ଏବଂ ଅନ୍ୟ ସମସ୍ତକିଛି ଆସେ, ଆମେରିକୀୟବାଦ ଏବଂ ଅନ୍ୟ ସବୁକିଛି ବିଷୟ ବିଫଳ ହୋଇଯିବ ।

224 ମାତ୍ର ସେହି ବାକ୍ୟ ଅନନ୍ତକାଳ ପାଇଁ ସ୍ଥାୟୀ ରହିବ, କାରଣ ଏହା ଏକ ବାକ୍ୟ ଅଟେ । ଏବଂ ଏହା ପୂର୍ବେକି ଏହା ଏକ ବାକ୍ୟ ଥିଲା, ଏହାକୁ ଏକ ବିଚାର ହେବା ଆବଶ୍ୟକ । ଏବଂ ଏକ ବାକ୍ୟ ହେଉଛି ଏକ ବିଚାରର ପ୍ରକଟିତ ହେବା । ଏବଂ ପରମେଶ୍ୱର, ଅନନ୍ତତାରେ, ଏହା ତାହାଙ୍କର ମନକୁ ଆସିଲା । ସେ ନିଜର ବିଚାରଗୁଡିକୁ ପ୍ରକାଶ କଲେ । ଏହା ଏକ ବାକ୍ୟ ହୋଇଗଲା, ଏବଂ ସେହି ବାକ୍ୟ ପ୍ରକାଶ ହେବାକୁ ଅଛି ।

225 ସେହି କାରଣ ହେତୁରୁ, ଯେତେବେଳେ ସେ ଜଣେ ମଶୀହଙ୍କ ବିଷୟରେ କହିଥିଲେ, ସେଠାରେ ଜଣେ ମଶୀହ ଆସିବାକୁ ଥିଲେ । ସେ କହିଥିଲେ ଯେ ଶେଷ ଦିନରେ ଏକ ମଣ୍ଡଳୀ ହେବ, ସେଥିରେ କୌଣସି ଦାଗ କିମ୍ବା କୁଞ୍ଚନ ହେବ ନାହିଁ; ସେଠାରେ ଏକ ମଣ୍ଡଳୀ ହେବ । ହାଲ୍ଲେଲୁୟା! ସେ ଏହାକୁ କହିଥିଲେ । ମୁଁ ତାହାଙ୍କର ବାକ୍ୟକୁ ଗ୍ରହଣ କରେ । ମୁଁ ଏହାକୁ ବିଶ୍ୱାସ କରେ ।

226 ମୁଁ ବିଶ୍ୱାସ କରେ ଯେ ସେ ପବିତ୍ରଆତ୍ମାକୁ ପ୍ରତ୍ୟେକ ସେହି ବିଶ୍ୱାସୀଙ୍କ ପାଇଁ ବିଶ୍ୱାସ କରିଥିଲେ ଯେଉଁମାନେ ବିଶ୍ୱାସ କରିବେ । ମୁଁ ବିଶ୍ୱାସ କରେ ଯେ ପିତର, ସେହି ପେଣ୍ଟିକଷ୍ଟ ଦିନରେ, ଯେତେବେଳେ ସେ ସେହି ଉଲ୍ଲେଖନୀୟ ଉପଦେଶକୁ ପ୍ରଚାର କରିଥିଲେ, ଏବଂ ସମସ୍ତଙ୍କୁ ମନଫେରଣ କରିବା ପାଇଁ ଏବଂ ବାପ୍ତିଜିତ ହେବା ପାଇଁ କହିଥିଲେ, ଯେ ଏହି ଚିହ୍ନଗୁଡ଼ିକ ଆସିବ, ଏବଂ *ଏହା* ହେବ । "ଯେକେହି ପ୍ରଭୁଙ୍କ ନାମକୁ ଆହ୍ୱାନ କରିବ ପରିତ୍ରାଣପ୍ରାପ୍ତ ହେବ ।" ମୁଁ ବିଶ୍ୱାସ କରେ ଯେ ତାହା ସତ୍ୟ ଅଟେ; ଏହା ଉପରେ ଛିଡା ହୋଇଛି । ମୁଁ ଏହାକୁ ପ୍ରକଟିତ ହୋଇଥିବାର ଦେଖିଅଛି ।

227 ମୁଁ ଜାଣେ ମୁଁ ଏଥିରେ ସଂଘର୍ଷ କରୁଅଛି । ଏବଂ ମୁଁ ଜାଣେ ଯେ ମୁଁ ପାଦେ ପାଦେ ଚାଲିବାକୁ ଚେଷ୍ଟା କରୁଅଛି । ଏହା ପୂର୍ବେକି ମୁଁ ଏକ ପାଦେ ଚାଲେ, ମୋତେ ପ୍ରତ୍ୟେକ ବେଷ୍ଟନକାରୀ ବିଷୟକୁ, ସବୁଜ କଣ୍ଟା, ଅନ୍ୟ ସମସ୍ତକିଛି ବିଷୟକୁ କାଟିବାକୁ ପଡିଥାଏ, ଯେପରିକି ତାହାକୁ ମାର୍ଗରୁ ବାହାର କରିଦିଏ । ମାତ୍ର ପ୍ରତ୍ୟେକ ଥର ଯେତେବେଳେ ଆପଣ ଗୋଟିଏ ପାହୁଣ୍ଡ ଚାଲନ୍ତି, ଆପଣ ଆଗକୁ ବଢୁଥାନ୍ତି । ଆମେନ୍ । କେବଳ ଛୁରୀ ନିଅନ୍ତୁ ଓ ତାହାକୁ କାଟି ଦିଅନ୍ତୁ ।

228 ଆପଣମାନଙ୍କ ମଧ୍ୟରୁ ଅନେକଙ୍କୁ ପଲ୍ ରେଡର୍ ସ୍ମରଣ ଅଛି, ଅତ୍ୟନ୍ତ ମୂଲ୍ୟବାନ ବନ୍ଧୁ । ମୁଁ ତ କେବଳ ଜଣେ ବାଳକ ପ୍ରଚାରକ, ପିଲାଟିଏ ଥିଲି । ମୁଁ ଫୋର୍ଟ ୱେୟନ୍‌କୁ ଯାଇ, ରେଡିଗର ଟ୍ୟାବର୍ନେକଲରେ, ତାହାଙ୍କୁ ଶୁଣୁଥିଲି । ବିଶାଳକାୟ ବଡ ବ୍ୟକ୍ତି ଜଣେ! ସେ ପଛକୁ ଘୁଞ୍ଚୁଥିଲେ, ନିଜର ପାଇଜାମାକୁ ଟାଣୁଥିଲେ, ନିଜର ହାତ ଉଠାଉଥିଲେ ଏବଂ ଗୋଟିଏ ଭାଲୁ ପରି ଗର୍ଜନ କରୁଥିଲେ, ଏବଂ ମୁଁ ଭାବୁଥିଲି ଯେ ସେ ପ୍ରଚାର ମଞ୍ଚ ଉପରୁ ଡେଇଁବାକୁ ଯାଉଛନ୍ତି । ଯେତେବେଳେ ସେ…ଏବଂ ସେ ଏକ ଶାସ୍ତ୍ର ପାଠ୍ୟ ସହିତ ଆରମ୍ଭ କରୁଥିଲେ, ହଁ, ଆଦିପୁସ୍ତକରେ, ଏବଂ ଆଗ ପଛ ହୋଇ ସବୁ, ପ୍ରକାଶିତ ବାକ୍ୟରେ ସମାପ୍ତ କରୁଥିଲେ । ପଲ ଜଣେ ବିଶେଷ ଚରିତ୍ରର ବ୍ୟକ୍ତି ଥିଲେ ।

229 ଦିନେ କଥା କହୁଥିବା ବେଳେ, ସେ କହିଥିଲେ, "ମୁଁ ଓରେଗନ୍‌ରେ ଜଣେ କାଠ କଟାଳୀ ଥିଲି," ଯେଉଁଠାରୁକି ସେ ଆସିଥିଲେ । କହିଲେ, "ଦିନେ, ଆପଣମାନେ ଜାଣନ୍ତି," ସେ କହିଲେ, "ମୁଁ—ମୁଁ କେବଳ କୌଣସି ଦୂରବର୍ତ୍ତୀ ସ୍ଥାନରେ, ମିଶନ କ୍ଷେତ୍ରରେ ରହିଥାଏ ।" ମୁଁ ବର୍ତ୍ତମାନ ଭୁଲି ଯାଉଅଛି ଯେ ତାହା କେଉଁ ସ୍ଥାନରେ ଥିଲା । ଏବଂ ସେ ମିଶନାରୀ କାର୍ଯ୍ୟ କରୁଥିଲେ ।

230 ସେ ପରମେଶ୍ୱରଙ୍କଠାରେ ବିଶ୍ୱାସ କରୁଥିଲେ, ଈଶ୍ୱରୀୟ ଆରୋଗ୍ୟତାରେ ବିଶ୍ୱାସ

କରୁଥିଲେ। ଏବଂ ପଲ କହିଲେ, ଠିକ ସେଠାରେ ଯେଉଁଠାରେକି ସେହି ବିଶ୍ୱ ମଣ୍ଡଳୀ ଆଜି ଛିଡା ହୋଇଅଛି, ସେ କହିଥିଲେ, "ଯଦି ମୁଁ ମୋର ଅନୁଗ୍ରହର ବାର୍ତ୍ତାକୁ ସେହି ଲାଲ୍-ଉତ୍ତପ୍ତ ପେଣ୍ଟିକଷ୍ଟାଲ୍‌ମାନଙ୍କୁ ବିକ୍ରି କରି ଦେଇଥାନ୍ତି, ତାହା କରିବା ପରିବର୍ତ୍ତେ ଯାହାକି ମୁଁ ଏଠାରେ ତୁମମାନଙ୍କ ସମୂହ ସହିତ କରିଅଛି," କହିଲେ, "ଏବଂ ମୋ ନିଜ ଉପରେ ଚିନ୍ତା ଆଣି ପକାଇଛି, ସହସ୍ର ସହସ୍ର ଡଲାର ଟଙ୍କା ଋଣଗ୍ରସ୍ତ ହୋଇଥିବା ଏକ ସ୍ଥାନକୁ ଅଣା ଯାଇଅଛି। ମୁଁ ଏତେ ଅଧିକ ଚିନ୍ତାଗ୍ରସ୍ତ ହୋଇ ଯାଇଅଛି ଯେ ମୁଁ କର୍କଟ ରୋଗରେ ଆକ୍ରାନ୍ତ ଅଟେ, ଏବଂ ବର୍ତ୍ତମାନ ମରୁଅଛି। ଯଦି ମୁଁ ମୋର ଅନୁଗ୍ରହର ବାର୍ତ୍ତାକୁ ସେହି ଲାଲ୍-ଉତ୍ତପ୍ତ ପେଣ୍ଟିକଷ୍ଟାଲ୍‌ମାନଙ୍କୁ ବିକ୍ରି କରି ଦେଇଥାନ୍ତି, ତେବେ ପରମେଶ୍ୱର ମୋତେ ଏଥିପାଇଁ ବହୁତ ଆଶୀର୍ବାଦ କରିଥାଆନ୍ତେ।" ଠିକ୍।

231 ସେ କହିଲେ ଯେ ସେ ସେଠାରେ ତଳେ ସେହି—ସେହି ଜଙ୍ଗଲରେ ରହୁଥିଲେ, ଏବଂ ସେ କଳା ଜ୍ୱର କିମ୍ବା ସେପରି କିଛି ଦ୍ୱାରା ପୀଡ଼ିତ ହୋଇଥିଲେ। ଏହା ଭୟଙ୍କର ଥିଲା। ଏବଂ ସେ ଅତ୍ୟନ୍ତ ଘନ ଜଙ୍ଗଲ ଭିତରେ ରହୁଥିଲେ, ଏବଂ ଈଶ୍ୱରୀୟ ଆରୋଗ୍ୟତାରେ ଦୃଢ଼ ବିଶ୍ୱାସୀ ଥିଲେ। ଏବଂ ସେ କହିଲେ ଯେ ସେ ଅଧିକ ଅସୁସ୍ଥ ଏବଂ ଆହୁରି ଅଧିକ ଅସୁସ୍ଥ ହୋଇପଡିଲେ। ସେ ପ୍ରାର୍ଥନା କଲେ, ପ୍ରାର୍ଥନା କଲେ। ଆଉ କେତେକ ମିଶନାରୀମାନେ କହିଲେ ଯେ ସେମାନେ କେବଳ ଏକ ଡଙ୍ଗା ନେଇ ଡାକ୍ତରଙ୍କୁ ଆଣିବାକୁ ଯାଉଛନ୍ତି। କାହିଁକି, ସେମାନଙ୍କୁ ତ ଡାକ୍ତର ପାଇବା ନିମନ୍ତେ କେତେକ ଦିନ ସମୟ ଲାଗିଯିବ। ଏବଂ ସେ କହିଲେ, "ମୁଁ—ମୁଁ...ତାହା କରନ୍ତୁ ନାହିଁ। ଏହାକୁ କେବଳ ଛାଡି ଦିଅନ୍ତୁ।" କହିଲେ, "ଯଦି ପରମେଶ୍ୱର ମୋତେ ସୁସ୍ଥ ନ କରନ୍ତି, ତାହାହେଲେ ମୁଁ ଘରକୁ ଆସୁଅଛି।"

232 ତେଣୁକରି ସେ କହିଲେ ଯେ ତାଙ୍କ ପତ୍ନୀ ତାଙ୍କ ସହିତ କୋଠରୀରେ ରହିଥିଲେ। ଏହା ଅଧିକ ଅନ୍ଧକାର ଓ ଆହୁରି ଅନ୍ଧକାର ହେବାକୁ ଲାଗିଲା। ଏବଂ କହିଲେ ଯେ ସେ ତାଙ୍କ ପତ୍ନୀଙ୍କୁ ଡାକିଲେ, ଏବଂ କହିଲେ, "ପ୍ରିୟେ, ମୋ ହାତକୁ ଧର।" କହିଲେ, "କେବଳ ମୋ ପାଇଁ ପ୍ରାର୍ଥନା କରିବା ଜାରି ରଖ। ଏହା ବର୍ତ୍ତମାନ ଅନ୍ଧକାର ହୋଇ ଯାଉଅଛି।" କହିଲେ, "ମୁଁ—ମୁଁ ବିଶ୍ୱାସ କରୁଛି ଯେ ମୋ ଚାରି ପାଖରେ ଛାୟାଗୁଡ଼ିକ ମାଡି ଆସୁଛି।" ସେ କହିଲେ, "ଧରି ଥାଅ...ମୁଁ ଯେତେବେଳେ ବାହାରକୁ ଯାଏ, କେବଳ ମୋର ହାତକୁ ଧରି ପ୍ରାର୍ଥନା କରୁଥାଅ।" ପରମେଶ୍ୱରଙ୍କୁ ଭେଟ କରିବା ପାଇଁ ସେ ନିଜକୁ ପ୍ରସ୍ତୁତ କରୁଥିଲେ।

233 ସେ କେବଳ ଏକ ପ୍ରକାର ଅଚେତ ଅବସ୍ଥାକୁ ଚାଲିଗଲେ। ଏବଂ ସେ କହିଲେ ଯେ ସେ ସ୍ୱପ୍ନରେ ଦେଖିଥିଲେ ଯେ ସେ ପୁନର୍ବାର ଏଠାରେ ଓରେଗୋନ୍ ଠାରେ, ଏକ ଯୁବା ଲୋକ ଭାବରେ, କାଠ କାଟୁଛନ୍ତି। ଏବଂ କହିଲେ ଯେ ସେହି ଶିବିରର ମାଲିକ କହୁଥିଲେ, "ପଲ, ପାହାଡର ଏଠାରେ ଏକ ନିର୍ଦ୍ଦିଷ୍ଟ ପାର୍ଶ୍ୱକୁ ଯାଅ, ଏବଂ ଏକ ନିର୍ଦ୍ଦିଷ୍ଟ ଆକାରର, ନିର୍ଦ୍ଦିଷ୍ଟ ଗଛଟିଏ କାଟ।"

234 ସେ କହିଲେ ଯେ ସେ ନିଜର ଯୌବନରେ ପରିପୂର୍ଣ୍ଣ ଗୋଡ ସାହାଯ୍ୟରେ ସେହି ପାହାଡ

ଉପରକୁ ଦୌଡିଗଲେ, ଏବଂ ଗଛଟିକୁ କାଟି ତଳେ ପକାଇ ଦେଲେ, ଏବଂ ଏହାକୁ ଛେଦନ କଲେ, କୁରାଢୀଟିକୁ ତଳେ ଖଞ୍ଜି ଦେଇଥିଲେ । ସେ କହିଲେ ଯେ କିପରି ସେହି ନରମ ପାଇନ୍‌ଟି, ତାଙ୍କର ତୀକ୍ଷ୍ଣ, ବଡ, ଦୁଇ-ଧାର କୁରାଢୀଟି କେତେ ସୁନ୍ଦର ଭାବେ ସେହି ପାଇନ୍ ଭିତରକୁ ଯାଇଥିଲା । ଏବଂ କହିଲେ ଯେ ସେ ଏହାକୁ ଧରି ରହିଥିଲେ, ଚିନ୍ତା କଲେ, "ତେବେ, ମୁଁ ଏହାକୁ କେବଳ ବୋହିକରି ପାହାଡ ତଳକୁ ନେଇ ଯିବି ।"

235 ଭଲ, ଶକ୍ତିଶାଳୀ ବ୍ୟକ୍ତି ଜଣେ, କହିଲେ, "ମୁଁ ପ୍ରଶିକ୍ଷଣ ନେଇଥିଲି ଯେ କିପରି ନିଜର ଆଣ୍ଠୁକୁ ଏକାଠି ରଖିବାକୁ ଅଛି, ଏବଂ ମୋ ପିଠି ସାହାଯ୍ୟରେ ଉଠାଇବାକୁ ଅଛି, ଯାହାକି ଜଣେ ପୁରୁଷର ସବୁଠାରୁ ବଳିଷ୍ଠ ଅଂଶ ଅଟେ ।" ତାଙ୍କର ମାଂସପେଶୀଗୁଡାକ ତାଙ୍କ ପିଠି ଏବଂ କାନ୍ଧରେ, ତାଙ୍କ ଗୋଡର ପଛ ପଟରେ ରହିଥିଲା । କହିଲେ, "ମୁଁ ଏକ ବଡ କାଠ ଗଣ୍ଡିକୁ ଉଠାଇବି," ଏହାକୁ ତାଙ୍କର କାନ୍ଧରେ ରଖିବେ, ଚାଲିଯିବେ । ମାତ୍ର କହିଥିଲେ, "ତାହା ତ କେବଳ ଏକ ସାଧାରଣ କାଠ ଗଣ୍ଡି ଅଟେ, କିନ୍ତୁ," କହିଲେ, "ମୁଁ ତ କେବଳ..." [ଭାଇ ବ୍ରାନହାମ୍ ମାଇକ୍ରୋଫୋନ୍‌କୁ ବାଡେଇ ଦିଅନ୍ତି—ସମ୍ପା ।] (ମୋତେ କ୍ଷମା କରିବେ ।) କହିଲେ, "ମୁଁ ତ ସେହି କାଠ ଗଣ୍ଡିକୁ ଘୁଞ୍ଚାଇ ହିଁ ପାରିଲି ନାହିଁ ।" (ମୋତେ କ୍ଷମା କରିବେ ।)

236 ସେ କହିଲେ, "ମୁଁ ତ ସେହି କାଠ ଗଣ୍ଡିକୁ ଘୁଞ୍ଚାଇ ହିଁ ପାରିଲି ନାହିଁ ।" ସେ କହିଲେ, "ମୁଁ ଶତ ଚେଷ୍ଟା କଲି, ଏବଂ ମୁଁ ଶତ ଚେଷ୍ଟା କଲି ଏବଂ ମୁଁ ଏହାକୁ ଉଠାଇବାକୁ ଚେଷ୍ଟା କଲି, ଏବଂ ମୁଁ ତାହା କରିପାରିଲି ହିଁ ନାହିଁ ।" ସେ କହିଲେ, "ମୁଁ ମୋର ସମସ୍ତ ଶକ୍ତିକୁ ମୋ ଠାରୁ ଲଗାଇ ଦେଲି ।" ସେ କହିଲେ, "ମୁଁ ତ ସେହି କାଠ ଗଣ୍ଡିକୁ ଘୁଞ୍ଚାଇ ସୁଦ୍ଧା ପାରିଲି ନାହିଁ ।" ଏବଂ କହିଲେ, "ଶେଷରେ, ମୁଁ ଏତେ ଦୁର୍ବଳ ହୋଇଗଲି, ମୁଁ କେବଳ ଗଛ କଡରେ ଆଉଜେଇ ହୋଇ ବସି ପଡିଲି ଏବଂ ଝାଳ ପୋଛିବାକୁ ଲାଗିଲି । ମୁଁ ତ ସମସ୍ତ ପ୍ରକାରେ କ୍ଳାନ୍ତ ହୋଇଯାଇଥିଲି ।"

237 ଏବଂ କହିଲେ, "କିଛି ସମୟ ଉତ୍ତାରେ, ମୁଁ ମୋର ମାଲିକଙ୍କ ସ୍ୱର ଶୁଣିଲି ।" କିନ୍ତୁ କହିଲେ, "ଏହା ମୁଁ ଶୁଣିଥିବା ସବୁଠାରୁ ମଧୁରତମ ସ୍ୱର ଥିଲା ।" ଏବଂ କହିଲେ, "ଯେତେବେଳେ ମୁଁ ବୁଲି ପଡ଼ିଲି, ସେହି ସ୍ୱର ମୋତେ କହିଲା, 'ପଲ ।' ଏବଂ ମୁଁ କହିଲି, 'ହଁ, ସ୍ୱାମୀ, କଅଣ ହେଲା?' କହିଲେ, 'ତୁମେ କେଉଁ ବିଷୟକୁ ନେଇ ଏତେ ସଂଘର୍ଷ କରୁଅଛ?'" ସେ କହିଲେ, "'ତେବେ, ଆପଣ ମୋତେ ଏହାକୁ ତଳେ ଶିବିରକୁ ଆଣିବା ପାଇଁ ଆଦେଶ ଦେଇଥିଲେ, ଏବଂ ମୁଁ ଏହା ସହିତରେ, ନିଜକୁ ସମ୍ପୂର୍ଣ୍ଣ ରୂପେ କ୍ଳାନ୍ତ କରି ଦେଇଛି । ମୁଁ କେବଳ—ମୁଁ କେବଳ ଏହାକୁ କରିପାରେ ନାହିଁ, ସ୍ୱାମୀ ।' ସେ କହିଲେ, 'ପଲ, କଅଣ ତୁମେ ଠିକ *ସେଠା*ରେ ସେହି ଜଳ ସ୍ରୋତକୁ ପ୍ରବାହିତ ହେଉଥିବାର ଦେଖୁ ନାହଁ କି?' କହିଲେ, 'ହଁ ।' କହିଲେ, 'ସେହି ସ୍ରୋତ ଠିକ ତଳେ ଶିବିର ନିକଟକୁ ଯାଇଥାଏ । କାହିଁକି ତୁମେ ଏହାକୁ କେବଳ ପାଣି ଉପରେ ଫୋପାଡି ଦେଇ, ଏହା ଉପରେ ଚଢି ଯାଉ ନାହଁ ଏବଂ ତଳେ ଶିବିର ପର୍ଯ୍ୟନ୍ତ ଯାତ୍ରା କରୁ ନାହଁ?' କହିଲେ, 'ମୁଁ ସେ ବିଷୟରେ କେବେ ବି ଚିନ୍ତା କରି ନ ଥିଲି ।'"

238 ତେଣୁ ସେ କେବଳ ଏହାକୁ ପାଣିରେ ଗଡ଼ାଇ ଦେଇ, ଏହା ଉପରେ ଚଢିଗଲେ, କହିଲେ,

"ଓଃ, ମୋର ପ୍ରଭୁ!" ସେ ପାଣି ଛିଞ୍ଚିବାକୁ ଲାଗିଲେ, ଏବଂ ଡେଇଁ ପଡ଼ିଲେ, ଓ ତାଙ୍କ ସ୍ୱରର ସର୍ବୋଚ୍ଚରେ, ଚିତ୍କାର କଲେ, ଯେତେବେଳେକି ସେ ସେହି ଢେଉ ଦେଇ, ଏବଂ ପାଣି ଦେଇ, ସବୁକିଛି ଦେଇ, ଏହି କାଠ ଗଣ୍ଡି ଉପରେ ଯାଉଥିଲେ, ତଳକୁ ଯିବାବେଳେ, ଉଚ୍ଚ ପାଟିରେ ଚିତ୍କାର କରିଥିଲେ, "ମୁଁ ଏହା ଉପରେ ଚଢି ଯାଉଅଛି! ଏହା ଉପରେ ଚଢି ଯାଉଅଛି!"

239 ସେ କହିଲେ, ଯେ ପ୍ରଥମ ବିଷୟ, ସେ ନିଜ ଚେତାକୁ ଫେରି ଆସିଲେ, ସେ ଠିକ ଚଟାଣର ମଧ୍ୟ ଭାଗରେ ଥିଲେ, ଏବଂ ତାଙ୍କ ପତ୍ନୀ ତାଙ୍କ ସହ ପାଟି କରୁଥିଲେ । ସେ ଚିତ୍କାର କରୁଥିଲେ, "ମୁଁ ଏହା ଉପରେ ଚଢି ଯାଉଅଛି! ମୁଁ ଏହା ଉପରେ ଚଢି ଯାଉଅଛି! ମୁଁ ଏହା ଉପରେ ଚଢି ଯାଉଅଛି!" ଭାଇ ଓ ଭଉଣୀମାନେ!

> ରାଷ୍ଟ୍ରଗୁଡିକ ଭଗ୍ନ ହେଉଅଛି, ଇସ୍ରାଏଲ ଜାଗ୍ରତ ହେଉଅଛି,
> ବାଇବଲ ଯେଉଁ ଚିହ୍ନଗୁଡିକ ବିଷୟରେ ଭବିଷ୍ୟତ୍‌ବାଣୀ କରିଅଛି;
> ବିଜାତୀୟ ଦିନଗୁଡିକ ଗଣନା କରା ଯାଇଅଛି, ପୁଣି ଭାରଗ୍ରସ୍ତ ମୃତ୍ତିକା ଖନନ ଉପକରଣ ଯନ୍ତ୍ର ଲଗା ଯାଇଅଛି;
> "ହେ ଛିନ୍ନ ଭିନ୍ନ ହୋଇଥିବା ଲୋକ ସମସ୍ତେ, ଆପଣା ବିଷୟ ନିକଟକୁ, ଫେରିଆସ ।"

240 ପରମେଶ୍ୱରଙ୍କ ବାକ୍ୟର ଏହି ବାର୍ତ୍ତା ସତ୍ୟ ଅଟେ । ବଞ୍ଚନ୍ତୁ କିମ୍ବା ମରନ୍ତୁ, ମୁଁ ଏହା ଉପରେ ଚଢି ଯାଉଅଛି । ମୁଁ ନୁହେଁ…ମୁଁ ଏହା ସହିତ କଳି ଝଗଡା କରୁନାହିଁ । ମୁଁ ଏହା ବିଷୟରେ କଳହ କରିବାକୁ ଚେଷ୍ଟା କରୁନାହିଁ । ମୁଁ ତ କେବଳ ଏହାକୁ ଗ୍ରହଣ କରି ନେଇଛି, ଏବଂ ମୁଁ ଏହା ଉପରେ ଚଢି ଯାଉଅଛି । ସମାଲୋଚକମାନେ ଉଠନ୍ତୁ । ମୁଁ ପ୍ରତ୍ୟେକ ନାଳକୁ ଡେଇଁ ପଡ଼ିବି । ଏହି ଦିନମାନଙ୍କ ମଧ୍ୟରୁ ଗୋଟିଏ ଦିନ, ପରମେଶ୍ୱରଙ୍କ ବାକ୍ୟ ଉପରେ ଚଢି, ମୁଁ ଶିବିରକୁ ଆସୁଅଛି । ଆମେନ୍ । ମୁଁ ସେଠାରେ ପହଞ୍ଚିବା ସୁନିଶ୍ଚିତ ଅଟେ ।

ଆସନ୍ତୁ ପ୍ରାର୍ଥନା କରିବା ।

241 ଆପଣମାନେ କାହିଁକି ନିଜର ପାପର ଭାର ସହିତ ସଂଘର୍ଷ କରିବେ? ଆପଣ କାହିଁକି ସେହି ଅବସ୍ଥାରେ ରହିବେ ଯେଉଁଥିରେକି ଆପଣମାନେ ରହିଛନ୍ତି, ଆପଣ କେଉଁଠାରେ ଛିଡା ହୋଇଛନ୍ତି ତାହା ଜାଣନ୍ତି ନାହିଁ, ଗୋଟିଏ ମଣ୍ଡଳୀରୁ ଅନ୍ୟ ମଣ୍ଡଳୀକୁ, ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଧାଉଁଛନ୍ତି? ଆପଣ କାହିଁକି ଆଜି ରାତି, କେବଳ ସେହି କ୍ରୁଶ ଉପରେ ଆଶ୍ରୟ ନେଉ ନାହାଁନ୍ତି, ଏବଂ ବାକ୍ୟ ଉପରେ ଚଢି ଯାତ୍ରା କରୁ ଯାଉନାହାଁନ୍ତି? ଆପଣ କାହିଁକି ଆଜି ରାତି ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଗ୍ରହଣ କରୁ ନାହାଁନ୍ତି ଏବଂ ସେହି ବିଶୃଙ୍ଖଳାରୁ ବାହାରି ଯାଇ, ସେହିପରି ଭାବରେ ସେହି ବଡ ନୀଳ, ଉନ୍ମୁକ୍ତ ସ୍ଥାନକୁ ଚାଲି ଯାଉନାହାଁନ୍ତି? ଏହା ସହିତ ସଂଘର୍ଷ କରନ୍ତୁ ନାହିଁ । ଏହା ସହିତ ବ୍ୟସ୍ତ ହୁଅନ୍ତୁ ନାହିଁ । କେବଳ ଏହାକୁ ବିଶ୍ୱାସ କରନ୍ତୁ, ଏହାକୁ ଗ୍ରହଣ କରନ୍ତୁ । ଏହା ଏପରି ଏକ ରାଜ୍ୟ ଅଟେ ଯାହା ଘୁଞ୍ଚା ଯାଇପାରେ ନାହିଁ । ଏହା ଉପରେ ଚଢି ଚାଲିଯାଆନ୍ତୁ ।

242 ଯଦି ଆପଣ ଆଜି ରାତି ଅସୁସ୍ଥ ଅଟନ୍ତି, ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଗ୍ରହଣ କରି ନିଅନ୍ତୁ, "ମୁଁ ସଦାପ୍ରଭୁ ଯିଏକି ତୁମର ସମସ୍ତ ରୋଗକୁ ସୁସ୍ଥ କରେ ।"

243 "ଭାଇ ବ୍ରାନହାମ୍, ମୁଁ କିପରି ସୁସ୍ଥ ହେବାକୁ ଯାଉଅଛି? ଡାକ୍ତର କୁହନ୍ତି ଯେ ମୋର ହୃଦଘାତ ସମସ୍ୟା ରହିଛି, ମୋର କର୍କଟ ରୋଗ ରହିଛି, ମୋର *ଏହା, ତାହା* ରହିଛି," ଏହା ଯାହାକିଛି ବି ଥାଉ, "ମୁଁ ବଧିର, ମୂକ ଅଟେ । ମୁଁ ଅନ୍ଧ," ଯାହାକିଛି ବି ଥାଉ । ଏଥିରେ ତାହା କି ପାର୍ଥକ୍ୟ ଆଣେ? କେବଳ ପରମେଶ୍ୱରଙ୍କ ପ୍ରତିଜ୍ଞାକୁ ଗ୍ରହଣ କରନ୍ତୁ ଏବଂ ଏହା ଉପରେ ଚଢି ଚାଲିଯାଆନ୍ତୁ ।

244 ଆସନ୍ତୁ ଏକ ଅଦ୍ଭୁତ ବଡ ବାଡିକୁ ନେବା, ଏବଂ ଏହାକୁ ଏଠାରେ ତଳେ ପୋତି ଦେବା, ଏବଂ ତାହା ଉପରେ ଲେଖିବା, "ଆଜି ରାତି ବିଶ୍ୱାସର ପ୍ରାର୍ଥନା କରାଯାଇଛି; ମୁଁ ଏହା ଉପରେ ଚଢିବାକୁ ଯାଉଅଛି । ବାଇବଲ କୁହେ, 'ବିଶ୍ୱାସର ପ୍ରାର୍ଥନା ରୋଗୀମାନଙ୍କୁ ଉଦ୍ଧାର କରିବ, ଏବଂ ପରମେଶ୍ୱର ତାଙ୍କୁ ପୁନରୁତ୍ଥିତ କରିବେ । ଯଦି ସେ ପାପ କରିଥାନ୍ତି, ତେବେ ତାଙ୍କୁ କ୍ଷମା କରାଯିବ ।' ମୁଁ ଏହା ଉପରେ ଚଢି ଯାଉଅଛି । ମୁଁ ଏହାକୁ ବିଶ୍ୱାସ କରେ ।"

245 ଯଦି ଆପଣ ଭୁଲ୍ କରିଛନ୍ତି, ଯଦି ଆପଣ ଆଜି ରାତିରେ ଦିଗହରା ହୋଇଛନ୍ତି, "ଯେଉଁ ଲୋକ ନିଜ ପାପକୁ ଆଚ୍ଛାଦନ କରେ, ସେ ସଫଳ ହେବ ନାହିଁ । ମାତ୍ର ଯିଏ ଆପଣା ପାପକୁ ସ୍ୱୀକାର କରିବ ସେ ଦୟାପ୍ରାପ୍ତ ହେବ ।" ଏହାକୁ କାହିଁକି ସ୍ୱୀକାର ନ କରିବେ?

"ତେବେ, ଭାଇ ବ୍ରାନହମ୍, ମୋତେ କଅଣ କରିବା ଉଚିତ୍?"

246 ଏହାକୁ ସ୍ୱୀକାର କରନ୍ତୁ, ଏବଂ ତାହାପରେ ଏହା ଉପରେ ଚଢି ଯାଆନ୍ତୁ । ପରମେଶ୍ୱର ଏହା କହିଛନ୍ତି । ଏହା ଆପଣଙ୍କୁ ତୁରନ୍ତ ଆପଣଙ୍କ ପାପଠାରୁ ଦୂର କରିଦେବ ।

247 କଅଣ ଆଜି ରାତି ଏଠାରେ ସେହି ବ୍ୟକ୍ତି ଅଛନ୍ତି କି, ଯିଏକି ନିଜର ପ୍ରାଣର ପରିତ୍ରାଣ ନିମନ୍ତେ ପରମେଶ୍ୱରଙ୍କ ଉପରେ ସେମାନଙ୍କର ପ୍ରକୃତ ବିଶ୍ୱାସକୁ ରଖି ନାହାଁନ୍ତି, ଏବଂ ଆପଣ ଚାହାଁନ୍ତି ଯେ ଆପଣଙ୍କୁ ପ୍ରାର୍ଥନାରେ ସ୍ମରଣ କରାଯାଏ ଯେତେବେଳେକି ଆମେମାନେ ଶେଷ କରୁଅଛୁ? କଅଣ ଆପଣ କେବଳ ନିଜର ହାତକୁ ଉଠାଇ, କହିବେ କି, "ଭାଇ ବ୍ରାନହାମ୍, ମୋ ପାଇଁ ପ୍ରାର୍ଥନା କରିବେ । ମୁଁ ମୋର ଚିନ୍ତାସବୁକୁ ଦେଇ ଦେବାକୁ ଚାହେଁ ।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ମୁଁ ଦେଇ ଦେବାକୁ ଚାହେଁ…" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହୋଦୟା । "ମୁଁ ମୋର ଚିନ୍ତାସବୁକୁ ଦେଇ ଦେବାକୁ ଚାହେଁ ।" ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ସେଠାରେ ପଛରେ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ, ମହାଶୟ । ହେ ଯୁବା ମହିଳା, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଠିକ୍ ଅଛି । ତାହା ଠିକ୍ ଅଟେ । ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ମୁଁ କେବଳ ତାହାଙ୍କ ଉପରେ ମୋର ଚିନ୍ତାସବୁକୁ ଦେଇ ଦେବାକୁ ଚାହେଁ ଏବଂ ବର୍ତ୍ତମାନ ତାହାଙ୍କ ପ୍ରତିଜ୍ଞା ଉପରେ ଚଢି ଯିବାକୁ ଚାହେଁ । ମୁଁ

ବିଶ୍ୱାସ କରେ ଯେ ସେ ପ୍ରତିଜ୍ଞା କରିଥିଲେ, 'ସେ ଯିଏ ମୋ ପାଖକୁ ଆସିବ, ମୁଁ କୌଣସି ପ୍ରକାରେ ତାଙ୍କୁ ବାହାର କରି ଦେବି ନାହିଁ।'"

248 "ଏହା ନୁହେଁ ଯେ ମୁଁ କିପରି ଅନୁଭବ କରୁଛି, 'ଗତକାଲି ରାତିରେ ମୋ ପାଇଁ ପ୍ରାର୍ଥନା କରାଯାଇଥିଲା, ଭାଇ ବ୍ରାନହାମ୍; ମୁଁ କୌଣସି ମତେ କିଛି ଭଲ ଅନୁଭବ କରୁ ନାହିଁ।'" ଏହାର ତାହା ସହିତ କିଛି ହେଲେ ସମ୍ପର୍କ ନାହିଁ। ମୁଁ ମୋର ଭାବନା ଉପରେ ଚଢି ଯାଉ ନାହିଁ। ମୁଁ ତ ତାହାଙ୍କର ବାକ୍ୟ ଉପରେ ଚଢି ଯାଉଅଛି। ଏହା ତାହାଙ୍କର ପ୍ରତିଜ୍ଞା ଅଟେ।

249 "ଭାଇ ବ୍ରାନହାମ୍, ମୁଁ ବେଦୀକୁ ଆସିଅଛି, ଚାରି କିମ୍ବା ପାଞ୍ଚ ଥର, ପବିତ୍ରଆତ୍ମାଙ୍କୁ ଗ୍ରହଣ କରିବାକୁ ଚେଷ୍ଟା କରିଅଛି। ମୁଁ ଏହା କେବେ ପାଇ ନାହିଁ।"

250 ଏହାର ତାହା ସହିତ କିଛି ବି ଅଭିପ୍ରାୟ ନାହିଁ। କେବଳ ସେହି କାଠ ଗଣ୍ଡି ଉପରେ ଠିକ ଲାଗି ରହିଥାଆନ୍ତୁ, ଏହା ଆପଣଙ୍କୁ ଠିକ ସିଧା ସେହି ଶିବିରକୁ ନେଇ ଆସିବ, ପ୍ରଥମଜାତମାନଙ୍କର ସେହି ଶିବିର ମଧ୍ୟକୁ, ସାଧୁମାନଙ୍କ ସେହି ଶିବିର ମଧ୍ୟକୁ। ଆପଣ ସେଠାକୁ ପହଞ୍ଚି ଯିବେ। କେବଳ ଆପଣ ନିଜର ସେହି କାଠ ଗଣ୍ଡି ଉପରେ ରହି ଥାଆନ୍ତୁ, ଏବଂ ଆପଣ ଯେତିକି ପାରନ୍ତି ସେତିକି ଉଚ୍ଚ ପାଟିରେ, ଚିତ୍କାର କରି ପରମେଶ୍ୱରଙ୍କ ସ୍ତୁତି ପ୍ରଶଂସାଗାନ କରନ୍ତୁ। ଏହା କରିବାର ତାହାହିଁ ଉପାୟ ଅଟେ।

251 ଯେତେବେଳେକି ଆମେମାନେ ନିଜର ମସ୍ତକ ନତ କରିଅଛୁ, କଅଣ ଆପଣମାନେ ପ୍ରକୃତରେ ଏହା ଉପରେ ଚଢିବାକୁ ଚାହାଁନ୍ତି କି? ତେବେ, ସେହି ଛୋଟ ବିଷୟ ଯାହାକି ଆପଣଙ୍କ ହୃଦୟରେ ଉଙ୍କି ମାରୁଅଛି, କଅଣ ଆପଣମାନେ ଏଠାକୁ ଆସି ଗୋଟିଏ ମିନିଟ୍ ବେଦୀ ସମ୍ମୁଖରେ ଛିଡା ହେବାକୁ ଚାହିଁବେ କି ଏବଂ ଏହା ଚାହିଁବେ କି ଯେ ଆମେମାନେ ପ୍ରାର୍ଥନା କରି ଆପଣମାନଙ୍କ ଉପରେ ହାତ ରଖୁ? ଆପଣମାନେ ଆସନ୍ତୁ ବୋଲି ଆମେ ଆନନ୍ଦିତ ଅଟୁ।

252 ଆସନ୍ତୁ ସେହି ଅଳ୍ପ କିଛି ଛୋଟ ବିଷୟକୁ ନେବା ଯାହାକି ଆଜି ରାତି ଆପଣମାନଙ୍କ ହୃଦୟରେ ରଖାଯାଇଛି, ଏବଂ କହିବା, "ଆପଣ ଜାଣନ୍ତି, ଆପଣ ଭୁଲ୍ ଅଟନ୍ତି। ବର୍ତ୍ତମାନ ନିଜର ହାତ ଉଠାନ୍ତୁ।" ଠିକ୍ ଅଛି।

253 ଆପଣ କାଠ ଗଣ୍ଡି, ତାହାଙ୍କ ପ୍ରତିଜ୍ଞାର କାଠ ଗଣ୍ଡି ଉପରେ ପାଦ ଦିଅନ୍ତୁ; ସେହି ଗଛ ଉପରେ, ସେହି କ୍ରୁଶ ଉପରେ ଯାହା କାଟି ଦିଆ ଯାଇଥିଲା। ତେବେ ଏହି କ୍ରୁଶର ଚାରି ପାଖରେ ନିଜର ବାହୁକୁ ରଖନ୍ତୁ। ଏଠାକୁ ଠିକ୍ ଚାଲି କରି ଯାଆନ୍ତୁ ଏବଂ କୁହନ୍ତୁ, "ତେବେ ମୁଁ ଏହା ଉପରେ ଚଢିବାକୁ ଯାଉଅଛି। ଠିକ ବର୍ତ୍ତମାନ ହିଁ ମୁଁ ଏହାକୁ ବିଶ୍ୱାସ କରିବାକୁ ଯାଉଅଛି। ମୁଁ ଏହାକୁ ଗ୍ରହଣ କରିବାକୁ ଯାଉଅଛି। ମୁଁ ଏହାକୁ ବିଶ୍ୱାସ କରେ। ମୁଁ କଦାପି ପରିବର୍ତ୍ତନ ହେବି ନାହିଁ। ମୁଁ ଠିକ ସେହି ବାକ୍ୟ ସହିତ ରହିବାକୁ ଯାଉଅଛି, ଯେପର୍ଯ୍ୟନ୍ତକି ସେହି ଗୋଟିଏ ବିଷୟ ସୁନିଶ୍ଚିତ ନ ହୋଇଯାଏ। ଏବଂ ତାହାପରେ ଯେତେବେଳେ ତାହା ସୁନିଶ୍ଚିତ ହୋଇଯାଏ, ମୁଁ ଠିକ୍ ଅନ୍ୟ

ପାର୍ଶ୍ୱକୁ ଯାଇ ଅନ୍ୟ ଏକ ଉପରେ ଆରୋହଣ କରିବାକୁ ଯାଉଅଛି, ଏବଂ ଠିକ୍ ଯାତ୍ରା ଆରମ୍ଭ କରିବାକୁ ଯାଉଅଛି।" ବୁଝିଲେ?

254 ଏବଂ ବାକ୍ୟ ପରେ ବାକ୍ୟ, ପର୍ଯ୍ୟାୟ କ୍ରମେ, ଆପଣ ସେସବୁ କିଛିକୁ ଅଧିକାର କରିବେ ଯାହା ପରମେଶ୍ୱର ଆପଣଙ୍କୁ ପ୍ରତିଜ୍ଞା କରିଛନ୍ତି। "କାରଣ ସମସ୍ତ ବିଷୟ ସମ୍ଭବ," ତାଙ୍କ ପାଇଁ ଯିଏକି ଏହା ଉପରେ ଚଢିବ। ତାହାଙ୍କ ପ୍ରତିଜ୍ଞା ଉପରେ ଚଢ଼ନ୍ତୁ, କାରଣ ଏହା ଆପଣଙ୍କୁ ଶିବିରକୁ ନେଇକରି ଆସିବା ସୁନିଶ୍ଚିତ ଅଟେ। ଏହା ଆପଣଙ୍କୁ ପରମେଶ୍ୱରଙ୍କ ଉପସ୍ଥିତିରେ ନେଇକରି ଆସିବ।

255 ଯେତେବେଳେ ଆମେମାନେ ନିଜର ମସ୍ତକ ନତ କରିଅଛୁ କଅଣ ଆପଣମାନେ ବର୍ତ୍ତମାନ ଆସିବେ କି? ଏବଂ ଏପରି କାହାରିକୁ ପଚାରେ ଯିଏକି ଅଳ୍ପ କିଛି କ୍ଷଣ ପ୍ରାର୍ଥନା ପାଇଁ, ବେଦୀ ନିକଟରେ ଛିଡା ହେବାକୁ ଚାହାଁନ୍ତି।

256 "ପ୍ରଭୁ, ମୁଁ ଏହା ଉପରେ ଚଢୁଅଛି। ପ୍ରଭୁ, ମୁଁ ବିଶ୍ୱାସ କରେ। ମୋର ସମସ୍ତ ସନ୍ଦେହ ସେହି ନିର୍ଝରରେ ସମାହିତ ଅଟେ। ପ୍ରଭୁ, ମୁଁ ଆସୁଅଛି। ମୁଁ ଏହାକୁ ବିଶ୍ୱାସ କରେ। ମୁଁ ଆଜି ରାତି ଠିକ ସେହି ବାକ୍ୟ ଉପରେ ପାଦ ଦେଉଅଛି, ଏବଂ ମୁଁ ମୋର ସମସ୍ତ ହୃଦୟ ସହିତରେ ଏହାକୁ ବିଶ୍ୱାସ କରିବାକୁ ଯାଉଅଛି। ମୁଁ ତୁମକୁ ତୁମ ବାକ୍ୟରେ ଗ୍ରହଣ କରୁଅଛି।"

257 ଜଣେ ମୂଲ୍ୟବାନ ମହିଳା ଏଠାରେ ବେଦୀ ନିକଟରେ ଛିଡା ହୋଇଛନ୍ତି, ପରମେଶ୍ୱରଙ୍କଠାରେ ଏହା ପ୍ରମାଣ କରିବା ହେତୁ—ହେତୁ ଯେ ତାଙ୍କର କାମ ସହିତ ଅଭିପ୍ରାୟ ଅଟେ। କଅଣ ଆପଣ ଆସିବେ ନାହିଁ କି, ଯେଉଁମାନେକି ନିଜର ମସ୍ତକ ନତ କରିଛନ୍ତି, ଏବଂ ନିଜର ହାତକୁ ଉଠାଇଛନ୍ତି, ଏବଂ ପ୍ରାର୍ଥନାରେ ସ୍ମରଣ କରାଯାଉ ବୋଲି ଚାହାଁନ୍ତି? କଅଣ ଆପଣ କେବଳ ଏଠାକୁ ଚାଲି କରି ଆସିବେ କି? ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। କେବଳ ଉପରକୁ ଆସନ୍ତୁ। ଏହାହିଁ ତାହା ଅଟେ। ଠିକ୍ ଉପରକୁ ଆସନ୍ତୁ ଏବଂ ଏଠାରେ ଛିଡା ହୁଅନ୍ତୁ। କୁହନ୍ତୁ, "ମୁଁ ଏହା ଉପରେ ଚଢିବାକୁ ଯାଉଅଛି। ପରମେଶ୍ୱର, ତୁମେ ପ୍ରତିଜ୍ଞା କରିଥିଲ, କିଛି ଗୋଟାଏ ବିଷୟ ମୋ ହୃଦୟରେ ଆଘାତ କଲା, ଏବଂ ମୁଁ ଠିକ ବର୍ତ୍ତମାନ ହିଁ ତାହା ଉପରେ ଚଢିବା ପାଇଁ ଆସୁଅଛି। ଏବଂ ମୁଁ ତାହା ଉପରେ ସେପର୍ଯ୍ୟନ୍ତ ରହିବାକୁ ଯାଉଅଛି ଯେପର୍ଯ୍ୟନ୍ତକି ଏହା ମୋତେ ଠିକ ଶିବିରକୁ ନ ପହଞ୍ଚାଇ ଦିଏ। ମୁଁ ଠିକ ସେହି ସର୍ବୋପରିସ୍ଥଙ୍କର ସାଧୁଗଣଙ୍କ ଶିବିର ମଧ୍ୟକୁ ଆସୁଅଛି।" ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ତାହା ଉତ୍ତମ ଅଟେ। ବର୍ତ୍ତମାନ ଠିକ ଚାଲି ଆସନ୍ତୁ, ଆପଣମାନେ ଯେଉଁମାନେକି ଏହା ଉପରେ ଚଢିବାକୁ ଚାହାଁନ୍ତି। ଆପଣମାନେ ଠିକ ଯେପରି ଭାବରେ ଅଟନ୍ତି, "ଠିକ ଯେପରି ମୁଁ ଅଟେ, କୌଣସି କ୍ଷମା ନିବେଦନ ବିନା।"

258 ମନେ ରଖନ୍ତୁ। ଆପଣ କୁହନ୍ତି, "କଅଣ ତାହା ଏକ ଗଛ କି?" ହଁ। ଥରେ, ସେଠାରେ ଗୋଟିଏ ଗଛ କଟା ଯାଇଥିଲା, ଏବଂ ଏହା ପୁଣି ଥରେ କାଲଭରୀରେ ରୋପଣ କରା ଯାଇଥିଲା। ଆଜି ରାତିରେ ପରମେଶ୍ୱରଙ୍କ ପ୍ରତିଜ୍ଞା ସହ, ସେହି ଗଛ ଉପରେ ଝାମ୍ପ ଦିଅନ୍ତୁ,

ସେହି ବାକ୍ୟ ସହ ଯାହାକି ସେହି ଗଛରେ ଝୁଲି ରହିଥିଲା ।

259 ମୁଁ ଏହା ଉପରେ ଆରୋହଣ କରୁଅଛି । ମୁଁ ମୋର ସମସ୍ତ ହୃଦୟ ସହିତରେ, ଏହାକୁ ବିଶ୍ୱାସ କରିବାକୁ ଯାଉଅଛି । ମୁଁ ତ ତାହାଠାରୁ କିଛି ଅଧିକ କରିବାକୁ ଚାହେଁ ଯେ କେବଳ ଏଠାକୁ ଆସି ମୋର ଭାଇମାନଙ୍କ ସହିତ ହାତ ମିଶାଏ ।

260 ପରମେଶ୍ୱର ଆପଣଙ୍କୁ ଆପଣଙ୍କର ସାହସିକ ପକ୍ଷ ନେଇଥିବା ହେତୁରୁ, ଆଶୀର୍ବାଦ କରନ୍ତୁ । ମୁଁ ଚାହେଁ ଯେ ଆପଣ ଏଠାରେ କିଛି ସମୟ ରୁହନ୍ତୁ, ଯେତେବେଳେକି ଆମେମାନେ ପ୍ରାର୍ଥନା କରୁଅଛୁ । ମୋ ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ମୋର ମୂଲ୍ୟବାନ ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ପ୍ରଭୁ ଯୀଶୁ…?…ମୋ ଭାଇ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ଭଉଣୀ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । "ମୋର ମାର୍ଗଦର୍ଶନ କର ।" ଆପଣଙ୍କୁ ନଦୀ ଆର ପାର୍ଶ୍ୱକୁ ମାର୍ଗଦର୍ଶନ କରନ୍ତୁ ।

261 ମନେରଖନ୍ତୁ, ଖ୍ରୀଷ୍ଟଙ୍କର ଏକ ସେବକ ଭାବରେ, ମୁଁ ବାକ୍ୟର ପ୍ରଚାର ପାଇଁ ଦାୟୀ ଅଟେ । ମୁଁ ମୋର ସାକ୍ଷ୍ୟ ପାଇଁ ଦାୟୀ ଅଟେ । ଏବଂ ଆଜି ରାତିରେ ମୁଁ ଏଠାରେ ଛିଡା ହେବି କି…

262 ଏବଂ ପଞ୍ଚା-ବନ ବର୍ଷ, କିମ୍ବା ତେ-ପନ ବର୍ଷ ବୟସ୍କ ଜଣେ ବ୍ୟକ୍ତି, ଏପ୍ରିଲରେ ଚଉ-ବନ ବର୍ଷ ହୋଇଯିବ, ଏବଂ ଏଠାରେ ଛିଡା ହୋଇ ଜାଣେ ଯେ, ଏପରିକି ଏହି ଶେଷ ଦର୍ଶନଟି ସୁଦ୍ଧା, ପୃଥିବୀରେ ଏହା ମୋର ଶେଷ କିଛି ଦିନ ହୋଇପାରେ । ମୁଁ—ମୁଁ ହୁଏତ କିଛି ଦିନ ମଧ୍ୟରେ ଆପଣମାନଙ୍କୁ ଛାଡି ଚାଲି ଯାଇପାରେ । ମୁଁ ଜାଣେ ନାହିଁ ଯେ ଏହାର ଅର୍ଥ କଅଣ । କେବଳ ଟେପ୍‌କୁ ଶୁଣନ୍ତୁ ଏବଂ ନିଜର ନିଷ୍କର୍ଷ ବାହାର କରନ୍ତୁ । ମୁଁ ଜାଣେ ନାହିଁ ଯେ ଏହାର ଅର୍ଥ କଅଣ ଅଟେ । କଅଣ ମୁଁ ଏଠାରେ ଛିଡା ହେବି, ଏବଂ ଅଧା ବିଶ୍ୱାସ କରୁଥିବି ଯେତେବେଳେକି ଏହା ମୋର ଶେଷ ବାର୍ତ୍ତା ହୋଇପାରେ ଯାହା ମୁଁ କେବେ ପ୍ରଚାର କରୁଥାଏ, ଠିକ ଏଠାରେ ଫିନିକ୍ସରେ, ଏବଂ ଏପରି କିଛି କହିବି ଯାହାକି ଭୁଲ୍ ଅଟେ, ଏବଂ ଏହା ଜାଣିଥିବି ଯେ ମୋର ଗନ୍ତବ୍ୟ ସ୍ଥଳ ସେଠାରେ ଆଗରେ ରହିଅଛି, ଏବଂ ମୋତେ ମୋର ଶବ୍ଦଗୁଡିକ ଦ୍ୱାରା ବିଚାର କରାଯିବ?

263 ମୋର ଭାଇମାନେ, ଏବଂ ମୋର ଭଉଣୀମାନେ, ମୋତେ ଏହା ଆପଣମାନଙ୍କୁ କହିବାକୁ ଦିଅନ୍ତୁ । ଆପଣ ସଭାଗୁଡ଼ିକରେ ରହିଅଛନ୍ତି । ଆପଣମାନେ ଜାଣିଛନ୍ତି ଯେ, ସେହି ହୃଦୟର ଗୁପ୍ତ କଥାଗୁଡିକ ଜାଣିବା ଏବଂ ସେହି ବିଷୟଗୁଡ଼ିକ କଅଣ ଅଟେ । କଅଣ ମୁଁ କେବେ ପ୍ରଭୁଙ୍କ ନାମରେ, ଆପଣମାନଙ୍କୁ ଏପରି କିଛି କଥା କହିଅଛି, ମାତ୍ର ଯାହା ସଫଳ ହୋଇ ନାହିଁ? ମୁଁ ଯେକୌଣସି ବ୍ୟକ୍ତିଙ୍କୁ ପଚାରିବି । ନା, ଆଜ୍ଞା । ସମଗ୍ର ବିଶ୍ୱରେ, ଏବଂ ହଜାର ହଜାର ଦର୍ଶନମାନ, ଥରୁଟିଏ ହେଲେ କେବେ ସେହିପରି ହୋଇନାହିଁ । ଏବଂ ଆଜି ରାତି ମୁଁ ଆପଣମାନଙ୍କୁ ସତ କହୁଛି, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଯଥେଷ୍ଟ ଯୋଗ୍ୟ ଅଟେ ଯେ ଏହା ପ୍ରତ୍ୟେକ ଦାଗକୁ ଧୌତ କରି ଦିଏ, ଏବଂ ଏହା କରିବ ।

ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି, (ଏବଂ ଆପଣ ବର୍ତ୍ତମାନ
 ସେଥିରେ ଛିଡା ହୋଇଛନ୍ତି ।)
ଇମ୍ମାନୁଏଲଙ୍କ ଶିରାରୁ ଯାହା ଝରିଥାଏ, (ଏକମାତ୍ର ନିଶ୍ଚିତ ବିଷୟ
 ଯାହା ପୃଥିବୀରେ ରହିଯାଇଛି ।)
ପାପୀମାନେ ଯେଉଁଠାରେ ବନ୍ୟା ଗଭୀରରେ ଡୁବିତ ହୁଅନ୍ତି,
ସେମାନଙ୍କର ସମସ୍ତ ଦୋଷୀ ଦାଗ ଧୋଇ ଦିଅନ୍ତି ।

264 ମୁଁ ବର୍ତ୍ତମାନ ଏହି ସେବକମାନଙ୍କୁ, ଏବଂ ଭାଇମାନଙ୍କୁ ପଚାରିବାକୁ ଯାଉଅଛି, ଯଦି ଆପଣମାନେ ଏଠାରେ ଏହି ଲୋକମାନଙ୍କ ମଧ୍ୟ ଦେଇ ଗମନ କରିବେ କି । ସେ ଯେକେହି ବି ହେଉ…କଅଣ ତାହା ସେହି ଉପାୟରେ କି, ଯେ ଆପଣ ସେବକଗଣଙ୍କୁ ଲୋକମାନଙ୍କ ସହିତ ପ୍ରାର୍ଥନା କରିବା ପାଇଁ ଡାକନ୍ତି? ଏଠାରେ ଥିବା ସମସ୍ତ ସେବକଗଣ, ତେବେ, ଯେଉଁମାନେ ଚାହାଁନ୍ତି, ପ୍ରାଣଗୁଡିକର ଉଦ୍ଧାର ହେବା ବିଷୟ ଦେଖିବାକୁ ଆଗ୍ରହୀ ଅଟନ୍ତି, ଏଠାକୁ ଆସନ୍ତୁ ଏବଂ ଏକ ପ୍ରାର୍ଥନା ଗୋଷ୍ଠୀ ଭାବରେ ଛିଡା ହୁଅନ୍ତୁ, ଯେଉଁଠାରେ ଆମେମାନେ ସମସ୍ତକିଛି ବିଷୟରୁ ପୃଥକ୍ ହୋଇ, ପରସ୍ପର ଜଣେ ଅନ୍ୟକୁ ନିଜ ସହିତରେ ଏକତ୍ର ବାନ୍ଧି ପାରିବା, ଏବଂ ନିଜକୁ ଅଲଗା କରିପାରିବା । ଏମାନେ ପୁରୁଷ ଏବଂ ମହିଳାମାନେ ଅଟନ୍ତି ଯେଉଁମାନେକି ଆଜି ରାତିରେ, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା, ସେମାନଙ୍କର ଗନ୍ତବ୍ୟ ସ୍ଥଳକୁ ମୁଦ୍ରାଙ୍କିତ କରୁଛନ୍ତି, ତାହାଙ୍କ ବାକ୍ୟରେ, ଠିକ ତାହାଙ୍କ ଉପସ୍ଥିତିରେ, ତାହାଙ୍କ ବାକ୍ୟରେ ତାହାଙ୍କୁ ଗ୍ରହଣ କରୁଛନ୍ତି, ଏବଂ କହୁଛନ୍ତି, "ପ୍ରଭୁ, ମୁଁ ଏଠାରେ ଅଛି । ମୋ ଠାରେ ଦେବା ପାଇଁ ନିଜ ବ୍ୟତୀତ ଆଉ କିଛି ବିଷୟ ନାହିଁ, ଏବଂ ମୋତେ ଗ୍ରହଣ କରି ନିଅ ।" କଅଣ ଆପଣ ଆସି ସେମାନଙ୍କ ସହିତ ଛିଡା ହେବେ କି, ଯଦି ଆପଣମାନେ ଚାହାଁନ୍ତି? ଯେକେହି ବି ଚାହୁଁଛନ୍ତି, ଆସନ୍ତୁ ଏବଂ ଛିଡା ହୁଅନ୍ତୁ । ମୋର ଭାଇମାନେ, ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ । ତାହା ବହୁତ ଉତ୍ତମ ଅଟେ । ମୁଁ ସେହି ପୁରୁଷମାନଙ୍କୁ ଦେଖିବାକୁ ପସନ୍ଦ କରେ, ଯେଉଁମାନେକି ସାହସିକ ଅଟନ୍ତି, ପ୍ରାଣ ପ୍ରତି ଆଗ୍ରହୀ ଅଟନ୍ତି । ମୁଁ ଅନୁମାନ କରୁଛି, ଯେ ମୋର ଭାଇମାନେ, ତାହା ଉତ୍ତମ ଅଟେ । ଠିକ୍ ଆଖପାଖରେ ରୁହନ୍ତୁ । ତାହା ଉତ୍ତମ ଅଟେ । ଚାରିପାଖରେ ଛିଡା ହୁଅନ୍ତୁ । ଆସନ୍ତୁ ତେବେ ବର୍ତ୍ତମାନ…

265 ଯଦି ସେହି ପିଆନୋବାଦକ ସଂଗୀତକୁ ବଜାନ୍ତି, ଯଦି ସେ ଇଚ୍ଛା କରନ୍ତି, ତେବେ ଆସନ୍ତୁ ଏହି ଭଜନକୁ, ମଧୁର ଭାବରେ ବର୍ତ୍ତମାନ, ବୁଝି ସୁଝି, ଭକ୍ତି ସହକାରେ ଗାନ କରିବା ।

266 ଆମେମାନେ କୌଣସି କିଛି ପୌରାଣିକ ବିଷୟକୁ ଆସୁ ନାହୁଁ । ଆମେମାନେ ଏପରି କିଛି ଗୋଟାଏ ବିଷୟ ନିକଟକୁ ଆସୁନାହୁଁ ଯାହାକି କେବଳ ଏକ—ଏକ—ଏକ କୃତ୍ରିମ-ବିଶ୍ୱାସ ଅଟେ । ମାତ୍ର ଆମେମାନେ ତ ପରମେଶ୍ୱରଙ୍କର, ସର୍ବଶକ୍ତିମାନ ଯିହୋବା ପରମେଶ୍ୱରଙ୍କ ଉପସ୍ଥିତିରେ ଆସୁଅଛୁ, ଯିଏକି ପ୍ରତିଜ୍ଞା କରିଛନ୍ତି, ଯେ, "ଯେଉଁଠାରେ ଦୁଇ କିମ୍ବା ତିନିଜଣ ମୋ ନାମରେ ଏକତ୍ରିତ ହୁଅନ୍ତି, ସେଠାରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଥାଏ ।" ତାହାଙ୍କ

ସହିତ କଥାବାର୍ତ୍ତା କରନ୍ତୁ ଯେପରି ଆପଣ ନିଜ ବନ୍ଧୁ ସହିତ କରିଥାଆନ୍ତି, କୁହନ୍ତୁ, "ପ୍ରଭୁ, ମୋତେ କ୍ଷମା କର । ମୁଁ ପାପ କରିଅଛି ।" ଏବଂ ଆମେ ଗୀତ ଗାଇବାକୁ ଯାଉଅଛୁ ।

ରକ୍ତରେ ପରିପୂର୍ଣ୍ଣ ଏକ ନିର୍ଝର ଅଛି,
ଇମ୍ମାନୁଏଲଙ୍କ ଶିରାରୁ ଯାହା ଝରିଥାଏ,
ପାପୀମାନେ ଯେଉଁଠାରେ ବନ୍ୟା ଗଭୀରରେ ଡୁବିତ ହୁଅନ୍ତି
ସେମାନଙ୍କର ସମସ୍ତ ଦୋଷୀ ଦାଗ ଧୋଇ ଦିଅନ୍ତି ।

ସେହି ମରୁଥିବା ଚୋର ଏହା ଦେଖିବାକୁ ଆନନ୍ଦିତ ହେଲା
ତାହାର ସମୟରେ ସେହି ନିର୍ଝର;
ଏହା ହେଉ ଯେ ମୁଁ, ଯଦିଓ ମୁଁ ସେତିକି ମନ୍ଦ ଅଟେ,
ମୋର ସମସ୍ତ ପାପକୁ ଧୋଇ ଦିଏ ।

ଯେଉଁ ଦିନଠାରୁ ବିଶ୍ୱାସ ଦ୍ୱାରା ମୁଁ ସେହି ନିର୍ଝରକୁ ଦେଖିଲି
ତୁମର ପ୍ରବାହିତ କ୍ଷତ ଘାଆସବୁ ଯୋଗାଇଲେ,
ମୁକ୍ତକାରୀ ପ୍ରେମ ମୋର ସାର ହୋଇଅଛି,
ଏବଂ ମୁଁ ମରିବା ପର୍ଯ୍ୟନ୍ତ ରହିଥିବ ।

267 ବର୍ତ୍ତମାନ ଠିକ ପ୍ରକୃତରେ ନ୍ୟୁନ ହୋଇଯାଆନ୍ତୁ । ଆପଣ କିଛି ବି ନୁହଁନ୍ତି । ଆମମାନଙ୍କ ମଧ୍ୟରୁ କେହି ହେଲେ କିଛି ନୋହୁଁ । ଏବଂ ବର୍ତ୍ତମାନ କେବଳ ନିଷ୍ପାପର ଭାବରେ, ଆପଣାର ସମସ୍ତ ହୃଦୟ ସହିତରେ, ଏହି ଭବନର, ସର୍ବତ୍ର ଆଡେ, ନିଜର ହୃଦୟ ଏବଂ ମସ୍ତକଗୁଡିକୁ କେବଳ ନତ କରନ୍ତୁ ।

268 ଆମମାନଙ୍କର ସ୍ୱର୍ଗସ୍ଥ ପିତା, ମୁଁ ଜାଣେ ଯେ ତୁମର ବାକ୍ୟଗୁଡ଼ିକ ଅତ୍ୟନ୍ତ ସତ୍ୟ ଅଟେ । ସେଗୁଡିକ ବିଫଳ ହୋଇପାରେ ନାହିଁ । ସେଗୁଡିକ ପରମେଶ୍ୱରଙ୍କ ବାକ୍ୟ ଅଟେ । ସେଗୁଡିକ ପରମେଶ୍ୱର ଅଟନ୍ତି । ଏବଂ ତୁମେ କହିଛ, "ଯିଏ ମୋ ପାଖକୁ ଆସେ, ମୁଁ କୌଣସି ପ୍ରକାରେ ତାହାକୁ ବାହାର କରିବି ନାହିଁ ।" ଏବଂ ଏହି ପୁରୁଷ ଓ ମହିଳାମାନେ, ଦୃଢ ବିଶ୍ୱାସର ଅଧୀନରେ, ଏହା ଜାଣି ଯେ ସେମାନେ ଠିକ୍ ନୁହଁନ୍ତି, ସେମାନେ ଆଜି ରାତି, ଆଗକୁ ଆସିଛନ୍ତି, ପ୍ରଭୁ, ଏହା ସ୍ୱୀକାର କରିବା ନିମନ୍ତେ ଯେ ସେମାନେ ଭୁଲ୍ ଅଟନ୍ତି, ଏହା ଜାଣି ଯେ ସେମାନେ କୌଣସି ଆଭ୍ୟନ୍ତରୀଣ ଗତି ଦ୍ୱାରା ଆନ୍ଦୋଳିତ କରା ଯାଇଛନ୍ତି ଯାହାକି—ଯାହାକି ସେମାନଙ୍କୁ ଝରଣା ନିକଟକୁ ଆସିବା ହେତୁ ବାଧ୍ୟ କରିଥାଏ । ଏବଂ ଏଠାରେ ସେମାନେ ମସ୍ତକ ଓ ହୃଦୟଗୁଡିକୁ ନତ କରିଥିବା ସହ, ଛିଡା ହୋଇଛନ୍ତି, ଯେ ଜୀବନର ଜଳକୁ ଉନ୍ମୁକ୍ତ ଭାବରେ, ପାନ କରନ୍ତି, ଯାହା ପରମେଶ୍ୱରଙ୍କ ଦ୍ୱାରା ପ୍ରତିଜ୍ଞା କରାଯାଇଛି । ପିତା, ସେମାନଙ୍କୁ, ତୁମର ରାଜ୍ୟରେ ଗ୍ରହଣ କର । ସେମାନେ ତୁମର ଅଟନ୍ତି ।

269 ତୁମେ କହିଛ, "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ପ୍ରଥମେ ଆକର୍ଷିତ ନ କରନ୍ତି । ଏବଂ ପିତା ଯେସମସ୍ତଙ୍କୁ ମୋତେ ଦେଇଛନ୍ତି ସେମାନେ

ମୋ ନିକଟକୁ ଆସିବେ।" ଏବଂ ଏହା ଦର୍ଶାଏ ଯେ ପରମେଶ୍ୱର ଏକ ପ୍ରେମ ଉପହାର ସ୍ୱରୂପେ, ଏହି ସବୁ ବିଷୟକୁ ଖ୍ରୀଷ୍ଟଙ୍କୁ ଦେଇଅଛନ୍ତି। ଏବଂ ସେମାନେ ଏଠାରେ ଛିଡା ହୋଇଛନ୍ତି, ପ୍ରଭୁ। "କୌଣସି ଲୋକ ସେମାନଙ୍କୁ ମୋ ହାତରୁ ଛଡାଇ ନେଇ ଯାଇପାରେ ନାହିଁ।" ଏବଂ ମୁଁ ପ୍ରାର୍ଥନା କରେ ଯେ, ହେ ପରମେରଶ୍ୱର, ତୁମେ ଆଜି ରାତି ସେମାନଙ୍କୁ ସୁରକ୍ଷିତ ରଖିବ, ଯେତେବେଳେ ସେମାନେ ଏଠାରେ ଛିଡା ହୋଇଛନ୍ତି, ଏବଂ ସେମାନଙ୍କୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପ୍ରଦାନ କରିବ ଯେତେବେଳେକି ସେମାନେ ଏଠାରେ ଯଜ୍ଞବେଦିରେ ରହିଛନ୍ତି।

270 ଖ୍ରୀଷ୍ଟଙ୍କ ସେହି ମହାନ ଶକ୍ତି ବର୍ତ୍ତମାନ ସେମାନଙ୍କ ଜୀବନକୁ ପରିପୂର୍ଣ୍ଣ କରନ୍ତୁ! ସେମାନେ ନିଜର ସ୍ୱୀକାରୋକ୍ତି କରିଛନ୍ତି। ସେମାନେ ଆଗକୁ ଆସିଛନ୍ତି। ତୁମେ କହିଛ, "ଯିଏ ମନୁଷ୍ୟମାନଙ୍କ ଆଗରେ ମୋତେ ସ୍ୱୀକାର କରିବ, ତାହାଙ୍କୁ ମୁଁ ମୋର ପିତା ଏବଂ ପବିତ୍ର ସ୍ୱର୍ଗଦୂତମାନଙ୍କ ଆଗରେ ସ୍ୱୀକାର କରିବି।" ସେହି କାର୍ଯ୍ୟଟି ଆଜି ସମାପନ ହେଲା ବୋଲି ଜାଣିଲୁ।

271 ତେବେ, ପ୍ରଭୁ, ସେମାନଙ୍କୁ ପବିତ୍ରଆତ୍ମାଙ୍କର, ପ୍ରତିଜ୍ଞାତ ରାଜ୍ୟରେ ମୁଦ୍ରାଙ୍କିତ କର। ହେ ପ୍ରଭୁ, ଏହାକୁ ପ୍ରଦାନ କର। ସେମାନଙ୍କ ଉପରେ ତୁମର ଆତ୍ମାକୁ ଢାଳି ଦିଅ ଏବଂ ସେମାନଙ୍କୁ ଜୀବନ୍ତ ପରମେଶ୍ୱରଙ୍କ ଆତ୍ମାରେ ପରିପୂର୍ଣ୍ଣ କର, ଯେପରି ସେମାନେ ପରମେଶ୍ୱରଙ୍କ ରାଜ୍ୟ ପାଇଁ, ସେମାନଙ୍କର ଜୀବନର ସମସ୍ତ ଦିନ ଜୀବନ୍ତ ସାକ୍ଷୀ ହୋଇପାରନ୍ତି।

272 ତେବେ ଦର୍ଶକବୃନ୍ଦ ଛିଡ଼ା ହୁଅନ୍ତୁ। ବର୍ତ୍ତମାନ ସମସ୍ତେ ପ୍ରାର୍ଥନାରେ ଆସନ୍ତୁ। ଆମେମାନେ ପ୍ରାର୍ଥନା କରିବାକୁ ଯାଉଅଛୁ ଯେ ଏଗୁଡିକ...

273 ବର୍ତ୍ତମାନ, ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଯିଏକି ଆଜି ରାତି ଏଠାକୁ, ସେହି ଅନୁଭୂତି ସହ ଆସନ୍ତି ଯେ ଆପଣ ନିଜ ହୃଦୟରେ ପାପ କରିଛନ୍ତି, ବର୍ତ୍ତମାନ ଆଉ କିଛି ନାହିଁ ଯାହାକି ଆପଣ କରିପାରନ୍ତି ମାତ୍ର ତାହାକୁ ବିଶ୍ୱାସ କରନ୍ତୁ। ସେହି ପବିତ୍ର...ଆପଣ *ଏହାକୁ* ବିଶ୍ୱାସ ଦ୍ୱାରା ଗ୍ରହଣ କରନ୍ତି। ଏହା ହେଉଛି ବିଶ୍ୱାସ, ଯାହା ଆପଣ ଗ୍ରହଣ କରନ୍ତି। ଯୀଶୁ କହିଲେ, "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ପ୍ରଥମେ ଆକର୍ଷିତ ନ କରନ୍ତି। ଏବଂ ଯେସମସ୍ତେ ମୋ ପାଖକୁ ଆସନ୍ତି," ସେ ଏହାକୁ ଗ୍ରହଣ କରିବେ। ସେ ଅନ୍ୟ କିଛି କରିପାରନ୍ତି ନାହିଁ, କାରଣ ସେ ଏହାକୁ ପ୍ରତିଜ୍ଞା କରିଛନ୍ତି। ବୁଝିଲେ? ତେବେ କୌଣସି ଏକ ସମ୍ବେଦନା ଉପରେ ବିଶ୍ରାମ କରନ୍ତୁ ନାହିଁ। ତାହାଙ୍କ ବାକ୍ୟ ଉପରେ ବିଶ୍ରାମ କରନ୍ତୁ। ବୁଝିଲେ? ବାକ୍ୟ ଏହିପରି ହିଁ କହିଅଛି।

274 "ଯିଏ ମୋହର ବାକ୍ୟ ଶୁଣେ ଏବଂ ମୋର ପ୍ରେରଣକର୍ତ୍ତାଙ୍କଠାରେ ବିଶ୍ୱାସ କରେ, ତାହାଠାରେ ରହିଥାଏ," ବର୍ତ୍ତମାନ କାଳ, "ଅନନ୍ତକାଳ ଜୀବନ, ଏବଂ ସେ ବିଚାରକୁ ଆସିବ ନାହିଁ, ବରଂ ମୃତ୍ୟୁକୁ ଅତିକ୍ରମ କରି ଜୀବନକୁ ପ୍ରବେଶ କରିଥାଏ।" ପବିତ୍ରଆତ୍ମା ହେଉଛନ୍ତି ଏକ ଅନୁଭୂତି ଯାହାକି ସେବା ନିମନ୍ତେ ଶକ୍ତିଯୁକ୍ତ ହେବା ଓ ପରିପୂର୍ଣ୍ଣ ହେବା ଅଟେ। ମାତ୍ର ଖ୍ରୀଷ୍ଟଙ୍କୁ ସ୍ୱୀକାର କରିବା ଏବଂ ଗ୍ରହଣ କରିବା ହେଉଛି ବିଶ୍ୱାସକୁ ରଖିବା ଏବଂ ନିଜର

ସ୍ୱୀକାରୋକ୍ତିକୁ କରିବା, ଏବଂ ମୁକ୍ତ ଅନୁଭବ କରିବା ଯେ ପରମେଶ୍ୱର ଆପଣଙ୍କୁ ଆପଣଙ୍କର ପାପରୁ କ୍ଷମା କରିଛନ୍ତି ।

275 ଏବଂ ତାହାଙ୍କ ବାକ୍ୟର ଆଧାରରେ, ସେ କହିଥିଲେ, "କୌଣସି ବ୍ୟକ୍ତି ମୋ ପାଖକୁ ଆସିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ମୋ ପିତା ତାଙ୍କୁ ପ୍ରଥମେ ଆକର୍ଷିତ ନ କରନ୍ତି ।" ବୁଝିଲେ? ତେବେ, ପରମେଶ୍ୱର ଆପଣଙ୍କୁ, ପ୍ରଥମେ ଆକର୍ଷିତ କଲେ । "ଏବଂ ଯିଏ ମୋ ପାଖକୁ ଆସିବ, ମୁଁ ତାଙ୍କୁ କୌଣସି ପ୍ରକାରେ ବାହାର କରିବି ନାହିଁ ।" ବୁଝିଲେ? ବୁଝିଲେ? ଆପଣ—ଆପଣ ଏହାକୁ ଗ୍ରହଣ କରିଛନ୍ତି । କେବଳ ବିଷୟଟି ହେଉଛି, ଆପଣଙ୍କର ଅଛି...

276 ସେ—ସେ ଆପଣଙ୍କ ପାଇଁ ମରିଛନ୍ତି । ଆପଣଙ୍କର ପାପସବୁ, ଉଣେଇଶ ଶହ ବର୍ଷ ପୂର୍ବେ କ୍ଷମା କରାଯାଇଅଛି । ଆପଣ କେବଳ ବର୍ତ୍ତମାନ ତାହା ଗ୍ରହଣ କରିବାକୁ ଆସିଛନ୍ତି ଯାହା ସେ ଆପଣଙ୍କ ପାଇଁ କରିଥିଲେ । ବୁଝିଲେ? ଏବଂ କଅଣ ଆପଣ ବିଶ୍ୱାସ କରନ୍ତି ଯେ ସେ ଆପଣଙ୍କର ପାପ ପାଇଁ ମରିଥିଲେ? କଅଣ ଆପଣ ତାହାଙ୍କୁ ନିଜର ପ୍ରାୟଶ୍ଚିତ ସ୍ୱରୂପେ ଗ୍ରହଣ କରିବେ କି? ଅନ୍ୟ ଅର୍ଥରେ, ଆପଣ ତାହାଙ୍କୁ ସେପରି ଭାବରେ ଗ୍ରହଣ କରନ୍ତୁ, ଯେପରି ସେ ଆପଣଙ୍କର ପାପଗୁଡିକୁ ନେଇଥିଲେ ।

277 କଅଣ ଆପଣ ଖୁସି ହୋଇ ତାହାଙ୍କୁ ଧନ୍ୟବାଦ ଦେବେ କି ଯେ ସେ ଆପଣଙ୍କର ପାପଗୁଡିକୁ ନେଇଅଛନ୍ତି? କଅଣ ଆପଣ ଏହା ବିଶ୍ୱାସ କରନ୍ତି ଯେ ସେ ତାହା କରିଥିଲେ? ତାହାହେଲେ କେବଳ ନିଜର ହାତକୁ ଉଠାନ୍ତୁ, କୁହନ୍ତୁ, "ମୁଁ ବିଶ୍ୱାସ କରେ ଯେ ସେ ମୋର ପାପ ନେଇଅଛନ୍ତି," ଆମେନ୍, "ମୋର ପାପକୁ ନେଇ ନିଅନ୍ତି ।" ଠିକ୍ ଅଛି ।

278 ତେବେ, ଆପଣ ବର୍ତ୍ତମାନ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ପାଇଁ ଜଣେ ପ୍ରାର୍ଥୀ ଅଟନ୍ତି ।

279 ଯଦି ଆପଣ ଖ୍ରୀଷ୍ଟିଆନ ବାପ୍ତିସ୍ମ ଗ୍ରହଣ କରି ନାହାଁନ୍ତି, ତେବେ ଏଠାରେ ଥିବା ପୁରୁଷମାନଙ୍କ ମଧ୍ୟରୁ ଜଣେ ତାହା ପ୍ରତି ଦୃଷ୍ଟି କରିବେ ଯେ, ଆପଣ ଯେପରି ଖ୍ରୀଷ୍ଟିଆନ ବାପ୍ତିସ୍ମ ପ୍ରାପ୍ତ ହୁଅନ୍ତି ।

280 ମାତ୍ର ବର୍ତ୍ତମାନ, "ପିତର ଏହି କଥା କହୁଥିବା ବେଳେ," ଏହା ପୂର୍ବରୁକି ସେମାନେ ବାପ୍ତିଜିତ ହୋଇଥିଲେ, "ପିତର ଏହି କଥା କହୁଥିବା ବେଳେ, ପବିତ୍ରଆତ୍ମା ସେମାନଙ୍କ ଉପରକୁ ଓହ୍ଲାଇ ଆସିଲେ ।" କାହିଁକି? ସେମାନେ ସମସ୍ତେ ଆଶାରେ ରହିଥିଲେ । ବର୍ତ୍ତମାନ ଆପଣମାନେ ଆଶା ରହିଛନ୍ତି । ଆପଣ ବର୍ତ୍ତମାନ ଏପରି କିଛି ବିଷୟ ଚାହୁଁଛନ୍ତି ଯାହାକି—ଯାହାକି ଆପଣଙ୍କୁ ପରମେଶ୍ୱରଙ୍କ ରାଜ୍ୟରେ ମୁଦ୍ରାଙ୍କିତ କରିବ, ଏପରି କିଛି ଯାହାକି ଆପଣଙ୍କ ପାଇଁ ବାସ୍ତବ ହେବ । ଆପଣ କରିବାକୁ ଚାହାଁନ୍ତି ପୁନଃ-...କଅଣ ଆପଣମାନେ, ଆପଣମାନେ ସମସ୍ତେ ପବିତ୍ରଆତ୍ମାକୁ ଗ୍ରହଣ କରିବାକୁ ଚାହାଁନ୍ତି ନାହିଁ କି? କଅଣ ଆପଣ ଏହାକୁ ଚାହାଁନ୍ତି ନାହିଁ କି? ନିଶ୍ଚିତରେ, ଆପଣମାନେ ଚାହାଁନ୍ତି । ତାହା ହେଉଛି ଆପଣଙ୍କର ରଖିବାର ଶକ୍ତି । ବୁଝିଲେ?

ସେମାନେ ଉପର କୋଠରୀରେ ଏକତ୍ରିତ ହୋଇଥିଲେ,

ତାହାଙ୍କ ନାମରେ ପ୍ରାର୍ଥନା କରୁଥିଲେ, ସେହି...
ପବିତ୍ରଆତ୍ମାରେ ବାପ୍ତିଜିତ ହୋଇଥିଲେ,
ଏବଂ ସେବା ପାଇଁ ଶକ୍ତି ଆସିଥିଲା ।

281 ବୁଝିଲେ? ଓଃ, ତାହାହିଁ ଅଟେ ଯାହାକି ଆପଣମାନେ ବର୍ତ୍ତମାନ ଚାହୁଁଛନ୍ତି । ଏବଂ ଆପଣ ଏହା ପାଇପାରନ୍ତି, ଠିକ ବର୍ତ୍ତମାନ ହିଁ । ଏହା ଠିକ ବର୍ତ୍ତମାନ, ଆପଣଙ୍କ ପାଇଁ ହିଁ ଅଟେ ।

282 ତେବେ, ଭାଇ ଓ ଭଉଣୀମାନେ, ଉପରକୁ ଚାଲି ଆସନ୍ତୁ । ଆସନ୍ତୁ, ବର୍ତ୍ତମାନ ସମସ୍ତେ, ଏବଂ ଏହି ଭାଇମାନଙ୍କ ଉପରେ ନିଜର ହାତକୁ ରଖିବା, ଏବଂ ପ୍ରାର୍ଥନା କରିବା ଯେ ସେମାନେ ପବିତ୍ରଆତ୍ମା ଗ୍ରହଣ କରନ୍ତୁ । ଭାଇମାନେ, ଠିକ୍ ସେମାନଙ୍କ ପାଖକୁ ଚାଲଲି ଆସନ୍ତୁ । ଡାହାଣକୁ ଚାଲି ଆସନ୍ତୁ ।

283 ବର୍ତ୍ତମାନ, ସମଗ୍ର ମଣ୍ଡଳୀ, ସମସ୍ତେ, ବର୍ତ୍ତମାନ ନିଜର ହାତକୁ ଉଠାନ୍ତୁ!...?...

284 ଆହେ ଆମମାନଙ୍କର ସ୍ୱର୍ଗସ୍ଥ ପିତା, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ଏଠାରେ ଥିବା ପ୍ରତ୍ୟେକ ହୃଦୟକୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମରେ ପରିପୂର୍ଣ୍ଣ କର ।

285 ପବିତ୍ରଆତ୍ମା ଗ୍ରହଣ କରନ୍ତୁ । ପବିତ୍ରଆତ୍ମା ଗ୍ରହଣ କରନ୍ତୁ, ଏହି ଲୋକମାନେ ଯେଉଁମାନେକି ଏଠାରେ ଛିଡା ହୋଇଛନ୍ତି ଏବଂ ପରମେଶ୍ୱରଙ୍କ ଉପସ୍ଥିତି ଏବଂ ଶକ୍ତିକୁ ସେମାନଙ୍କର ଜୀବନକୁ ପରିପୂର୍ଣ୍ଣ କରିବାର ଅପେକ୍ଷାରେ ରହିଛନ୍ତି ।

63-0114 ଗୋଟିଏ ତୂରୀ ଏକ ଅସ୍ପଷ୍ଟ ଧ୍ୱନି କରେ

ଖ୍ରୀଷ୍ଟିୟାନ୍ ଆସେମ୍ବଲୀ

ଫିନିକ୍ସ, ଏରିଜୋନା ୟୁ.ଏସ୍.ଏ.

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org

## ପ୍ରତିଲିପ୍ୟାଧିକାର ସୂଚନା

ସମସ୍ତ ଅଧିକାର ସୁରକ୍ଷିତ ଅଟେ। ଏହି ପୁସ୍ତକଟି ବ୍ୟକ୍ତିଗତ ବ୍ୟବହାର ନିମନ୍ତେ ଗୃହ ପ୍ରିଣ୍ଟରରେ ଛପା ଯାଇପାରେ କିମ୍ବା ଯୀଶୁ ଖ୍ରୀଷ୍ଟଙ୍କର ସୁସମାଚାରର ପ୍ରଚାର ନିମନ୍ତେ ଏକ ଉପକରଣ ଭାବରେ, ମାଗଣାରେ, ଦିଆ ଯାଇପାରେ। ଏହି ପୁସ୍ତକଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ୍® ର ପ୍ରକାଶ୍ୟ ଲିଖିତ ଅନୁମତି ବିନା ବିକ୍ରୀ କରା ଯାଇ ନ ପାରେ, ବଡ ମାତ୍ରାରେ ପୁନରୁତ୍ପାଦିତ କରା ଯାଇ ନ ପାରେ, ଏକ ୱେବସାଇଟରେ ପୋଷ୍ଟ କରା ଯାଇ ନ ପାରେ, କୌଣସି ଗନ୍ଥାଘରରେ ଗଚ୍ଛିତ କରା ଯାଇ ନ ପାରେ, ଅନ୍ୟ ଭାଷାରେ ଅନୁବାଦ୍ କରା ଯାଇ ନ ପାରେ, କିଅବା ଧନ ସଂଗ୍ରହ ନିମନ୍ତେ ବ୍ୟବହାର କରା ଯାଇ ନ ପାରେ।

ଅଧିକ ସୂଚନା ନିମନ୍ତେ କିମ୍ବା ଅନ୍ୟାନ୍ୟ ଉପଲବ୍ଧ ସମାଗ୍ରୀ ନିମନ୍ତେ, ଦୟାକରି ଯୋଗାଯୋଗ କରନ୍ତୁ:

VOICE OF GOD RECORDINGS, INDIA OFFICE

19 (NEW NO: 28) SHENOY ROAD, NUNGAMBAKKAM

CHENNAI 600 034, INDIA

044 28274560 • 044 28251791

india@vgroffice.org

VOICE OF GOD RECORDINGS

P.O. BOX 950, JEFFERSONVILLE, INDIANA 47131 U.S.A.

www.branham.org